ବର୍ଷ-୨୬, ସଂଖ୍ୟା-୬୩
ଭୁବନେଶ୍ୱର
୦୭, ମାର୍ଚ୍ଚ, ୨୦୨୬ ଶନିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 63
Bhubaneswar
07, March, 2026 Saturday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com
Mahabharat

‘ଟକ୍ସିକ୍’ ବିଳମ୍ବ ହେବାର କାରଣ କହିଲେ ୟାଶ



# ବିକଶିତ ଓଡ଼ିଶା ଗଠନର ନୂତନ ଅଧ୍ୟାୟ



- ୩୨୭୫ କୋଟିରୁ ଅଧିକ ପ୍ରକଳ୍ପର ଉଦଘାଟନ ଓ ଭି□ପ୍ରସ୍ତର ସ୍ଥାପନ କଲେ ଅମିତ ଶାହ
- ବଡମ୍ବା ଚିନିକଳର ହେବ ପୁନରୁଦ୍ଧାର
- ପାରାଦ୍ୱୀପରେ ଇଫକୋ ସଲଫ୍ୟୁରିକ୍ ଏସିଡ୍ ପ୍ଲାଂଟ ଲୋକାର୍ପିତ

ଭୁବନେଶ୍ୱର,୬।୩(ମହାଭାରତ): ଦିନିକିଆ ଓଡ଼ିଶା ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି କେନ୍ଦ୍ର ଗୃହ ଏବଂ ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ । ଭୁବନେଶ୍ୱରର ୟୁନିଟ୍-୩ ସ୍ଥିତ ଇଡକୋ ପ୍ରଦର୍ଶନୀ ପଡ଼ିଆରେ ସମବାୟ କ୍ଷେତ୍ର ଏବଂ ଜାତୀୟ ସୁରକ୍ଷା ସହିତ ଜଡିତ ଅନେକ ଗୁରୁତ୍ୱପୂର୍ଣ୍ଣ ଉପକ୍ରମର ଶୁଭାରମ୍ଭ କରିଛନ୍ତି ଶ୍ରୀ ଶାହ । ଏହି କାର୍ଯ୍ୟକ୍ରମରେ ଅନ୍ୟାନ୍ୟ ବିଶିଷ୍ଟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା, ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ର, ସମବାୟ ମନ୍ତ୍ରୀ ଶ୍ରୀ ପ୍ରଦୀପ ବଳ ସାମନ୍ତ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ ଓ ଭୁବନେଶ୍ୱର ସାଂସଦ ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ ।

ଆଜିର କାର୍ଯ୍ୟକ୍ରମରେ କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ନିଜର ଅଭିଭାଷଣରେ ସେ କହିଛନ୍ତି, ଓଡ଼ିଶା ହେଉଛି ସମୃଦ୍ଧ କଳା ଓ ସଂସ୍କୃତିର ମାଟି । ସେ ଏହା ମଧ୍ୟ କହିଛନ୍ତି, ଆମ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଆମ ଦେଶ ବିକାଶ ପଥରେ ଆଗେଇ ଚାଲିଛି । ନିକଟ ଅତୀତରେ କୃତ୍ରିମ ବୁଦ୍ଧିମତା ସମ୍ମିଳନୀର ଆୟୋଜନ କରାଯାଇଛି ଯେଉଁଥିରେ ବିଭିନ୍ନ ଦେଶର ନେତୃତ୍ୱ ନେଉଥିବା ଜନପ୍ରତିନିଧି ଓ ବିଶିଷ୍ଟ ବ୍ୟକ୍ତିବିଶେଷମାନେ ଯୋଗଦେଇଛନ୍ତି । ଆଗାମୀ ଦିନରେ ଆମ ଦେଶ ଭାରତକୁ ସମ୍ପୂର୍ଣ୍ଣ ଭାବେ ନକ୍ସଲବାଦରୁ ମୁକ୍ତ କରିବା ପାଇଁ ମଧ୍ୟ ଲକ୍ଷ୍ୟ ରଖାଯାଇଛି । ଓଡ଼ିଶାରେ ମଧ୍ୟ ନୂତନ ସରକାର ଗଠନ ହେବା ପରେ ବିକଶିତ ଓଡ଼ିଶା-୨୦୩୬ ଓ ବିକଶିତ ଭାରତ-୨୦୪୭ ନିର୍ମାଣ କରିବାକୁ ଲକ୍ଷ୍ୟ ରଖି ସରକାରଙ୍କ ତରଫରୁ କାର୍ଯ୍ୟ କରାଯାଉଛି । ଧାନ ଚାଷୀମାନଙ୍କୁ ୩୧୦୦ ଟଙ୍କାର ଏମ୍ଏସପି ପ୍ରଦାନ କରିବା ଠାରୁ ଆରମ୍ଭ କରି ମହିଳାମାନଙ୍କୁ ସଶକ୍ତ କରିବା ନିମନ୍ତେ ସୁଭଦ୍ରା ଯୋଜନା ପ୍ରଣୟନ କରାଯାଇଛି । ଆଗାମୀ ଦିନରେ ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧି ସହ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଠନର ଲକ୍ଷ୍ୟ ପୂରଣ ହେବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ଅମିତ ଶାହ କହିଛନ୍ତି । ମୁଖ୍ୟମନ୍ତ୍ରୀ । ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟ ପ୍ରତି ବର୍ଗର ପ୍ରତିଟି ବ୍ୟକ୍ତିଙ୍କୁ ବିକାଶ ପ୍ରକ୍ରିୟାରେ ସାମିଲ୍ କରି ବିକଶିତ ଓଡ଼ିଶା ଗଠନ ଦିଗରେ ଅଗ୍ରସର ହେଉଛି ବୋଲି ମତ ପ୍ରକାଶ କରିଛନ୍ତି ଶ୍ରୀ ଶାହ ।

ଓଡ଼ିଶାର ବିକାଶ ଯାତ୍ରାରେ ଯୋଡ଼ି ହୋଇଛି ନୂତନ ଫର୍ଦ୍ଦ । ଆଜି ଗୋଟିଏ ଦିନରେ ୩୨୭୫ କୋଟି ଟଙ୍କା ମୂଲ୍ୟର ବିଭିନ୍ନ ପ୍ରକଳ୍ପର ଉଦଘାଟନ ଏବଂ ଭିତିପ୍ରସ୍ତର ସ୍ଥାପନ କରାଯାଇଛି । ଏହାସହିତ ୬ଟି ପ୍ରକଳ୍ପ ପାଇଁ ବୁଝାମଣାପତ୍ର ସ୍ୱାକ୍ଷରିତ ହେଇଛି । ଏହାମାଧ୍ୟମରେ ଓଡ଼ିଶାର ଚାଷୀ ସମୃଦ୍ଧ ହେବ, ଓଡ଼ିଶାର ଯୁବକ ସମୃଦ୍ଧ ହେବେ, ଓଡ଼ିଶାର ମା'ମାନେ ସମୃଦ୍ଧ ହେବେ ଏବଂ ସାରା ଓଡ଼ିଶା ସମୃଦ୍ଧ ହେବ ବୋଲି କହିଛନ୍ତି ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶା ପୋଲିସକୁ ଶକ୍ତିଶାଳୀ, ପ୍ରଭାବଶାଳୀ ଏବଂ ବୃତିଗତ କରିବାରେ ଶ୍ରୀ ଶାହଙ୍କ ଅବଦାନ ଅତୁଳନୀୟ । ଏହାଦ୍ୱାରା ୨୦୨୫ ର ପ୍ରଥମ ଛଅ ମାସରେ, ଓଡ଼ିଶାରେ ମହିଳା ବିରୋଧୀ ଅପରାଧରେ ଦଣ୍ଡ ହାର ୪୧ ପ୍ରତିଶତ ବୃଦ୍ଧି ପାଇଛି, ଯାହା ୨୦୨୩ ରେ ମାତ୍ର ୬.୭ ପ୍ରତିଶତ ଥିଲା । ପୋଲିସ ସଂସ୍କାର ସହିତ, 'ସହକାରୀତା ସେ ସମୃଦ୍ଧି' ଆମ ସମୃଦ୍ଧ ଓଡ଼ିଶାର ଦୃଷ୍ଟିକୋଣ ସହିତ ମେଳ ଖାଉଛି । କାରଣ, ସମବାୟ ମାଧ୍ୟମରେ, ସମାଜର ପଛୁଆ ବର୍ଗର ଲୋକମାନେ ଆର୍ଥିକ ପ୍ରକ୍ରିୟାରେ ସାମିଲ ହୋଇଥାନ୍ତି । ଯେତେବେଳେ ରାଜ୍ୟର କୋଟି କୋଟି ଲୋକ ଆର୍ଥିକ ଭାବରେ ସଶକ୍ତ ହେବେ, ସେତେବେଳେ ଓଡ଼ିଶା ସମୃଦ୍ଧ ହେବ ଏବଂ ଭାରତ ବିକଶିତ ହେବ । କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଓ ଗୃହ ମନ୍ତ୍ରୀ ଶ୍ରୀ ଅମିତ୍ ଶାହଙ୍କ ଦିଗ୍ଦର୍ଶନ ସହିତ, ଓଡ଼ିଶାରେ ପରିବର୍ତ୍ତନର ସ୍ୱପ୍ନ ଦେଖି ଆପଣମାନେ ଯେଉଁ ସରକାର ଗଠନ କରିଛନ୍ତି, ସେ ସ୍ୱପ୍ନ ନିଶ୍ଚୟ ସାର୍ଥକ ହେବ ।

ସୂଚନାଯୋଗ୍ୟ, ଶ୍ୱେତ କ୍ରାନ୍ତି ୨.୦ ଅନ୍ତର୍ଗତ ଅନେକ ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି । ଦେଶର ପ୍ରଥମ ରାଜ୍ୟ ଭାବେ ଓଡ଼ିଶା ସମବାୟ ନୀତି-୨୦୨୬ କାର୍ଯ୍ୟକାରିତାର ଶୁଭାରମ୍ଭ କରିଛନ୍ତି କେନ୍ଦ୍ର ଗୃହ ମନ୍ତ୍ରୀ । ଏହି ନୂଆ ନୀତି କେନ୍ଦ୍ର ସରକାରଙ୍କ ଜାତୀୟ ନୀତିର ଦୃଷ୍ଟିକୋଣକୁ ଆଧାର କରି ପ୍ରସ୍ତୁତ କରାଯାଇଛି । 'ସହକାରୀତା ସେ ସମୃଦ୍ଧି'ର ଦୂରଦୃଷ୍ଟିକୁ ନେଇ ସମୃଦ୍ଧ ଓଡ଼ିଶା-୨୦୩୬ର ପରିକଳ୍ପନା ମଧ୍ୟ ଏଥିରେ ରହିଛି । ଏହାସହିତ ୧୫୬୬ ପାକ୍ସର କମନ୍ ସର୍ଭିସ୍ ସେଂଟରର ଲୋକାର୍ପଣ ସହିତ ଅନେକ ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି । ସ୍କୁଲ ଅଫ୍ ତ୍ରିଭୁବନ ସହକାରୀ ବିଶ୍ୱ ବିଦ୍ୟାଳୟର କ୍ୟାମ୍ପସ୍ ସ୍ଥାପନ ପାଇଁ ମଧ୍ୟ ବୁଝାମଣାପତ୍ର ସ୍ୱାକ୍ଷର କରାଯାଇଛି ।

ବଡମ୍ବା ଅଂଚଳର ଲକ୍ଷ ଲକ୍ଷ ଲୋକଙ୍କ ସ୍ୱପ୍ନ ପୂରଣ ହୋଇଛି । ବଡ଼ମ୍ବା ସମବାୟ ଚିନି କଳର ପୁନରୁଦ୍ଧାର ପାଇଁ ଇଣ୍ଡିଆନ୍ ପଟାସ୍ ଲିମିଟେଡ୍ ସହିତ ବୁଝାମଣାପତ୍ର ସ୍ୱାକ୍ଷର କରାଯାଇଛି । ସମବାୟ କ୍ଷେତ୍ରରେ ଓଡ଼ିଶା ମିଲ୍କ ଫେଡେରେସନ୍ ବା ଓମ୍ଫେଡ୍ ହେଉଛି ଓଡ଼ିଶାର କାମଧେନୁ । ଦିନକୁ ୫ ଲକ୍ଷ ଲିଟରରୁ ଅଧିକ ଦୁଗ୍ଧ ସଂଗ୍ରହ କରି ଚାଷୀଙ୍କୁ ରୋଜଗାର ଦେବା ସହିତ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ମନ୍ଦିରକୁ ମାସକୁ ୩୦ ଟନ୍ ଶୁଦ୍ଧ ଘିଅ ଯୋଗାଇ ଦେଇ ଆମ ଆଧାତ୍ମିକ ଜୀବନଧାରାରେ ଶୁଦ୍ଧତାକୁ ବଜାୟ ରଖିବାରେ ସହାୟକ ହୋଇପାରିଛି । ଆଜି ଖୋର୍ଦ୍ଧା ଟାଙ୍ଗୀରେ ଏକ ନୂଆ ଦୁଗ୍ଧ ପ୍ରକ୍ରିୟାକରଣ ପ୍ଲାଂଟର ଉଦ୍ଘାଟନ ମଧ୍ୟ କରାଯାଇଛି । ଏଥିରେ ଦିନକୁ ୩୦ ହଜାର ଲିଟର ଦୁଗ୍ଧ ପ୍ରକ୍ରିୟାକରଣ କରାଯାଇ ଲୋକଙ୍କ ପାଇଁ ଉପଲବ୍ଧ ହେବ ।

ପ୍ରଦର୍ଶନୀ ପଡ଼ିଆ ଠାରେ ଆୟୋଜିତ ସ୍ୱତନ୍ତ୍ର ସମାବେଶରେ ଯୋଗ ଦେବା ଅବସରରେ କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଶ୍ରୀ ଶାହ ପ୍ରଥମେ ନାଗରିକ କୈନ୍ଦ୍ରିକ ନୂତନ ନ୍ୟାୟ ସଂହିତାର ପ୍ରଦର୍ଶନୀକୁ ଉଦଘାଟନ କରିଛନ୍ତି। ଓଡ଼ିଶା ପୋଲିସ ସହ ଜାତୀୟ ପ୍ରତିରକ୍ଷା ବିଶ୍ୱବିଦ୍ୟାଳୟ ଏବଂ ଆଇଆଇଟି, ଭୁବନେଶ୍ୱର ମଧ୍ୟରେ ଆଉ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ପ୍ରତିରକ୍ଷା ବିଶ୍ୱବିଦ୍ୟାଳୟ ଆମ ପୋଲିସକୁ ଆଧୁନିକ ତାଲିମ ମଧ୍ୟ ପ୍ରଦାନ କରିବ । ଏଥିସହ ରାଜ୍ୟର ୨୦ ଜିଲ୍ଲାରେ ୨୦ ଟି ନୂତନ ସାଇବର କ୍ରାଇମ ଓ ଅର୍ଥନୈତିକ ଅପରାଧ ପୋଲିସ ଥାନାର ଲୋକାର୍ପଣ ଆଭାସୀ ମାଧ୍ୟମରେ କରିଛନ୍ତି । ରାଜ୍ୟର ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ ଓ ଲୋକାଭିମୁଖୀ କରିବା ପାଇଁ ୨୪ ଟି ନୂତନ ଥାନାର ଲୋକାର୍ପଣ ମଧ୍ୟ କରିଛନ୍ତି ।

## ଏସଆଇଆର ପାଇଁ ୨୦୨୫ ଓ ୨୦୦୨ ମସିହା ଭୋଟର ତାଲିକା ସହିତ ମ୍ୟାପିଂ କରାଯାଉଛି : ମୁଖ୍ୟ ନିର୍ବାଚନ ଅଧିକାରୀ

ଭୁବନେଶ୍ୱର, ୬।୩(ମହାଭାରତ): ଓଡିଶାର ୪ଆଗାମୀ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ ଆଇ ଆର)-୨୦୨୬ କାର୍ଯ୍ୟକ୍ରମ ପାଇଁ ୨୦୦୨ ମସିହାର ଭୋଟର ତାଲିକା ସହିତ ମ୍ୟାପିଂ ପ୍ରକ୍ରିୟା ଉପରେ ଏକ ବିସ୍ତୃତ ଉପସ୍ଥାପନା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ମିଡ଼ିଆ ସେଂଟର ରେ ଆୟୋଜିତ ହୋଇଥିଲା।

ଏହି ସମ୍ମିଳନୀରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର ଏସ ଗୋପଲନ ଅଧ୍ୟକ୍ଷତା କରି କହିଥିଲେ ଯେ,ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶାନୁଯାୟୀ ୨୦୦୨ ଭୋଟର ତାଲିକାକୁ ଏକ ମୂଳ ଆଧାର ଭାବେ ବ୍ୟବହାର କରି ୨୦୨୫ ଭୋଟର ତାଲିକା ସହିତ ମ୍ୟାପିଂ କରାଯିବ। ମ୍ୟାପିଂ ସମୟରେ ଭୋଟରଙ୍କ ନାମ, ସମ୍ପର୍କୀୟଙ୍କ ନାମ, ବୟସ/ଜନ୍ମତାରିଖ, ମତଦାନ କେନ୍ଦ୍ର, ଭାଗ ସଂଖ୍ୟା ଓ ଇପିଆଇସି ବିବରଣୀ ମିଳାଯିବ। ଏହି ପ୍ରକ୍ରିୟାରେ ବୁଥ ସ୍ତରୀୟ ଅଧିକାରୀମାନେ କ୍ଷେତ୍ର ସ୍ତରରେ ସହାୟତା କରିବେ ଏବଂ ଇସିଆଇ ନେଟ ପୋର୍ଟାଲ୍, ଭୋଟର ସେବା ପୋର୍ଟାଲ୍, ସିଇଓ ଓଡ଼ିଶା ୱେବସାଇଟ୍ ଓ ଇସିଆଇ ନେଟ ମୋବାଇଲ୍ ଆପ୍ ମାଧ୍ୟମରେ ଭୋଟରମାନେ ତଥ୍ୟ ଯାଂଚ କରିପାରିବେ। ନାଗରିକମାନଙ୍କୁ ନିଜ ନାମ ୨୦୨୫ ଓ ୨୦୦୨ ଭୋଟର ତାଲିକାରେ ଯାଂଚ କରି ସମ୍ବନ୍ଧିତ ବିବରଣୀ ବୁଥ ସ୍ତରୀୟ ଅଧିକାରୀଙ୍କୁ ଦେବାକୁ ଅନୁରୋଧ କରାଯାଇଛି।

ଯଦି ୨୦୦୨ ତାଲିକାରେ ନାମ ନ ମିଳେ, ତେବେ ନିଜ ପିତା/ମାତା ଙ୍କ ବିବରଣୀ ଦେଇ ମ୍ୟାପିଂ କରାଇପାରିବେ। ଯଦି୨୦୦୨ ଭୋଟର ତାଲିକାରେ ନିଜର, ପିତା/ମାତା ଙ୍କର ନାମ ପାଇବାରେ ଅସମର୍ଥ ହୁଅନ୍ତି ତେବେ ନିଜର ଜେଜେବାପା/ଜେଜେମାଙ୍କ ବିବରଣୀ ଦେଇ ମ୍ୟାପିଂ କରାଇପାରିବେ। ଶ୍ରୀ ଗୋପଲନ ଆହୁରି ସ୍ପଷ୍ଟ କରିଛନ୍ତିଯେ ଏହିମ୍ୟାପିଂ ପ୍ରକ୍ରିୟା ପାଇଁକୌଣସିଦସ୍ତାବିଜ କିମ୍ବା ଆଧାର କାର୍ଡଦେବା ଆବଶ୍ୟକ ନୁହେଁଏବଂ ଏସଆଇଆର ଆରମ୍ଭ ହେଲେ ନିର୍ଦ୍ଧାରିତ ପ୍ରକ୍ରିୟା ଅନୁଯାୟୀ ନାମ ପଞ୍ଜିକରଣ କରାଯିବ।ଏହି ସାମ୍ବାଦିକ ସମ୍ମିଳନୀ ରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଆର ଏସ ଗୋପଲନ ଙ୍କ ସମେତ ଅତିରିକ୍ତ ସିଇଓ ଶ୍ରୀ ସୁଶାନ୍ତ କୁମାର ମିଶ୍ର, ଯୁଗ୍ମ ସିଇଓ ଶ୍ରୀ ଗୋପୀନାଥ କୁଅଁର,ଡ଼େପୁଟି ସିଇଓ ଡ଼. ଲକ୍ଷ୍ମୀ ପ୍ରସାଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ୫ ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର କାଏମ

ଭୁବନେଶ୍ୱର୬।୩(ମହାଭାରତ): ଓଡିଶାର ୪ ରାଜ୍ୟସଭା ଆସନ ପାଇଁ ସରିଲା ନାମାଙ୍କନପତ୍ରର ଯାଞ୍ଚ। ଶୁକ୍ରବାର ଯାଞ୍ଚ ପରେ ମଇଦାନକୁ ଓହ୍ଲାଇଥିବା ୫ ମହାରଥୀଙ୍କ ପ୍ରାର୍ଥିପତ୍ର କାଏମ ରହିଛି। ରାଜ୍ୟସଭା ନିର୍ବାଚନ ପାଇଁ ବିଜେପିରୁ ରାଜ୍ୟ ସଭାପତି ମନମୋହନ ସାମଲ, ସୁଜିତ କୁମାର ଏବଂ ବିଜେଡିରୁ ସଂତୃପ୍ତ ମିଶ୍ରଙ୍କ ପ୍ରାର୍ଥିପତ୍ର କାଏମ ରହିଛି। ସେହିଭଳି ଚତୁର୍ଥ ଆସନ ପାଇଁ ପ୍ରାର୍ଥୀପତ୍ର ଦାଖଲା କରିଥିବା କମନ ପ୍ରାର୍ଥୀ ରାଜ୍ୟର ସୁନାମଧନ୍ୟ ଡାକ୍ତର ପ୍ରଫେସର ଦ□ଶ୍ୱର ହୋତା ପ୍ରାର୍ଥୀପତ୍ର ମଧ୍ୟ କାଏମ ରହିଛି। ଅନ୍ୟପଟେ ଏହି ଆସନ ପାଇଁ ବିଜେପି ସମର୍ଥନରେ ନାମାଙ୍କନ ଭରି ମଇଦାନକୁ ଓହ୍ଲାଇଥିବା ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଦିଲ୍ଲୀପ ରାୟ ପ୍ରାର୍ଥୀତ୍ୱ କାଏମ ରହିଛି। ଯାଞ୍ଚ ପ୍ରକ୍ରିୟା ସମୟରେ ସମସ୍ତ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଠିକ୍ ଥିବା ଜଣାପଡ଼ିଛି।ମାର୍ଚ୍ଚ ୯ ତାରିଖ ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ଦିନ ରହିଥିବାବେଳେ ୧୬ରେ ହେବ ଭୋଟ ଗ୍ରହଣ। ନିର୍ବାଚନରେ ଚତୁର୍ଥ ଆସନରେ ହେବ ରୋଚକ ଲଢେଇ। ବିଜେଡି ଓ କଂଗ୍ରେସର କମନ୍ କ୍ୟାଣ୍ଡିଡେଟ୍ ଦତ୍ତଶ୍ୱର ହୋତା ଏବଂ ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟଙ୍କ ମଧ୍ୟରେ ଫାଇଟ୍ ଦେଖିବାକୁ ମିଳିବ।

## ପ୍ରକାଶ ପାଇଲା ୟୁପିଏସ୍‌ସି ସିଭିଲ୍ ସର୍ଭିସ୍ ରେଜଲ୍ଟ

# ରାଜସ୍ଥାନର ଅନୁଜ ଅଗ୍ନିହୋତ୍ରୀ ଟପ୍ପର

ନୂଆଦିଲ୍ଲୀ୬।୩: ସଂଘ ଲୋକ ସେବା ଆୟୋଗ(ୟୁପିଏସ୍‌ସି) ଶୁକ୍ରବର ଦିନ ସିଭିଲ୍ ସେବା(ମୁଖ୍ୟ) ପରୀକ୍ଷା ୨୦୨୫ର ଶେଷ ପରିଣାମ ଘୋଷିତ କରିଛି। ପ୍ରତିଷ୍ଠିତ ପରୀକ୍ଷାରେ ଅନୁଜ ଅଗ୍ନିହୋତ୍ରୀ ଦେଶରେ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ଆୟୋଗ ଅନୁଯାୟୀ ଲିଖିତ ପରୀକ୍ଷା ଅଗଷ୍ଟ ୨୦୨୫ରେ ଆୟୋଜିତ କରାଯାଇଥିଲାବେଳେ ସାକ୍ଷାତକାର ଡିସେମ୍ବର ୨୦୨୫ରୁ ଫେବୃଆରୀ ୨୦୨୬ ମଧ୍ୟରେ ଆୟୋଜିତ କରାଯାଇଛି। ଏହି ସ୍ତରର ଆଧାରରେ ମୋଟ ୯୫୮ ପରୀକ୍ଷାର୍ଥୀଙ୍କୁ ବିଭିନ୍ନ କେନ୍ଦ୍ରୀୟ ସେବାରେ ନିଯୁକ୍ତି ପାଇଁ ଅନୁଶଂସିତ କରାଯାଇଛି। ଏହି ପରୀକ୍ଷାର୍ଥୀଙ୍କୁ ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍), ଭାରତୀୟ ବିଦେଶ ସେବା(ଆଇଏଫ୍‌ଏସ୍), ଭାରତୀୟ ପୋଲିସ୍ ସେବା(ଆଇପିଏସ୍) ତଥା ଅନ୍ୟ କେନ୍ଦ୍ରୀୟ ସେବା ସମୂହ 'ଏ' ଏବଂ 'ବି'ରେ ନିଯୁକ୍ତି ପାଇଁ ବଛାଯାଇଛି।



ପରୀକ୍ଷା ପରିଣାମ ଅନୁଯାୟୀ ଶୀର୍ଷ ଦଶ ସ୍ଥାନରେ ବଛାଯାଇଥିବା ପରୀକ୍ଷାର୍ଥୀଙ୍କ ମଧ୍ୟରେ ଅନୁଜ ଅଗ୍ନିହୋତୀ ପ୍ରଥମ ସ୍ଥାନ ହାସଲ କରିଛନ୍ତି, ସେହିପରି ଦ୍ୱିତୀୟ ସ୍ଥାନରେ ରାଜେଶ୍ୱରୀ ସୁବେ ଏବଂ ତୃତୀୟ ସ୍ଥାନରେ ଆକାଶ ଧୂଲ୍ ରହିଛନ୍ତି। ଚତୁର୍ଥ ସ୍ଥାନରେ ରାଘବ ଝୁନଝୁନୱାଲା, ପଂଚମ ସ୍ଥାନରେ ଇଶାନ ଭଟନାଗର, ଷଷ୍ଠ ସ୍ଥାନରେ ଜିନ୍ନିୟା ଓରୋରା, ସପ୍ତମ ସ୍ଥାନରେ ଏ.ଆର୍. ରାଜାହ ମୋହାଇଦୀନ, ଅଷ୍ଟମ ସ୍ଥାନରେ ପକ୍ଷାଲ ସେକ୍ରେଟ୍ରି, ନବମ ସ୍ଥାନରେ ଆସ୍ଥା ଜୈନ ଏବଂ ଦଶମ ସ୍ଥାନରେ ଉଜ୍ଜ୍ୱଳ ପ୍ରିୟଙ୍କା ଅଛନ୍ତି। ଆୟୋଗ ଅନୁଯାୟୀ ମୋଟ ବଛାଯାଇଥିବା ୯୫୮ ଆଶାୟୀଙ୍କ ମଧ୍ୟରେ ସାଧାରଣ ବର୍ଗର ୩୧୭, ଆର୍ଥିକ ଅନଗ୍ରସରର ୧୦୪, ଅନ୍ୟ ପଛୁଆ ବର୍ଗ(ଓବିସି)ର ୩୦୬, ଅନୁସୂଚିତ ଜାତି(ଏସ୍‌ସି)ର ୧୫୮ ଏବଂ ଅନୁସୂଚିତ ଜନଜାତି(ଏସ୍‌ଟି)ର ୭୩ ପରୀକ୍ଷାର୍ଥୀ ସାମିଲ ଅଛନ୍ତି।

ସରକାରଙ୍କ ଦ୍ୱାରା ଉପଲବ୍ଧ କରାଯାଇଥିବା ବିଜ୍ଞାପନ ଅନୁଯାୟୀ ବିଭିନ୍ନ ସେବାରେ ମୋଟ ୧୦୮୭ ପଦରେ ନିଯୁକ୍ତି କରାଯିବାର ଅଛି। ଏଥିରୁ ଭାରତୀୟ ପ୍ରଶାସନିକ ସେବାରେ ୧୮୦, ଭାରତୀୟ ବିଦେଶ ସେବାରେ ୫୫, ଭାରତୀୟ ପୋଲିସ୍ ସେବାରେ ୧୫୦, କେନ୍ଦ୍ରୀୟ ସେବା ସମୂହ 'ଏ'ରେ ୫୦୭ ଏବଂ ସମୂହ 'ବି' ସେବାରେ ୧୯୫ ପଦ ସାମିଲ ରହିଛି।

# ସେୟାର ବଜାର ଉପରେ ଯୁଦ୍ଧର ପ୍ରଭାବ

ମୁମ୍ବାଇ,୬।୩: ସପ୍ତାହର ଶେଷ କାରବାର ଦିନରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନସେକ୍ସ ୧୦୯୭ ପଏଣ୍ଟ ହ୍ରାସ ପାଇ ୭୮,୯୧୮ ପଏଣ୍ଟରେ ବନ୍ଦ ହୋଇଛି। ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍ଟି ୩୧୫ ପଏଣ୍ଟ ହ୍ରାସ ପାଇ ୨୪,୪୫୦ ପଏଣ୍ଟରେ ବନ୍ଦ ହୋଇଛି। ଇରାନ ସହ ଇସ୍ରାଏଲ ଓ ଆମେରିକା ଯୁଦ୍ଧ ପ୍ରଭାବରେ ଦେଖାଦେଇଥିବା ଭୂରାଜନେତିକ ସଙ୍କଟ ପାଇଁ ନିବେଶକମାନେ ଛାନିଆ ହୋଇ ସେୟାର ବିକ୍ରି କରୁଛନ୍ତି।

ବିଶେଷ କରି ଯୁଦ୍ଧରେ ପ୍ରଭାବିତ ହେବାକୁ ଥିବା କ୍ଷେତ୍ରଗୁଡିକର ସେୟାର ଅଧିକ ବିକ୍ରି ହେଉଛି।ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜରେ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା, ଆଇଟିସି, ଏସିଆନ୍ ପେଣ୍ଟସ, ଟାଇଟାନ୍, ଟିସିଏସ୍, ଟାଟା ଷ୍ଟିଲ୍, ଲ ହିନ୍ଦୁସ୍ତାନ ୟୁନିଲିଭର, ବଜାଜ ଫାଇନାନ୍ସ, କୋଟକ୍ ମହିନ୍ଦ୍ରା ବ୍ୟାଙ୍କ, ଟ୍ରେଣ୍ଟ, ଆଦାନୀ ପୋର୍ଟସ୍ ଆଣ୍ଡ ଏସ୍ଇଜେଡ୍, ଭାରତୀ ଏୟାରଟେଲ୍, ଇଣ୍ଡିଗୋ, ମାରୁତି, ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ଆକ୍ସିସ୍ ବ୍ୟାଙ୍କ, ଇଟରନାଲ୍ ଓ ଆଇସିଆଇସିଆଇ ବ୍ୟାଙ୍କର ସେୟାର ମୂଲ୍ୟ ହ୍ରାସ ପାଇଛି। ସେହି ସମୟରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍, ଏନ୍‌ଟିପିସି, ସନ୍ ଫାର୍ମା, ଇନ୍‌ଫୋସିସ୍, ଏଚ୍‌ସିଏଲ୍ ଟେକ୍ ଓ ପାୱାରଗ୍ରିଡ୍‌ର ସେୟାର ମୂଲ୍ୟ ବିଛି।

ଅନ୍ତର୍ଜାତୀୟ ସ୍ତରରେ ବିଭିନ୍ନ ଦେଶର ଷ୍ଟକ୍ ବଜାରରେ କାରବାର ପ୍ରାୟ ମାନ୍ଦା ରହିଛି। ଏସିଆରେ ଦକ୍ଷିଣ କୋରିଆର କୋସ୍‌ପି ୨ ପ୍ରତିଶତ ହ୍ରାସ ପାଇଥିବା ବେଳେ ହଂକଂର ହାଙ୍ଗ ସେଙ୍ଗ୍ ୨ ପ୍ରତିଶତ ବିଥିଲା। ଚୀନ୍‌ର ସାଂଘାଇ କମ୍ପୋଜିଟ୍ ଇଣ୍ଡେକ୍ସ ୦.୨୫ ପ୍ରତିଶତ ବିଛି। ଜାପାନର ନିକେଇ ଅପରିବର୍ତ୍ତିତ ରହିଛି। ୟୁରୋପରେ ଜର୍ମାନୀର ଡିଏଏକ୍ସ ୨ ପ୍ରତିଶତ ହ୍ରାସ ପାଇଥିବା ବେଳେ ଫ୍ରାନ୍ସର ସିଏସି ଓ ବ୍ରିଟେନ୍‌ର ଏଫ୍‌ଟିଏସ୍ଇ ୧୦୦ ସୂଚୀ ୧.୫ ପ୍ରତିଶତ ଲେଖାଏଁ ହ୍ରାସ ପାଇଛି। ବୈଦେଶିକ ସଂସ୍ଥାଗତ ନିବେଶକମାନେ ଭାରତୀୟ ଇକ୍ୱିଟି ସେୟାର ବିକ୍ରି ଜାରି ରଖିଛନ୍ତି।

## ବସ୍ ଓଲଟିଲା : ୬ ମୃତ, ୯ ଗୁରୁତର

ଜଶପୁର/ରାୟପୁର, ୬।୩(ମହାଭାରତ): ଛତିଶଗଡ଼ ରାଜ୍ୟ ଜଶପୁର ଜିଲ୍ଲାର କରଡେଗାରୁ କୁଙ୍କୁରି ଯାଉଥିବା ଏକ ଯାତ୍ରୀବାହୀ ବସ୍ ହଠାତ୍ ଭାରସାମ୍ୟ ହରାଇ ଓଲଟି ପଡ଼ିଲା। ଦୁର୍ଘଟଣାରେ ଜଣେ ଶିଶୁ ସମେତ ଛଅ ଜଣଙ୍କର ମୃତ୍ୟୁ ହୋଇଛି, ନଅ ଜଣ ଗୁରୁତର ଆହତ ହୋଇଛନ୍ତି। ରିପୋର୍ଟ ଅନୁଯାୟୀ, କରଡେଗାରୁ କୁଙ୍କୁରି ଯାଉଥିବା ଏକ ଯାତ୍ରୀବାହୀ ବସ୍ ଦୁଇ ଡଜନରୁ ଅଧିକ ଯାତ୍ରୀଙ୍କୁ ନେଇଯାଉଥିଲା। କରଡେଗା ଆଉଟପୋଷ୍ଟ ଅଂଚଳର ଗୋଡାଅମ୍ବା ନିକଟରେ ବସ୍ ଟି ନିୟନ୍ତ୍ରଣ ହରାଇ ଓଲଟି ପଡ଼ିଥିଲା। ଖବର ପାଇ ସ୍ଥାନୀୟ ବାସିନ୍ଦାମାନେ ଘଟଣାସ୍ଥଳରେ ପହଂଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ ଏବଂ ପୋଲିସକୁ ସୂଚନା ଦେଇଥିଲେ। ଦୁର୍ଘଟଣାରେ ୬ ଜଣଙ୍କ ମୃତ୍ୟୁ ହୋଇଥିଲା ଏବଂ ଅନେକ ଯାତ୍ରୀ ଆହତ ହୋଇଥିଲେ, ଯେଉଁମାନଙ୍କୁ କୁଙ୍କୁରି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା।

## ସୁଖୋଇ-୩୦ ଦୁର୍ଘଟଣାରେ ଦୁଇ ପାଇଲଟଙ୍କ ମୃତ୍ୟୁ

ନୂଆଦିଲ୍ଲୀ,୬।୩ ଭାରତୀୟ ବାୟୁସେନା ସୁଖୋଇ ଏସ୍‌ୟୁ-୩୦ଏମ୍‌କେଆଇ ଯୁଦ୍ଧ ବିମାନ ଗୁରୁବାର ରାତିରେ ଆସାମର କାର୍ବି ଆଙ୍ଗଲଙ୍ଗ ଜିଲ୍ଲାରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଦୁର୍ଘଟଣାରେ ଉଭୟ ପାଇଲଟଙ୍କ ମୃତ୍ୟୁ ହୋଇଛି। ଭାରତୀୟ ବାୟୁସେନା କହିଛି, ଏସ୍‌ୟୁ-୩୦ଏମ୍‌କେଆଇ ଯୁଦ୍ଧ ବିମାନ ଏକ ତାଲିମ ମିଶନରେ ଥିଲା ଏବଂ ଜୋରହାଟରୁ ପ୍ରାୟ ୬୦ କିଲୋମିଟର ଦୂରରେ ଆସାମର କାର୍ବି ଆଙ୍ଗଲଙ୍ଗ ଅଞ୍ଚଳରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ପୋଷ୍ଟ କରି ଭାରତୀୟ ବାୟୁ ସେନା କହିଛି, ଏସ୍‌ୟୁ -୩୦ ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିବା ସ୍କ୍ୱାଡ୍ରନ୍ ଲିଡର ଅନୁଜ ଏବଂ ଫ୍ଲାଇଟ୍ ଲେଫ୍ଟନାଣ୍ଟ ପୂର୍ବାଂଶ ଦୁର୍ଗାକରଙ୍କ ପରିବାର ପ୍ରତି ଆଇଏଏଫ ଗଭୀର ସମବେଦନା ପ୍ରକାଶ କରୁଛି।

# ନକ୍ସଲବାଦ ବିଲୋପ କରିବାରେ ସିଆଇଏସଏଫ ଭୂମିକା ଗୁରୁତ୍ୱପୂର୍ଣ୍ଣ : ଶାହ

କଟକ/ଭୁବନେଶ୍ୱର,୬।୩(ମହାଭାରତ): କେନ୍ଦ୍ର ଗୃହ ଏବଂ ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ ଶୁକ୍ରବାର ଦିନ ଓଡ଼ିଶାର ମୁଣ୍ଡଳିରେ ସିଆଇଏସଏଫର ୫୭ତମ ପ୍ରତିଷ୍ଠା ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉଦବୋଧନ ଦେଇଛନ୍ତି। କେନ୍ଦ୍ର ଗୃହମନ୍ତ୍ରୀ ୮୯୦ କୋଟି ଟଙ୍କା ବ୍ୟୟରେ ତିନୋଟି ସିଆଇଏସଏଫ ଆବାସିକ କମ୍ପ୍ଲେକ୍ସ (କାମରୂପ, ନାସିକ ଏବଂ ସେହୋର) ର ଶିଳାନ୍ୟାସ କରିଥିଲେ। ସେ ମଧ୍ୟ ଦୁଇଟି ଆବାସିକ କମ୍ପ୍ଲେକ୍ସ (ରାଜରହାଟ ଏବଂ ଦିଲ୍ଲୀ)କୁ ଉଦଘାଟନ କରିଥିଲେ। ଏହି ଅବସରରେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଗୃହ ସଚିବ ଏବଂ ସିଆଇଏସଏଫର ମହାନିର୍ଦ୍ଦେଶକଙ୍କ ସମେତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

କେନ୍ଦ୍ର ଗୃହ ଏବଂ ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ ତାଙ୍କ ଅଭିଭାଷଣରେ କହିଥିଲେ, ଆଜି ୫୬ ବର୍ଷ ପୂରଣ କରିଥିବା ସିଆଇଏସଏଫ ଶିଳ୍ପ ସୁରକ୍ଷା କ୍ଷେତ୍ରରେ ଶୂନ୍ୟରୁ ଶୀର୍ଷରେ ପହଞ୍ଚିପାରିଛି। ଏହି ସମୟ ମଧ୍ୟରେ ଏହି କେନ୍ଦ୍ରୀୟ ବଳ ନିଜ ପୁରୁଷାର୍ଥର ଦୃଢ଼ ଗାଥା ରଚନା କରିଛି । ସେ କହିଥିଲେ, ଶିଳ୍ପ ବିକାଶ ବିନା ଏକ ଶକ୍ତିଶାଳୀ ଦେଶ, ଏକ ଶକ୍ତିଶାଳୀ ଅର୍ଥବ୍ୟବସ୍ଥା ଏବଂ ଭାରତକୁ ବିଶ୍ୱର ସର୍ବବୃହତ ଅର୍ଥବ୍ୟବସ୍ଥା କରିବାର ଲକ୍ଷ୍ୟ ହାସଲ କରାଯାଇପାରିବ ନାହିଁ। ଶିଳ୍ପ ବିକାଶ ପାଇଁ ଏକ ସୁରକ୍ଷିତ ପରିବେଶ ପ୍ରଦାନ କରିବା ନିମନ୍ତେ ଜାତୀୟ ସ୍ତରର ଏକ ଶିଳ୍ପ ସୁରକ୍ଷା ବାହିନୀର ଆବଶ୍ୟକତା ରହିଛି। ଗତ ୫୬ ବର୍ଷ ମଧ୍ୟରେ, ସିଆଇଏସଏଫ କେବଳ ନିଜ ପ୍ରତିଷ୍ଠାର ଉଦ୍ଦେଶ୍ୟ ପୂରଣ କରିନାହିଁ ବରଂ ସମସ୍ତ ପ୍ରକାରର ଆହ୍ୱାନରୁ ଶିକ୍ଷା ନେଇ ସମୟ ସହିତ ଖାପ ଖୁଆଇବାକୁ ଚେଷ୍ଟା କରିଛି। ସିଆଇଏସଏଫ ଆଧୁନିକତାକୁ ଗ୍ରହଣ କରିଛି ଏବଂ ପରମ୍ପରାକୁ ଜୀବନ୍ତ ରଖିଛି। ସିଆଇଏସଏଫ ଭାରତର ସମୃଦ୍ଧ ଇତିହାସ ସହିତ ବୀରତ୍ୱ, ତ୍ୟାଗ ଏବଂ ସମର୍ପଣର ପରମ୍ପରାକୁ ମିଶ୍ରଣ କରି ଆଧୁନିକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇ ସମସ୍ତ ପ୍ରକାରର ଆହ୍ୱାନକୁ ମୁକାବିଲା କରିବାର ଦୃଢ଼ ମନୋବଳ ପ୍ରଦର୍ଶନ କରିଛି।ଶ୍ରୀ ଅମିତ ଶାହ କହିଥିଲେ, ସିଆଇଏସଏଫ ବିନା ଭାରତର ଶିଳ୍ପ ବିକାଶ କଳ୍ପନା କରାଯାଇପାରିବ ନାହିଁ। ସିଆଇଏସଏଫ ସର୍ବଦା ରାଷ୍ଟ୍ରର ଢାଲ ରୂପେ ଦୃଢ଼ ଭାବରେ ଠିଆ ହୋଇଛି। ସେ ଆହୁରି କହିଥିଲେ, ନିକଟରେ ଗୃହ ମନ୍ତ୍ରଣାଳୟ ସମସ୍ତ ବନ୍ଦରର ସୁରକ୍ଷା ସିଆଇଏସଏଫ ଉପରେ ନ୍ୟସ୍ତ କରିବାକୁ ନିଷ୍ପତ୍ତି ନେଇଛି। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଦେଶର ଜନତାଙ୍କ ସମ୍ମୁଖରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ସଂକଳ୍ପ ରଖିଛନ୍ତି - ୨୦୪୭ ସୁଦ୍ଧା ଏକ ପୂର୍ଣ୍ଣ ବିକଶିତ ରାଷ୍ଟ୍ର ନିର୍ମାଣ କରିବା, ପ୍ରତ୍ୟେକ କ୍ଷେତ୍ରରେ ବିଶ୍ୱର ପ୍ରଥମ ସ୍ଥାନରେ ପହଞ୍ଚିବା ଏବଂ ୨୦୨୭ ସୁଦ୍ଧା ବିଶ୍ୱର ତୃତୀୟ ବୃହତ ଅର୍ଥବ୍ୟବସ୍ଥା ହେବା। ସିଆଇଏସଏଫ ଏହି ଲକ୍ଷ୍ୟ ହାସଲ କରିବାରେ ଏକ ଉତ୍ପ୍ରେରକ ଭୂମିକା ଗ୍ରହଣ କରୁଛି ବୋଲି ଶ୍ରୀ ଶାହ କହିଥିଲେ ।କେନ୍ଦ୍ର ଗୃହମନ୍ତ୍ରୀ କହିଥିଲେ, ସିଆଇଏସଏଫ କର୍ମଚାରୀଙ୍କ ବଳିଦାନ ସର୍ବଦା ଦେଶକୁ ଆର୍ଥିକ ଦୃଷ୍ଟିରୁ ମଜବୁତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ସିଆଇଏସଏଫ କେବେବି ତାର କର୍ତ୍ତବ୍ୟରୁ ପଛଘୁଞ୍ଚା ଦେଇନାହିଁ। ନଅଟି ରାଷ୍ଟ୍ରପତିଙ୍କ ବିଶିଷ୍ଟ ସେବା ପଦକ, ଦୁଇଟି ଶ୍ରେଷ୍ଠ କର୍ପସ ପଦକ ଏବଂ ଅନ୍ତର୍ଜାତୀୟ କ୍ରୀଡାରେ ଖେଳାଳିମାନଙ୍କୁ ପ୍ରଦାନ କରାଯାଇଥିବା ପଦକ, ପ୍ରତ୍ୟେକ କ୍ଷେତ୍ରରେ ଉତ୍କର୍ଷତା ହାସଲ କରିବା ଲାଗି ସିଆଇଏସଏଫ କରିଥିବା ପ୍ରସ୍ତୁତିରେ ୫୬ ବର୍ଷ ମଧ୍ୟରେ ବୀରତ୍ୱ ଏବଂ ବିଶିଷ୍ଟ ସେବା ପାଇଁ ୧୩,୬୯୩ ପଦକ ପାଇଥିବା ସିଆଇଏସଏଫର ଏକ କେନ୍ଦ୍ରୀୟ ସୁରକ୍ଷା ବାହିନୀ ଭାବରେ ନିଜର ଦକ୍ଷତା ପ୍ରଦର୍ଶନ କରିଛି ବୋଲି ଶ୍ରୀ ଶାହ କହିଥିଲେ।



ଗୃହ ମନ୍ତ୍ରୀ କହିଥିଲେ, ଆଜି ୮୯୦ କୋଟି ଟଙ୍କାର ପାଞ୍ଚଟି ଭିନ୍ନ ଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ସମାରୋହ ଏବଂ ଉଦଘାଟନ ହୋଇଛି। ରାଜାରହାଟ ଆବାସିକ କମ୍ପ୍ଲେକ୍ସ ଏବଂ ମୈଦାନଗଡ଼ୀ ଆବାସିକ କମ୍ପ୍ଲେକ୍ସ ସମ୍ପୂର୍ଣ୍ଣ ହୋଇଛି। ଏହା ଆମ କର୍ମଚାରୀ ଏବଂ ସେମାନଙ୍କ ପରିବାରକୁ ସୁବିଧା ଯୋଗାଇ ଦେବ। ସିଆଇଏସଏଫର ବାର୍ଷିକ ପତ୍ରିକା ମଧ୍ୟ ଆଜି ଉନ୍ମୋଚନ ହୋଇଛି।

କେନ୍ଦ୍ର ଗୃହ ଏବଂ ସମବାୟ ମନ୍ତ୍ରୀ କହିଥିଲେ, ସିଆଇଏସଏଫ ଦେଶର ୭୦ଟି ବିମାନବନ୍ଦର ସମେତ ୩୬୧ଟି ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନକୁ ସୁରକ୍ଷା ପ୍ରଦାନ କରୁଛି। ସିଆଇଏସଏଫକୁ ଡ୍ରୋନ୍ ସୁରକ୍ଷା ପାଇଁ ନୋଡାଲ୍ ଏଜେନ୍ସି ଦାୟିତ୍ୱ ମଧ୍ୟ ଦିଆଯାଇଛି। ସେ କହିଛନ୍ତି, ଗତ ଏକ ବର୍ଷ ମଧ୍ୟରେ, ସିଆଇଏସଏଫକୁ କର୍ତ୍ତବ୍ୟ ଭବନ, ସେବା ତୀର୍ଥ, ନୋଏଡା ଅନ୍ତର୍ଜାତୀୟ ବିମାନବନ୍ଦର, ନବୀ ମୁମ୍ବାଇ ବିମାନବନ୍ଦର, ଲେଙ୍ଗପୁଇ ବିମାନବନ୍ଦର, ଜବାହରପୁର ତାପଜ ବିଦ୍ୟୁତ୍ ପ୍ରକଳ୍ପ, ଭାକ୍ରା ନଦୀବନ୍ଧ ପ୍ରକଳ୍ପ ସମେତ ଅନେକ ପ୍ରକଳ୍ପର ସୁରକ୍ଷା ଦାୟିତ୍ୱ ଦିଆଯାଇଛି ।

# ପ୍ରସ୍ତୁତ କରନ୍ତୁ ଏଗ୍ ବୋଣ୍ଡା

ସନ୍ଧ୍ୟାରେ କିଛି ନୂଆ ଖାଇବାକୁ ସମସ୍ତେ ପସନ୍ଦ କରନ୍ତି । କାରଣ କର୍ମମୟ ଜୀବନ ଭିତରେ ସନ୍ଧ୍ୟାରେ ଟିକେ ସମୟ ମିଳିଥାଏ କିଛି ନୂଆ ସ୍ୱାଦ ଚାଖିବାକୁ। ଆଜି ଆମେ ଆପଣଙ୍କୁ ଅଣ୍ଡାର ଏକ ଖାସ୍ ଡିସ୍ ଜଣାଇବୁ । ଯାହା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ଏକଦମ୍ ଜବରଦସ୍ତ । ଆସନ୍ତୁ ଜାଣିବା କିପରି ପ୍ରସ୍ତୁତ କରିବା 'ଏଗ୍ ବୋଣ୍ଡା' ।

**ଆବଶ୍ୟକୀୟ ସାମଗ୍ରୀ :** ସିଝା ଅଣ୍ଡା-୩ଟା, ଭେଜିଟେବୁଲ ତେଲ-୧କପ୍, କଞ୍ଚା ଲଙ୍କା -୨ଟା, ବେସନ-୧କପ୍, ଲୁଣ -ସ୍ୱାଦ ଅନୁସାରେ, ଲାଲ ଲଙ୍କା ପାଉଡର -ଅଧା ଚାମଚ, ଚାଉଳ ଗୁଣ୍ଡ- ଅଧା କପ୍, ଗୋଲମରୀଚ- ଅଧା କପ୍

**ପ୍ରସ୍ତୁତ ପ୍ରଣାଳୀ :** ଏଗ୍ ବୋଣ୍ଡା ବନାଇବା ପାଇଁ ସର୍ବପ୍ରଥମେ ପ୍ୟାନରେ ପାଣି ଗରମ କରନ୍ତୁ । ଏହାପରେ ଅଣ୍ଡାକୁ ଫୁଟାନ୍ତୁ । ଅଣ୍ଡା ସିଝିଗଲା ପରେ ଏହାର ଚୋପା ଛଡାଇ ମଝିରୁ ଦୁଇ ଖଣ୍ଡ କରିଦିଅନ୍ତୁ । ଏହାପରେ ଗୋଲମରିଚ ଗୁଣ୍ଡ, ଲାଲ ଲଙ୍କା ପାଉଡର ଏବଂ ଲୁଣ ପକାନ୍ତୁ। ଏକପାତ୍ରରେ ଚାଉଳଗୁଣ୍ଡ, ଅଟା, କଟା କଞ୍ଚା ଲଙ୍କା, ଗୋଲ ମରୀଚ ଏବଂ ଲୁଣ, ଜୁଆଣୀ ପକାଇ ଭଲ ଭାବେ ମିସାଇ ଦିଅନ୍ତୁ । ଏହାପରେ ଏଥିରେ ଅଳ୍ପ ପାଣି ପକାଇ ଏକ ପେଷ୍ଟ ବା ଘୋଳ ପ୍ରସ୍ତୁତ କରନ୍ତୁ । ଏହାପରେ କାଟି ରଖିଥିବା ଅଣ୍ଡାକୁ ଘୋଳରେ ବୁଡାଇ ତେଲରେ ଛାଣନ୍ତୁ। ଏହାଭଲ କାଟି ହୋଇଗଲା ପରେ ବାହାରକୁ କାଢି ଦିଅନ୍ତୁ। ଏବେ ଆପଣଙ୍କର ପ୍ରସ୍ତୁତ ହୋଇଗଲା ଏଗ୍ ବୋଣ୍ଡା । ଆପଣ ଏହାକୁ ଟମାଟୋସସ୍ ସହିତ ଖାଇପାରିବେ ।



ଖବର

# ଛାଡ଼ପତ୍ର ଚର୍ଚ୍ଚା ଭିତରେ ଏକାଠି ନଜର ଆସିଲେ ବିଜୟ ଏବଂ ତ୍ରିଶା





ଛାଡପତ୍ର ଚର୍ଚ୍ଚା ଭିତରେ ଏକାଠି ନଜର ଆସିଲେ ଅଭିନେତା ବିଜୟ ଏବଂ ଅଭିନେତ୍ରୀ ତ୍ରିଶା କୃଷ୍ଣନ । ଚେନ୍ନାଇରେ ପ୍ରଯୋଜକ କଳ୍ପନା ଏସ. ସୁରେଶ ଏବଂ ମୀନାକ୍ଷୀ ସୁରେଶଙ୍କ ପୁଅର ବିବାହ ରିସେପ୍ସନରେ ଉଭୟଙ୍କୁ ସୋସିଆଲ ମିଡିଆରେ ପ୍ରେମ ସମ୍ପର୍କର ଗୁଜବ ମଧ୍ୟରେ ବିଜୟ ଏକାଠି ଦେଖିବାକୁ ମିଳିଥିଲା । ବିବାହ ଭୋଜିକୁ ଦୁହେଁ ଏକାଠି ପହଞ୍ଚିଥିଲେ । ବିବାହ ରିସେପ୍ସନରେ ଯୋଗଦେବାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରଲ ହୋଇଛି । ସୁପରଷ୍ଟାର ବିଜୟଙ୍କ ପତ୍ନୀ ସଙ୍ଗୀତା ସୋର୍ନାଲିଙ୍ଗମ ଡିସେମ୍ବର ୨୦୨୫ ରେ ଛାଡପତ୍ର ପାଇଁ ଆବେଦନ କରିଛନ୍ତି । ତାମିଲ ଫିଲ୍ମ ଇଣ୍ଡଷ୍ଟ୍ରିର ଅନେକ ବ୍ୟକ୍ତି ରିସେପ୍ସନରେ ଯୋଗ ଦେଇଥିଲେ । ଏବଂ ତ୍ରିଶାଙ୍କ ଏହି ଭାଇରଲ ଭିଡିଓକୁ ନେଇ ଏବେ ବେଶ୍ ଚର୍ଚ୍ଚା ଲାଗିରହିଛି ।୨୭ ଫେବୃଆରୀରେ ସଙ୍ଗୀତାଙ୍କ ଛାଡପତ୍ର ଆବେଦନ ସୋସିଆଲ ମିଡିଆରେ ପ୍ରକାଶ ପାଇଲା, ଯେଉଁଥିରେ କୋର୍ଟଙ୍କୁ ସେମାନଙ୍କ ୨୭ ବର୍ଷର ବୈବାହିକ ଜୀବନକୁ ଭାଙ୍ଗିବା ପାଇଁ ଅନୁରୋଧ କରାଯାଇଥିଲା । ସଙ୍ଗୀତା ତାଙ୍କ ଆବେଦନରେ ବିଜୟଙ୍କ ଉପରେ ବିବାହ ବାହାର ସମ୍ପର୍କ ଥିବାର ଅଭିଯୋଗ କରିଥିଲେ ।ବିଜୟ ଏବଂ ତ୍ରିଶା ପ୍ରଥମେ ''ଘିଲି'', ଥିରୁପାଚି, ଆଥି, ଏବଂ କୁରୁଭି ଭଳି ଫିଲ୍ମରେ ଏକାଠି କାମ କରିଥିଲେ । ୧୫ ବର୍ଷର ବ୍ୟବଧାନ ପରେ ଏହି ଯୋଡ଼ି ଲୋକେଶ କନାଗରାଜଙ୍କ ନିର୍ଦ୍ଦେଶିତ ଲିଓ ରେ ଏକାଠି କରିଥିଲେ।

# ତ୍ୱଚା ପାଇଁ ଫୁଲ ଓ ଟମାଟୋର କରାମତି



ଫୁଲ କେବଳ ଆମ ବାତାବରଣକୁ ମହକାଇଥାଏ ତାହା ନୁହେଁ ବରଂ ଏହା ଦ୍ୱାରା ଶାରୀରିକ, ମାନସିକ ଓ ସୌନ୍ଦର୍ଯ୍ୟ ସହ ଜଡିତ ଅନେକ ସମସ୍ୟା ଦୂର କରିଥାଏ। ଏହାକୁ ବିଶେଷ ଭାବେ ଫୁଲ ଚିକିତ୍ସା (ଫ୍ଲାୱାର ଥେରାପି) ବୋଲି କୁହାଯାଏ। ଜାଣନ୍ତୁ ଏହା ବିଷୟରେ .

୧- ଗୋଲାପ ଫୁଲର ପାଖୁଡା ଖିରରେ ପକାଇ ଫୁଟାଇ ନିୟମିତ ପିଇବା ଦ୍ୱାରା କୋଷ୍ଠକାଠିନ୍ୟ ସମସ୍ୟା ଦୂର ହୋଇଥାଏ। ସୌନ୍ଦର୍ଯ୍ୟ ମଧ୍ୟ ବୃଦ୍ଧି ହୋଇଥାଏ। ଗୋଲାପ ପାଖୁଡାକୁ ଖିରରେ ପକାଇ ପେଷି ଏହାକୁ ମୁହଁରେ ଲଗାଇବା ଦ୍ୱାରା ତ୍ୱଚାର ଚମକ ଦ୍ୱିଗୁଣିତ ହୋଇଥାଏ। ଓଠରେ ଲଗାଇବା ଦ୍ୱାରା ଓଠର କଳାପଣ ଦୂର ହୋଇ ଗୋଲାପି ହୋଇଥାଏ।

୨- ସୂର୍ଯ୍ୟମୁଖୀ ଫୁଲକୁ ନଡିଆ ତେଲରେ ମିଶାଇ କିଛି ଦିନ ଯାଏଁ ଖରାରେ ରଖନ୍ତୁ। ଏହାପରେ ଏହାକୁ ନିଜ ଶରୀରରେ ମାଲିସ କରନ୍ତୁ। ଏହା ଦ୍ୱାରା ଚର୍ମ ଜନିତ ବିଭିନ୍ନ ରୋଗ ଦୂର ହୋଇଥାଏ।

ଟମାଟୋ ତ୍ୱଚା ପାଇଁ ବେଶ ଲାଭଦାୟକ। ଟମାଟୋର ରସକୁ ସମ୍ପୂର୍ଣ୍ଣ ମୁହଁରେ ଭଲ ଭାବେ ମାଲିସ କରନ୍ତୁ।ଏହା ମୁହଁର ଅନାବଶ୍ୟକ ତୈଳକୁ ନିୟନ୍ତ୍ରଣ କରିଥାଏ।

# ଏହିସବୁ ଉପାୟରେ ଦୂର କରନ୍ତୁ ଅଶୁଭ ଗ୍ରହର ପ୍ରଭାବ

ଅକୌଣସି ବ୍ୟକ୍ତିଙ୍କ କୁଣ୍ଡଳୀ ତା'ର ଜୀବନ ବିଷୟରେ ଅନେକ କିଛି ତଥ୍ୟ ଦେଇଥାଏ । ଅଶୁଭ ଗ୍ରହ ଯୋଗୁଁ ଅନେକଙ୍କ ଜୀବନରେ ଖରାପ ପ୍ରଭାବ ପଡିଥାଏ । ଯଦି ଆପରଙ୍କ ଉପରେ ଗ୍ରହର ଅଶୁଭ ପ୍ରଭାବ ପଡିଥାଏ ତେବେ ଜୀବନରେ ସବୁ କାମ ଅଶୁଭ ହୋଇଥାଏ । ଏମିତି କିଛି ଉପାୟ ରହିଛି,ଯାହା ସାହଯ୍ୟରେର ଆପଣ ନିଜ କୁଣ୍ଡଳୀରେ ଥିବା ଅଶୁଭ ଗ୍ରହଙ୍କ ଖରାପ ପ୍ରଭାବକୁ ଦୂର କରିପାରିବେ। ଆପଣଙ୍କ କୁଣ୍ଡଳୀରେ ଚନ୍ଦ୍ରମା ଦୁର୍ବଳ ହେଲେ ମାନସିକ ଚିନ୍ତା ଏବଂ ହୃଦ ସମ୍ବନ୍ଧୀୟ ରୋଗ ଦେଖାଦିଏ । ଚନ୍ଦ୍ରମାର ଅଶୁଭ ପ୍ରଭାବ ଯୋଗୁଁ ବ୍ୟକ୍ତି ମାନସିକ ରୂପେ ବହୁତ ଦୁର୍ବଳ ହୋଇପଡେ। ଚନ୍ଦ୍ରମାଙ୍କ ଅଶୁଭ ପ୍ରଭାବକୁ ଦୂର କରିବା ପାଇଁ



ପ୍ରତି ସୋମବାର ଶିବଙ୍କ ଜଳାଭିଷେକ କରନ୍ତୁ ଏବଂ ଓଁ ଶ୍ରୀ ଶ୍ରୀ ସଃ ଚନ୍ଦ୍ରମସେ ନମଃ ମନ୍ତ୍ର ଜାପ କରନ୍ତୁ ।

ଯଦି ଆପଣଙ୍କ ଭାଗ୍ୟରେ ମଙ୍ଗଳ ଦୋଷ ରହିଥାଏ ତେବେ ବ୍ୟକ୍ତି ମାନସିକ ରରୂପେ ବହୁତ ଚିନ୍ତାରେ ରୁହେ । ଏଥିରୁ ନିଜକୁ ରକ୍ଷା କରିବା ଆପଣ ହନୁମାନଙ୍କ ଉପାସନା କରିବା ସହ ସୁନ୍ଦରକାଣର୍ଡ ପାଠ କରନ୍ତୁ।

ଆପଣଙ୍କ କୁଣ୍ଡଳୀରେ ସୂର୍ଯ୍ୟ ଦୁର୍ବଳ ହେଲେ ମାନ ସମ୍ମାନ ହାନି ହୋଇଥାଏ । ଏପରି ସ୍ଥିତିରେ ରକ୍ଷା ପାଇବାକୁ ହେଲେ ପ୍ରତିଦିନ ସୂର୍ଯ୍ୟଙ୍କୁ ଜଳ ଅର୍ପଣ କରନ୍ତୁ । ଏବଂ ଓଁ ସୂର୍ଯ୍ୟାୟଃ ନମଃ ଜପ କରନ୍ତୁ ।

କୁଣ୍ଡଳୀର ଶୁକ୍ରଙ୍କ ଖରରାପ ପ୍ରଭାବ ପଡିଲେ ବୈବାହିକ ଜୀବନରେ ଜଟିଳତା ଦେଖାଦିଏ । ଏଥିପାଇଁ ଶୁକ୍ରବାର ଦିନ ଚାଉଳ ଦାନ କରିବା ସହ ମା ଲକ୍ଷ୍ମୀଙ୍କ ପୂଜା କରନ୍ତୁ ।

କୁଣ୍ଡଳୀରେ ଶନିଙ୍କ ଖରାପ ପ୍ରଭାବ ପଡିଲେ ସମସ୍ତ କାର୍ଯ୍ୟ ଠପ୍ ହୋଇଯାଏ । କୌଣସି କାମରେ ସଫଳତା ମିଳିନଥାଏ । ଏଥିପାଇଁ ଆପଣ ଶନିବାର ଦିନ ଅଶ୍ୱତ୍ଥ ଗଛରେ ଜଳ ଅର୍ପଣ କରିବା ସହ ଗଛ ତଳେ ସୋରିଷ ତେଲରେ ଦୀପ ଜଳାନ୍ତୁ । ସମସ୍ୟାରୁ ମୁକ୍ତି ମିଳିବ ।

# ସ୍ମୃତି ଶକ୍ତି ବୃଦ୍ଧି କରେ ମାଛ







ମାଛ ଖାଇବା ସ୍ୱାସ୍ଥ୍ୟ ପାଇଁ ବେଶ ଭଲ । ଏଥିରେ ମିନେରାଲ୍ସ ଭିଟାମିନ ଓ ବହୁ ପୌଷ୍ଟିକ ତତ୍ତ୍ୱ ଭରି ରହିଛି । ଜାଣନ୍ତୁ ଖାଦ୍ୟରେ ମାଛ ସାମିଲ କରିବାର ଫାଇଦା ?

ଥଣ୍ଡାରୁ ରକ୍ଷା କରେ : ମାଛ ଖାଇବା ଫଳରେ ଶୀତ ଦିନେ ଥଣ୍ଡା, କାଶ, ଜ୍ୱର ଓ ବ୍ୟାକ୍ଟେରିଆ ଇନଫେକ୍ସନରୁ ମୁକ୍ତି ମିଳିଥାଏ।

ବ୍ରେଷ୍ଟ କ୍ୟାନ୍ସର: ଅଧ୍ୟୟନ ଅନୁସାରେ ଜଣାପଡିଛି କି ଯେଉଁ ମହିଳା ସପ୍ତାହକୁ ଥରେ ବା ଦୁଇଥର ମାଛ ଖାଇଥାନ୍ତି ସେମାନଙ୍କୁ ବ୍ରେଷ୍ଟ କ୍ୟାନ୍ସର ହେବା ଭୟ କମ୍ ରହିଥାଏ ।

ସ୍ମୃତି ଶକ୍ତି ବୃଦ୍ଧି: ମାଛ ଖାଇବା ଦ୍ୱାରା ସ୍ମୃତି ଶକ୍ତି କ୍ଷୀପ୍ର ହୋଇଥାଏ । ଏଥିସହିତ ମାନସିକ ବିକାରଗ୍ରସ୍ତ ରୋଗୀ ମଧ୍ୟ ମାଛ ଖାଇବା ବହୁତ ଭଲ । ଏଥିରେ ଥିବା ପ୍ରୋଟିନ୍ ମସ୍ତିଷ୍କରେ ନୂତନ କୋଷିକା ନିର୍ମାଣ କରିବାରେ ସହାୟକ ହୋଇଥାଏ ।

ଉଚ୍ଚ ରକ୍ତଚାପ: ମାଛରେ ଲୋ ଫ୍ୟାଟ୍ ରହିଥିବା ଯୋଗୁଁ ଉଚ୍ଚ ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ସହାୟକ ହୋଇଥାଏ । ଯଦି ଆପଣଙ୍କର ଏହି ସମସ୍ୟା ରହିଛି ତେବେ ମାଛ ନିଶ୍ଚୟ ଖାଆନ୍ତୁ ।

କାହିଁକି ଖାଇବେ ମାଛ: ଏମିତିରେ ଦେଖିବାକୁ ଗଲେ ମାଛ ଖୁବ ଗରମ ହୋଇଥିବାରୁ ଏହାକୁ ଶୀତଦିନେ ଖାଇଲେ ଦେହ ବେଶ ଗରମ ରହିଥାଏ ।

ପୋଷକତତ୍ତ୍ୱ: ପ୍ରୋଟିନ୍, କାର୍ବୋହାଇଡ୍ରେଟ,ଓମୋ-୩ ଫ୍ୟାଟି ଏସିଡି, ଭିଟାମିନ ଡି ଓ ବି-୨ମଧ୍ୟ ଭରପୁର ମାତ୍ରାରେ ରହିଥାଏ ।

ମାଛ ଖାଇବା ସମୟ: ମାଛକୁ ସାଧାରଣତଃ ଦ୍ୱିପ୍ରହରେ ଖିଆଯାଇପାରେ । କିନ୍ତୁ ଏହାକୁ ରାତିରେ ଖାଇବା ଫଳରେ ଡାଇଜେଷ୍ଟ କରିବା ସହଜ ହୋଇନଥାଏ । ଏଥିପାଇଁ ମାଛ ଦିନକୁ ଥରେ ଓ ସପ୍ତାହକୁ ଦୁଇଥର ଖାଇବା ଉଚିତ ।



# ଘରେ ମୟୂର ପୁଚ୍ଛ ରଖିବା ଶୁଭ

ଭଗବାନ ଶ୍ରୀକୃଷ୍ଣଙ୍କର ମୟୂର ପୁଚ୍ଛ ଅତି ପ୍ରିୟ । ସେଥିଲାଗି ତାଙ୍କ ଶୃଙ୍ଗାରରେ ମୟୂର ପୁଚ୍ଛକୁ ବିଶେଷ ସ୍ଥାନ ଦିଆଯାଇଛି । ଏହା ବିନା ତାଙ୍କର ସ୍ୱରୂପ ଅସମ୍ପୂର୍ଣ୍ଣ ବୋଲି ଜଣାଯାଏ । ଜ୍ୟୋତିଷ ଏବଂ ବାସ୍ତୁ



ଶାସ୍ତ୍ରରେ ମଧ ମୟୂର ପୁଚ୍ଛକୁ ଶୁଭର ପ୍ରତୀକ ବୋଲି କୁହାଯାଇଛି । ଆସନ୍ତୁ ଜାଣିବା ମୟୂର ପୁଚ୍ଛ ସହିତ ଜଡିତ କିଛି ବାସ୍ତୁ ଟିପ୍ସ : ଠାକୁର ଘରେ ମୟୂର ପୁଚ୍ଛ ଏବଂ ବଂଶୀକୁ ଏକା ସାଥିରେ ରଖିବା ଦ୍ୱାରା ଘର ମଧ୍ୟରେ ଭଲ ପାଇବା ବଢିବା ସହିତ ସକାରାତ୍ମକ ଶକ୍ତି ସଞ୍ଚାର ହୋଇଥାଏ । ଘରର ମୁଖ୍ୟ ଦ୍ୱାରରେ ଗଣେଶଙ୍କ ସହିତ ମୟୂର ପୁଚ୍ଛ ରଖିବା ଦ୍ୱାରା ବାସ୍ତୁଦୋଷ ଦୂର ହୋଇଥାଏ । ସକାରାତ୍ମକ ଭାବନା ଜାଗ୍ରତସ ହେବା ସହିତ କୁ ଶକ୍ତି ପ୍ରବେଶ କରିପାରିନଥାଏ । ଅନେକ ପିଲାଙ୍କୁ ରାତିରେ ଶୋଇବା ସମୟରେ ଡର ଲାଗିଥାଏ । ତେଣୁ ତାଙ୍କ ତକିଆ ତଳେ ମୟୂର ପୁଚ୍ଛ ରଖିବା ଦ୍ୱାରା ସମସ୍ତ ଖରାପ ନଜରରୁ ରକ୍ଷା ପାଇଥାନ୍ତି । ବାସ୍ତୁ ଅନୁସାରେ, ମୟୂର ପୁଚ୍ଛକୁ ଫ୍ରେମ୍ କରି କାନ୍ଥରେ ଲଗାଇବା ଦ୍ୱାରା ଆର୍ଥିକ ସମସ୍ୟା ଦୂର ହେବା ସହିତ ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଇଥାଏ । ମୟୂର ପୁଚ୍ଛ ସହିତ ୨୧ ଥର ଗ୍ରହ ମନ୍ତ୍ର ପଢି, ତାହା ଉପରେ ଜଳ ସିଞ୍ଚନ କରି ଏକ ଏମିତି ସ୍ଥାନରେ ରଖିବେ ଯେମିତିକି ତାହା ଉପରେ ସମସ୍ତଙ୍କ ନଜର ରହୁଥିବ । ଏହା ଦ୍ୱାରା ରାହୁ ଦୋଷ ଦୂର ହେବା ସହିତ ଜୀବନରେ ସବୁ ମଙ୍ଗଳମୟ ହୋଇଥାଏ ।



ୟୁନିଟ୍-୩ ପ୍ରଦର୍ଶନୀ ପଡିଆରେ ଶ୍ୱେତକ୍ରାନ୍ତି ୨.୦ ଉଦଘାଟନ ଅବସରରେ




ନ୍ୟାସନାଲ୍ ଫରେନସିକ୍ ସାଇନ୍ସ ଲାବରୋଟୋରୀ ର ଭୂମପୂଜା ।



ବିମାନବନ୍ଦରରେ ଗୃହ ମନ୍ତ୍ରୀ ଅମିତ ଶାହାଙ୍କୁ ବିଦାୟ ଦେଉଛନ୍ତି ମୁଖ୍ୟମନ୍ତ୍ରୀ।

# ଅନ୍ତର୍ଜାତୀୟ ମହିଳା ଦିବସ ସମ୍ପୂର୍ଣ୍ଣା ପାଇଁ ବିଏମ୍‌ସିର ପ୍ରସ୍ତୁତି

ଭୁବନେଶ୍ୱର,୬।୩(ମହାଭାରତ): ସ୍ୱଚ୍ଛତାର ବାର୍ତ୍ତା ନେଇ ଅନ୍ତର୍ଜାତୀୟ ମହିଳା ଦିବସ -୨୦୨୬, ଅବସରରେ ସାମିଲ ହେବେ ଶହ ଶହ ମହିଳା । ହସ୍ତତନ୍ତ ହେବ ପରିପାଟି । ସ୍ୱଚ୍ଛ ସର୍ବେକ୍ଷଣ ସଂପର୍କିତ ଶିକ୍ଷା, ସୂଚନା ଓ ଯୋଗାଯୋଗ କାର୍ଯ୍ୟକ୍ରମକୁ ଏକ ନିଆରା ଢଙ୍ଗରେ ପାଳନ କରିବା ପାଇଁ ବିଏମ୍ ସି ପକ୍ଷରୁ ପ୍ରୟାସ ଜାରି ରହିଛି । ଆଜି ଭୁବନେଶ୍ୱର ମହାନଗର ନିଗମ (ବିଏମ୍ ସି) ପକ୍ଷରୁ ଏ ନେଇ ଏକ ପ୍ରସ୍ତୁତି ବୈଠକ ମୁଖ୍ୟାଳୟସ୍ଥିତ ଏକାମ୍ର ହଲରେ ଅନୁଷ୍ଠିତ ହୋଇଯାଇଛି । ମେୟର ଶ୍ରୀମତୀ ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ କମିଶନର ଶ୍ରୀ ଚଞ୍ଚଳ ରାଣା, ଅତିରିକ୍ତ କମିଶନର ଶ୍ରୀ ରତ୍ନାକର ସାହୁ, ଶ୍ରୀମତୀ ସସ୍ମିତା ସାହୁ, ଶ୍ରୀ କୈଳାସ ଚନ୍ଦ୍ର ଦାସ, ସାଂସ୍କୃତିକ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଶ୍ରୀ ରାମଚନ୍ଦ୍ର ରଣସିଂହ, ଜୋନାଲ କମିଶନର ଅଶନୀ ଏ.ଏଲ୍, ପ୍ରମୁଖ ମଂଚାସୀନ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ବହୁ କର୍ପୋରେଟର, ବିଏମ୍ ସି ଓ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ଉପସ୍ଥିତ ଥିଲେ ।

ଅନ୍ତର୍ଜାତୀୟ ମହିଳା ଦିବସ-୨୦୨୬ 'ସମ୍ପୂର୍ଣ୍ଣା' ଅବସରରେ ଚଳିତ ମାସ ୮ ତାରିଖ ରବିବାର ଦିନ ବିଏମ୍ ସି ପକ୍ଷରୁ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ସେଦିନ ସକାଳ ୬ ଟାରୁ ମାଷ୍ଟର କ୍ୟାଣ୍ଟିନ ଛକରୁ ଏକ ମହିଳା ଗଣଦୌଡ ଆରମ୍ଭ ହୋଇ ବିଏମ୍ ସି ମୁଖ୍ୟାଳୟ ପର୍ଯ୍ୟନ୍ତ ଯିବ । ଏଥିରେ ସବୁ ବର୍ଗର ଶହ ଶହ ମହିଳା ଅଂଶ ଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି । ସେହିପରି ସଂଧ୍ୟାରେ ଉତ୍କଳ ମଣ୍ଡପଠାରେ ଅନୁଷ୍ଠିତ ହେବ ସମ୍ବର୍ଦ୍ଧନା ସଭା ଓ ସାଂସ୍କୃତିକ ବିଚିତ୍ରା 'ସମ୍ପୂର୍ଣ୍ଣା' । ଏଥିପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚି ଥିବା ନେଇ ମେୟର ଓ କମିଶନର ସମୀକ୍ଷା କରିଛନ୍ତି । ଏହି କାର୍ଯ୍ୟକ୍ରମକୁ ସରସ, ସୁନ୍ଦର ଓ ଚିତ୍ତାକର୍ଷକ କରିବା ପାଇଁ ସମସ୍ତ ଅଧିକାରୀଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଛି । ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମହିଳାମାନଙ୍କୁ ଏହି କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯିବା ସହ ମହିଳା ଗଣଦୌଡରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ମହିଳାଙ୍କୁ ପୁରସ୍କୃତ କରାଯିବ । ସାଂସ୍କୃତିକ ବିଚିତ୍ରାରେ ଡ୍ୟାନ୍ସ ସହ ମୁଖ୍ୟ ଆକର୍ଷଣ ରହିବେ କଣ୍ଠଶିଳ୍ପୀ ଅସୀମା ପଣ୍ଡା ।

ଦିବସ ବ୍ୟାପି ହେବାକୁ ଥିବା ଏହି କାର୍ଯ୍ୟକ୍ରମ ଏବଂ ପ୍ରସ୍ତୁତି ସଂପର୍କରେ ଅତିରିକ୍ତ କମିଶନର ଶ୍ରୀ କୈଳାସ ଚନ୍ଦ୍ର ଦାସ ସଭାକୁ ଅବଗତ କରାଇଥିଲେ । ଅତିରିକ୍ତ କମିଶନର ଶ୍ରୀ ରତ୍ନାକର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ୨୦୦୨ ପରି ଜିତାପଟ ହାସଲ କରିବି : ଦିଲ୍ଲୀପ

ଭୁବନେଶ୍ୱର,୬।୩(ମହାଭାରତ): ରାଜ୍ୟସଭା ପାଇଁ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଛନ୍ତି ବରିଷ୍ଠ ରାଜନେତା ଦିଲ୍ଲୀପ ରାୟ। ନାମାଙ୍କନ ପରେ ଜିତିବା ନେଇ ଦୃଢ଼ୋକ୍ତି ପ୍ରକାଶ କରି ଦିଲ୍ଲୀପ କହିଛନ୍ତି 'ପ୍ରଧାନମନ୍ତ୍ରୀ, ଗୃହ ମନ୍ତ୍ରୀ, ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ, ଓ ମୁଖ୍ୟମନ୍ତ୍ରୀଙ୍କ ସମର୍ଥନ ରହିଛି । ବିଜେପି ନାମାଙ୍କନ ଭରିବା ପାଇଁ ପୂରା ସମର୍ଥନ ଯୋଗାଇ ଦେଇଛି । ୨୦୦୨ ପରି ଜିତାପଟ ହାସଲ କରିବି । କଂଗ୍ରେସ-ବିଜେଡି ହାତ ମିଶାଇବା ପ୍ରଶ୍ନରେ ପ୍ରତିକ୍ରିୟା ରଖି ସେ କହିଛନ୍ତି, ଆମେ ବି ହାତ ମିଶାଇ ଦେବୁ । ନାମାଙ୍କନ ଦାଖଲ ପୂର୍ବରୁ ଦିଲ୍ଲୀପ ବିଧାନସଭା ପରିସରରେ ଥିବା ବିଜୁ ବାବୁ ଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରିଥିଲେ।

## ସବୁ ଦଳରେ ସୁବିଧା ଅନୁସାରେ ହୁଏ ସମୀକରଣ- କଂଗ୍ରେସ ନେତା

ଭୁବନେଶ୍ୱର,୬।୩(ମହାଭାରତ) ରାଜ୍ୟସଭା ନିର୍ବାଚନରେ ବିଜେଡି-କଂଗ୍ରେସର ସମୀକରଣକୁ ନେଇ ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକ ପ୍ରତିକ୍ରିୟା ରଖିଛନ୍ତି । ସବୁ ଦଳରେ ସୁବିଧା ଅନୁସାରେ ହୁଏ ସମୀକରଣ । ଏବେ ଆବଶ୍ୟକ ଅନୁସାରେ ହୋଇଛି ବିଜେଡି- କଂଗ୍ରେସ ସମୀକରଣ । ପୂର୍ବରୁ ବିଜେପିର ବଳ ନଥିଲା, ଏବେ ବିଜେପିର ବଳ ବଢ଼ିଛି । ରାଜନୈତିକ ଆବଶ୍ୟକତା ଦୃଷ୍ଟିରୁ ବିଜେଡି କଂଗ୍ରେସ ଏକ ହୋଇଛନ୍ତି । ଅତୀତରେ ଘୋଡ଼ା ବେପାର ହୋଇଛି, ଏବେ ହୋଇନପାରେ । କଂଗ୍ରେସ ଭୋଟ୍ ନ ଭାଙ୍ଗିପାରେ,ବିଜେଡିର ଭାଙ୍ଗିପାରେ । ବିଜେଡି ଭିତରେ ଅଧିକ ଅସନ୍ତୋଷ ଅଛି । କଂଗ୍ରେସ-ବିଜେଡି ପ୍ରାର୍ଥୀ ଜିତିବାର ସମ୍ଭାବନା ଅଧିକ ଅଛି । ଟଙ୍କା ଖେଳ ହେଲେ କିଛି ବଦଳିପାରେ । ଟଙ୍କା ପାଇଁ ସମସ୍ତଙ୍କର ଲୋଭ ଅଛି, ତେଣୁ କିଛି ବି ହୋଇପାରେ ବୋଲି ନିରଞ୍ଜନ ପଟ୍ଟନାୟକ କହିଛନ୍ତି । ....

## ବିଜୁ ବାବୁଙ୍କ ସ୍ୱପ୍ନ ପୂରଣ ସହିତ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ସଂକଳ୍ପ ନେଇଛି ଆମ ସରକାର : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୬।୩(ମହାଭାରତ) ବିଜୁ ବାବୁଙ୍କ ଅନେକ ସ୍ୱପ୍ନ ଆଜି ବି ଅଧୁରା। ଆମ ସରକାର ତାଙ୍କ ସ୍ୱପ୍ନ ପୂରଣ ସହିତ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ସଂକଳ୍ପ ନେଇଛନ୍ତି ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଙ୍କ ରାଜ୍ୟ ସ୍ତରୀୟ ଜୟନ୍ତୀ ଉତ୍ସବ ପାଳନ କରାଯାଉଛି। ଏହି ଅବସରରେ ମୁଁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛି। ତାଙ୍କ ଜୀବନ ଥିଲା ସଙ୍ଘର୍ଷ ପୂର୍ଣ୍ଣ। ସମ୍ମାନ ଓ ସ୍ୱାଭିମାନ ସହିତ ସାଲିସ କରିନଥିଲେ। ସେବା ସହିତ ବିକାଶକୁ ପ୍ରାଥମିକତା ଦେଇ ଆସିଥିଲେ।

## ଯୁବକଙ୍କୁ ଛୁରାମାଡ କଲେ ଦୁର୍ବୃତ୍ତ

ଭୁବନେଶ୍ୱର, ୬।୩(ମହାଭାରତ) ନିଳାଦ୍ରୀ ବିହାର ସେକ୍ଟର ୨ ଅଂଚଳରେ ଜଣେ ଯୁବକଙ୍କୁ ଛୁରାମାଡ଼ ଅଭିଯୋଗ ହୋଇଛି। ଦୁର୍ବୃତମାନେ ଛୁରୀ ମାଡ଼ କରି ଯୁବକଙ୍କୁ ଲହୁଲୁହାଣ କରିଛି। ଆହତ ଜଣଙ୍କ ହେଉଛନ୍ତି ଉତ୍ପଳ କୁମାର ନାୟକ । ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଛୁରାମାଡ଼ ହୋଇଥିବା ଜଣାପଡିଛି । ଚନ୍ଦ୍ରଶେଖରପୁର ଥାନା ପୋଲିସ ଏତଲା ପାଇବା ପରେ ତଦନ୍ତ ଆରମ୍ଭ କରିଛି । ତେବେ ସ୍ଥାନୀୟ କିଛି ଯୁବକ ଛୁରାମାଡ଼ କରିଥିବା ଜଣାପଡ଼ିଛି । ପୋଲିସ ମଧ୍ୟ ୨ ଜଣଙ୍କୁ ଚିହ୍ନଟ କରି ଛାନଭିନ ଆରମ୍ଭ କରିଛି।

## ଯୁବ କଣ୍ଟେଣ୍ଟ କ୍ରିଏଟର ଆଲୋକ ମିଶ୍ରଙ୍କୁ ଶୁଭେଚ୍ଛା ଜଣାଇଲେ ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର,୬।୩(ମହାଭାରତ): ଗାଁର କାହାଣୀକୁ ଅତି ଚମତ୍କାର ଭାବେ ଉପସ୍ଥାପନ କରିଥିବା ଯୁବ କଣ୍ଟେଣ୍ଟ କ୍ରିଏଟର ଆଲୋକ ମିଶ୍ରଙ୍କୁ



ଶୁଭେଚ୍ଛା ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏନେଇ ସୋସିଆଲ ମିଡିଆ ଏକ୍ସରେ କେନ୍ଦ୍ରମନ୍ତ୍ରୀ ଏକ ଭିଡିଓ ସେୟାର କରି କହିଛନ୍ତି ଯେ, ମୟୂରଭଞ୍ଜର ଜନଜାତି ବହୁଳ ଗାଁ 'ବୋବେଇଯୋଡ଼ା' କେବଳ ସ୍ୱଚ୍ଛତାର ଏକ ନୂଆ ପରିଚୟ ସୃଷ୍ଟି କରିନାହିଁ ବରଂ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ 'ସ୍ୱଚ୍ଛ ଭାରତ ଅଭିଯାନ'କୁ ସଫଳ କରିବାର ନୂଆ ଦିଶା ଦେଖାଇଛି । ପ୍ରକୃତି ସହ ମଣିଷର ନିବିଡ଼ ସମ୍ପର୍କ ଏବଂ ଶୃଙ୍ଖଳିତ ଜୀବନଶୈଳୀ ପାଇଁ ବୋବେଇଯୋଡ଼ା ଆଜି ସମସ୍ତଙ୍କ ପାଇଁ ଏକ ପ୍ରେରଣା ।

ଏହି ସୁନ୍ଦର ଗାଁର କାହାଣୀକୁ ଅତି ଚମତ୍କାର ଭାବେ ଉପସ୍ଥାପନ କରିଥିବା ଯୁବ କଣ୍ଟେଣ୍ଟ କ୍ରିଏଟର ଆଲୋକ ମିଶ୍ରଙ୍କୁ ଶୁଭେଚ୍ଛା। ଏହି ପ୍ରୟାସ ଅନ୍ୟମାନଙ୍କୁ ସଚେତନ କରିବାରେ ସହାୟକ ହେବ ।

## କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂ ଚୌହ୍ୱାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଲେ ଧର୍ମେନ୍ଦ୍ର

ଭୁବନେଶ୍ୱର,୬।୩(ମହାଭାରତ):କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂ ଚୌହ୍ୱାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏନେଇ ସୋସିଆଲ ମିଡିଆ ଏକ୍ସରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂ ଚୌହ୍ୱାନଙ୍କୁ ଜନ୍ମଦିନର ହାର୍ଦ୍ଦିକ ଶୁଭକାମନା । ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ ଆପଣଙ୍କ ସମର୍ପିତ ପ୍ରୟାସ ଚାଷୀ ସଶକ୍ତିକରଣ, ଗ୍ରାମାଂଚଳ ସମୃଦ୍ଧି ଓ ଆତ୍ମନିର୍ଭର ଭାରତର ସଂକଳ୍ପକୁ ନୂଆ ସୁଦୃଢତା ଦେଉଛି । ଭଗବାନଙ୍କ ନିକଟରେ ଆପଣଙ୍କ ଉତମ ସ୍ୱାସ୍ଥ୍ୟ ଓ ଦୀର୍ଘାୟୁ ଜୀବନ କାମନା କରୁଛି ।

ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀରେ ତାଙ୍କୁ ଶ୍ରଦ୍ଧାଂଜଳି ଜ୍ଞାପନ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏନେଇ ସୋସିଆଲ ମିଡିଆ ଏକ୍ସରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ଶ୍ରଦ୍ଧାଞ୍ଜଳି ।

# ରାଜଧାନୀରେ ୨୪ ଘଣ୍ଟାରେ ୩ ଶିଶୁ ନିଖୋଜ

ଭୁବନେଶ୍ୱର, ୬।୩(ମହାଭାରତ): ରାଜଧାନୀ ଭୁବନେଶ୍ୱରରେ ଚାଞ୍ଚଲ୍ୟ। ୨୪ ଘଣ୍ଟାରେ ୨ ଜଣ ନାବାଳିକାଙ୍କ ସମେତ ଜଣେ ନାବାଳକ ନିଖୋଜ ହୋଇଯାଇଛନ୍ତି। ଏନେଇ ସମାଜିକ ଗଣମାଧ୍ୟମରେ ଭୁବନେଶ୍ୱର ଡିସିପିଙ୍କ ଅଫିସିଆଲ ହ୍ୟାଣ୍ଡଲରୁ ଆଜି (ଶୁକ୍ରବାର) ପୋଷ୍ଟର ଜାରି କରାଯାଇଛି। ପୋଲିସ ଟିମ୍ ନାବାଳିକାଦ୍ୱୟଙ୍କୁ ଖୋଜା ଖୋଜି ଜାରି ରଖିଛି। ଯିଏ ସୂଚନା ଦେବ, ତାକୁ ପୁରସ୍କାର ଦିଆଯିବ ବୋଲି ପୋଲିସ ଘୋଷଣା କରିଛି। ଏନେଇ ପୋଲିସ ହେଲ୍ପ ଲାଇନ ନମ୍ବର ଜାରି କରିଛି। ନିଖୋଜ ପିଲାଙ୍କ ସମ୍ପର୍କରେ ସୂଚନା ଦେଲେ ୨୫ ହଜାର ଟଙ୍କାର ପୁରସ୍କାର ରାଶି ମିଳିବା ନେଇ ମଧ୍ୟ ଘୋଷଣା କରାଯାଇଛି।

ମୈତ୍ରୀବିହାର ଥାନା ଅନ୍ତର୍ଗତ ସାଲିଆ ସାହିରେ ନାବାଳିକା ଦ୍ୱୟ ଗତକାଲି (ଗୁରୁବାର) ରାତିରେ ଘରୁ କେଉଁଆଡ ପଳାଇ ଯାଇଛନ୍ତି। ଦୁଇ ନାବାଳିକା ହେଲେ ସାଲିଆ ସାହି ତାରିଣୀ ନଗରର ସନ୍ତୋଷ ଦେହୁରୀଙ୍କ ଝିଅ ସୁମିତ୍ରା ଦେହୁରୀ ଓ ହାତିଆଶୁଣି ନଗରର ଶ୍ରୀଧର ନାୟକଙ୍କ ଝିଅ ଶୁଭଶ୍ରୀ ନାୟକ। ନିଖୋଜ ଘଟଣାରେ ଖବର ଦେଲେ ୨୫ ହଜାର ଲେଖାଏ ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି ପୋଲିସ ପକ୍ଷରୁ ଘୋଷଣା କରାଯାଇଛି।

ଭୁବନେଶ୍ୱରର ସାଲିଆସାହିର ଦୁଇ ନାବାଳିକା ସୁମିତ୍ରା ଏବଂ ଶୁଭଶ୍ରୀ ଘରୁ ବାହାରି ଯାଇ ଏପର୍ଯ୍ୟନ୍ତ ଫେରି ନାହାନ୍ତି ବୋଲି ପୋଷ୍ଟରରେ କୁହାଯାଇଛି। ଏନେଇ (୯୪୩୭୧୨୩୪୯୬ / ୯୦୯୦୨୮୯୨୩୦/ ୯୭୭୭୯୨୮୯୧୧) ଖବର ଦେବାକୁ କୁହାଯାଇଛି। ସନ୍ଧାନ ଖବର ଦେଲେ ୨୫ ହଜାର ଟଙ୍କା ପୁରସ୍କାର ରାଶି ଦିଆଯିବ ବୋଲି ପୋଷ୍ଟରରେ କୁହାଯାଇଛି। ଏଥିଲାଗି ପୋଷ୍ଟର ଜରିଆରେ ଜନସାଧାରଣଙ୍କ ସାହାଯ୍ୟ ଲୋଡିଛି ପୋଲିସ।

ଅନ୍ୟପକ୍ଷରେ ୩ ଦିନ ତଳେ ଧଉଳି ପାହାଡ଼ ଅଞ୍ଚଳରେ ନିଖୋଜ ହୋଇଯାଇଥିବା ଜଣେ ୧୨ ବର୍ଷୀୟ ନାବାଳକଙ୍କୁ କିଛି ଘଣ୍ଟା ମଧ୍ୟରେ ଉଦ୍ଧାର କରାଯାଇଥିଲା। ନିଖୋଜ ନାବାଳକ ହେଲେ ପ୍ରକାଶ ଚନ୍ଦ୍ର ପ୍ରଧାନ ଏବଂ ଜ୍ୟୋଷ୍ନାମୟୀ ପ୍ରଧାନଙ୍କ ପୁଅ ପ୍ରଦ୍ୟୁମ୍ନ। ପ୍ରଦ୍ୟୁମ୍ନ ସନ୍ଧ୍ୟାରେ ନିଖୋଜ ହୋଇଥିବା ବେଳେ ରାତି ଭିତରେ ତାଙ୍କୁ ନିକଟସ୍ଥ ଅଞ୍ଚଳରେ ଠାବ କରାଯାଇଥିଲା ବୋଲି ଧଉଳି ଥାନା ଅଧିକାରୀ ସ୍ମୃତିରଞ୍ଜନ ମହାନ୍ତି କହିଛନ୍ତି।

## ଭବିଷ୍ୟତ ସବୁ କଥାର ଉତ୍ତର ଦେବ- ପ୍ରସନ୍ନ ଆଚାର୍ଯ୍ୟ

ଭୁବନେଶ୍ୱର, ୬।୩(ମହାଭାରତ) କଂଗ୍ରେସ - ବିଜେଡି ସମୀକରଣ ଆଗକୁ ବଢିବା ଉପରେ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି ଯେ, ଭବିଷ୍ୟତ ସବୁ କଥାର ଉତ୍ତର ଦେବ। ସମୟ ସବୁ କଥାର ଉତ୍ତର ଦେବ। କିନ୍ତୁ ଗୋଟିଏ ନିର୍ବାଚନ ରାଜନୀତିର ସବୁ କିଛି ନୁହେଁ। ରାଜନୀତି ଏକ ବ୍ୟାପକ ଜିନିଷ। ଗୋଟିଏ ରାଜ୍ୟ ସଭା ନିର୍ବାଚନ ରାଜ୍ୟର ଭବିଷ୍ୟତ ଓ ରାଜନୀତିର ଭବିଷ୍ୟତ ନିର୍ଣ୍ଣୟ କରିବନି। ସମୟ ସବୁ କଥାର ଉତ୍ତର ଦେବ।

# ନିର୍ମାଣ ସାମଗ୍ରୀର ମୂଲ୍ୟ ନିର୍ଦ୍ଧାରଣ ନେଇ ପୂର୍ତ୍ତ ମନ୍ତ୍ରୀଙ୍କ ସମୀକ୍ଷା

ଭୁବନେଶ୍ୱର, ୬।୩(ମହାଭାରତ) ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ନିର୍ମାଣ ସାମଗ୍ରୀର ମୂଲ୍ୟ ନିର୍ଦ୍ଧାରଣ ନେଇ ଏକ ସମୀକ୍ଷା ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଶୁକ୍ରବାର ପୂର୍ବାହ୍ନରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ କେନ୍ଦ୍ର ସରକାର, ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ ଏବଂ ବିଭିନ୍ନ ରାଜ୍ୟରେ ଲାଗୁ ହୋଇଥିବା ନିର୍ମାଣ ସାମଗ୍ରୀର ମୂଲ୍ୟକୁ ତର୍ଜମା କରି ରାଜ୍ୟରେ କିଭଳି ନିର୍ମାଣ ସାମଗ୍ରୀର ସର୍ବଶ୍ରେଷ୍ଠ ମୂଲ୍ୟ ନିର୍ଦ୍ଧାରଣ କରି ହେବ ସେଥିନେଇ ଆଲୋଚନା ହୋଇଥିଲା । ପରିବହନ ଖର୍ଚ୍ଚକୁ ହିସାବକୁ ନେଇ ବାଲି, ଗୋଡ଼ି, ଇଟାଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ଇନ୍‌ଡୋର ଏବଂ ଆଉଟ୍‌ଡୋର ସାମଗ୍ରୀ, ବୈଦ୍ୟୁତିକ ସାମଗ୍ରୀ, ପ୍ରି-ଫେବ୍ରିକେଟେଡ୍ ସାମଗ୍ରୀ, କୋଠାବାଡ଼ିରେ ବ୍ୟବହୃତ ସାମଗ୍ରୀର ସଠିକ୍ ମୂଲ୍ୟ ନିର୍ଦ୍ଧାରଣ ନେଇ ଆଲୋଚନା ହୋଇଥିଲା । ଭିତିଭୂମି ନିର୍ମାଣ କ୍ଷେତ୍ରରେ ନିର୍ମାଣ ସାମଗ୍ରୀର ଗୁରୁତ୍ୱ ଓ ଆବଶ୍ୟକତାକୁ ଉପଲବ୍ଧି କରି ମୂଲ୍ୟ ନିର୍ଦ୍ଧାରଣ ପ୍ରକ୍ରିୟା ଶୀଘ୍ର ସମାପ୍ତି ଉପରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଗୁରୁତ୍ୱାରୋପ କରିଥିଲେ । ଏହି ବୈଠକରେ ଇଆଇସି-ତଥା-ସ୍ୱତନ୍ତ୍ର ଶାସନ ସଚିବ ଇଂ ଲକ୍ଷ୍ମୀକାନ୍ତ ପାଢ଼ୀ, ଇଆଇସି (ଡିଜାଇନ) ଇଂ ସମୀର ହୋତା, ଇଆଇସି (ସିଭିଲ୍) ଇଂ ସତ୍ୟବ୍ରତ ବେହେରା, ଇଆଇସି (ରୋଡ୍‌ସ) ଇଂ ଧାନଚାନ୍ଦ ନାୟକ, ମୁଖ୍ୟଯନ୍ତ୍ରୀ ଇଂ ପ୍ରିୟବ୍ରତ ସାମନ୍ତରାୟ ଏବଂ ଇଂ ଶିବବ୍ରତ ତରିଆ, ଅର୍ଥ ପରାମର୍ଶଦାତା ରତୀକାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ଯୁଦ୍ଧ ବନ୍ଦ ଦାବିରେ ସିପିଆଇ ପକ୍ଷରୁ ବିକ୍ଷୋଭ

ଭୁବନେଶ୍ୱର, ୬।୩(ମହାଭାରତ): ସାର୍ବଭୌମ ରାଷ୍ଟ୍ର ଇରାନ ଉପରେ ଆମେରିକା ଓ ଇସ୍ରାଏଲ ମିଳିତ ଭାବେ ଯେଭଳି ଯୁଦ୍ଧର ଧ୍ୱଂସ ଲିଳା କରି ବିଦ୍ୟାଳୟ, ଡାକ୍ତରଖାନା, ସରକାରୀ କାର୍ଯ୍ୟାଳୟ, ଜନ୍ବସତି, ବ୍ୟବସାୟ ପ୍ରତିଷ୍ଠାନ ଇତ୍ୟାଦି ଧ୍ୱଂସ କରିବା ସହ ଶହ ଶହ ସ୍କୁଲ ଛାତ୍ରଛାତ୍ରୀଙ୍କୁ ବୋମା ବର୍ଷଣ କରି ହତ୍ୟା କରିଛନ୍ତି। ଇରାନର ମୁଖ୍ୟ ନେତା ଆୟୋତୋଲ୍ଲା ଅଲ୍ଲି ଖାମନେଇଙ୍କୁ ହତ୍ୟା କରାଯାଇଛି । ସିପିଆଇ ପକ୍ଷରୁ ଏହି ଘଟଣାର ପ୍ରତିବାଦରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି ଓ ଇରାନବାସୀଙ୍କ ସହ ଭାଇଚାରା ପ୍ରଦର୍ଶନ କରାଯାଇଛି। ଯୁଦ୍ଧ ନୁହେଁ ଶାନ୍ତି ଚାହୁଁ - ଧ୍ୱଂସ ନୁହେଁ ଜୀବନ ଚାହୁଁ - ଇରାନ ଉପରେ ଆମେରିକା ଓ ଇସ୍ରାଏଲ ପକ୍ଷରୁ କରାଯାଇଥିବା ଯୁଦ୍ଧ ଅବିଳମ୍ବେ ବନ୍ଦ କରିବା ପାଇଁ ମିଳିତ ଜାତିସଂଘର ସ୍ୱତନ୍ତ୍ର ଅଧିବେଶନ ଡକାଇ ଯୁଦ୍ଧ ବନ୍ଦ ଓ ମଧ୍ୟ ପ୍ରାଚ୍ୟ ଶାନ୍ତି ପ୍ରତିଷ୍ଠା ଉଦ୍ୟମ କରିବାକୁ ଦାବି କରାଯାଇଛି। ଯୁଦ୍ଧ ଅପରାଧୀ ଇସ୍ରାଏଲ ର ପ୍ରଧାନ ମନ୍ତ୍ରୀ ନେତାନ୍ୟାହୁ ଓ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଆନ୍ତର୍ଜାତିକ ବିଚାରାଳୟ ରେ ହାଜର କରିବା ପାଇଁ ମିଳିତ ଜାତିସଂଘ ଆଶୁ ପଦକ୍ଷେପ ନେବାକୁ ଦାବି କରାଯାଇଛି। ଏହି ସମସ୍ତ ଦାବି ପୂରଣ ପର୍ଯ୍ୟନ୍ତ ଏହି ଆନ୍ଦୋଳନକୁ ଆହୁରି ବ୍ୟାପକ କରାଇବାକୁ ଓ ଶାନ୍ତି ଆନ୍ଦୋଳନ ଓ ଇରାନ ଓ ପାଲେଷ୍ଟାଇନ ବାସୀଙ୍କ ସହ ଭାଇଚାରା ପ୍ରଦର୍ଶନ ପାଇଁ ସିପିଆଇ ପକ୍ଷରୁ ଆଜି ରାଜମହଲ ଛକରେ ବିକ୍ଷୋଭ ପ୍ରଦର୍ଶନ ବେଳେ ସୂଚନା ଦିଆଯାଇଛି। ଆଜି ଏହି ଆନ୍ଦୋଳନରେ ସିପିଆଇ ରାଜ୍ୟ ସମ୍ପାଦକ ଡଃ ପ୍ରଶାନ୍ତ କୁମାର ମିଶ୍ର, ସହ ସମ୍ପାଦକ ଜୟନ୍ତ ଦାସ,ବିକେଏମୟୁ ରାଜ୍ୟ ସମ୍ପାଦକ ସୁର ଜେନା, ସିପିଆଇ ଭୁବନେଶ୍ୱର ଅଞ୍ଚଳ ସମ୍ପାଦକ କୈଳାସ ପୁହାଣ, ପରମାନନ୍ଦ ବେହେରା, ନୀଳମଣି ସାହୁ, ଛେତମ୍ବର ଭୋଇ, ବିକେଏମୟୁ ରାଜ୍ୟ ସହ ସମ୍ପାଦକ ଶଙ୍କର୍ଷଣ ବାରିକ, ଏଆଇଟିୟୁସି ନେତା ଶିବ ବେହେରା, ପ୍ରମୁଖ ଏହି ଆନ୍ଦୋଳନରେ ନେତୃତ୍ୱ ନେଇଥିଲେ। ଏହା ପୁର୍ବରୁ ସିପିଆଇ ରାଜ୍ୟ ଦପ୍ତର ଭଗବତୀ ଭବନ ଠାରୁ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା।




## ରାଜ୍ୟସଭା ବିଜୟ ସୂତ୍ରରେ ଯିଏ ପାରଙ୍ଗମ ସିଏ ଆଗକୁ ଯିବ : ଗୋକୁଳାନନ୍ଦ ମଲ୍ଲିକ

ଭୁବନେଶ୍ୱର, ୬।୩(ମହାଭାରତ): ରାଜନୀତି ଏକ ଗହନ ବିଷୟ । ଦିଲ୍ଲୀପ ରାୟଙ୍କ ସବୁ ଦଳ ସହିତ ବହୁତ ଭଲ ସମ୍ପର୍କ ରହିଛି । ସବୁ ଦଳ ଲୋକ ତାଙ୍କୁ ଭଲ ପାଉଛନ୍ତି । ଏହାକୁ ଦେଖିଲେ ଦିଲ୍ଲୀପ ରାୟ ନିଶ୍ଚୟ ବିଜୟ ଲାଭ କରିବେ । ଦିଲ୍ଲୀପ ରାୟ ଜଣେ ଜଣାଶୁଣା ବ୍ୟକ୍ତିତ୍ୱ । ରାଜନୈତିକ ଅଭିଜ୍ଞତା ରହିଛି । ରାଜ୍ୟସଭା ବିଜୟ ସୂତ୍ରରେ ଯିଏ ପାରଙ୍ଗମ ସିଏ ବିଜୟ ଲାଭ କରିବ । ୨୦୦୨ରେ ଦିଲ୍ଲୀପ ରାୟ କେମିତି ରାଜ୍ୟସଭା ଯାଇଥିଲେ ଆପଣମାନେ ଜାଣିଛନ୍ତି । ସେ ସୂତ୍ର ତାଙ୍କୁ ଭଲ ଭାବେ ଜଣା । ତେଣୁ ବିଜେପି ସମର୍ଥିତ ପ୍ରାର୍ଥୀ ଦିଲ୍ଲୀପ ରାୟଙ୍କ ବିଜୟ ନିଶ୍ଚିତ ବୋଲି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ।

## 'ବିଜେପି ଘୋଡା ବେପାରରେ ବିଶ୍ୱାସ କରେ ନାହିଁ'

ଭୁବନେଶ୍ୱର, ୬।୩(ମହାଭାରତ):ବିଜେପି ଘୋଡା ବେପାରେ ବିଶ୍ୱାସ କରେ ନାହିଁ । ଯେଉଁମାନେ ଘୋଡା ବେପାର କରନ୍ତି ସେମାନେ ଜାଣିଥିବେ ବୋଲି ରାଜ୍ୟ ବିଜେପି ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ କହିଛନ୍ତି । ଘୋଡା ଭଲ ଦୌଡ଼େ, ତାକୁ କାହିଁକି ବେପାର କରାଯିବ । ଦିଲ୍ଲୀପ ରାୟଙ୍କୁ ସମର୍ଥନ ନେଇ ପୂର୍ବରୁ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସଭାପତି ଘୋଷଣା କରିସାରିଛନ୍ତି । ତା ଉପରେ ଅଧିକା କହିବା ଠିକ ହେବ ନାହିଁ ବୋଲି ସେ କହିଛନ୍ତି।

## ବିଜୁ ପଟ୍ଟନାୟକଙ୍କୁ ଶ୍ରଦ୍ଧାଂଜଳି ଜଣାଇଲା ଉତ୍କଳ ସମ୍ମିଳନୀ

ଭୁବନେଶ୍ୱର, ୬।୩(ମହାଭାରତ):ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ଉତ୍କଳ ସମ୍ମିଳନୀ ପକ୍ଷରୁ ବିଜୁ ପଟ୍ଟନାୟକ ପାର୍କରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀର ସାଧାରଣ ସମ୍ପାଦକ ତଥା ମଂଚେଶ୍ୱର ଶିଳ୍ପାଂଚଳ ଶାଖା

ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଭାପତିତ୍ୱ କରି ବିଜୁବାବୁ 'କଳିଙ୍ଗାଃ ସାହସିକାଃ' ର ମାନ ରଖିଥିଲେ ବୋଲି କହିଥିଲେ । ଏହି ଅବସରରେ ଉପଦେଷ୍ଟା ନିମାଇଁ ଚରଣ ଦାସ, ଉପ-ସଭାପତି ଶିତଳ ଚନ୍ଦ୍ର ମହାନ୍ତି ଓ ବରିଷ୍ଠ ସଦସ୍ୟ ଲେଲିନ ମହାନ୍ତି ବରପୁତ୍ରଙ୍କ ଗୁଣଗାନ କରିଥିବା ବେଳେ କାମଦେବ ମହାପାତ୍ର ଏକ କବିତା ପାଠ କରିଥିଲେ । ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଯୁଗ୍ମ-ସଂପାଦକ ଅକ୍ଷୟ କୁମାର ଜେଠୀ, ସୁରଜିତ ପରିଡା, ଅନୁପମା ବେହେରା ପ୍ରମୁଖ ଉପସ୍ଥିତ ରହି ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ଥିଲେ ।

# ଜନାଦେଶରେ ମହିଳା

ଭାରତର ନିର୍ବାଚନ ପ୍ରକ୍ରିୟାରେ ଜନାଦେଶକୁ ଓଲଟ ପାଲଟ କରିବାରେ ମହିଳା ମାନଙ୍କର ଭୂମିକା ନିର୍ଣ୍ଣାୟକ ହେଉଛି ଓ ବହୁ ସଂଖ୍ୟାରେ ମହିଳା ମତଦାନ କରିବାକୁ ଆସୁଛନ୍ତି ଓ ଏପରିକି ମହିଳା ମାନଙ୍କର ଚାପରେ ପ୍ରଭାବିତ ହୋଇ ପୁରୁଷମାନେ ସେମାନଙ୍କର ଭିନ୍ନ ମତ ଥିଲେ ସୁଦ୍ଧା ଏକପ୍ରକାର ବାଧ୍ୟବାଧକତାରେ ସେମାନଙ୍କର ମତାଧିକାର ସାବ୍ୟସ୍ତ କରୁଛନ୍ତି ଓ ରାଜନୈତିକ ଦଳ ଓ ଏହାର ନେତାମାନେ ଚତୁରତାର ସହିତ ମହିଳାମାନଙ୍କୁ ପ୍ରଭାବିତ କରିବା ପାଇଁ ସେମାନଙ୍କର ନିର୍ବାଚନୀ ଘୋଷଣାପତ୍ରରେ ଆର୍ଥିକ ପ୍ୟାକେଜର ପ୍ରତିଶ୍ରୁତି ଦେଉଛନ୍ତି ଓ କୌଣସି ଆର୍ଥିକ ସହାୟତା ଘୋଷଣା କରିବା ଲାଞ୍ଚ ସହିତ ସମାନ ବୋଲି ନ୍ୟାୟାଳୟ ରାୟ ଦେଇଥିବା ସତ୍ତ୍ୱେ ନିର୍ବାଚନ କମିଶନ ଏଥିପ୍ରତି ଆଦୌ ଗୁରୁତ୍ୱ ଦେଇନାହାନ୍ତି ଓ ଏଥିଯୋଗୁଁ ନ୍ୟାୟାଳୟ ପ୍ରତି ଲୋକମାନଙ୍କର ଆସ୍ଥା ପ୍ରଭାବିତ ହେଉଥିବା ବେଳେ ନିର୍ବାଚନ କମିଶନର ଭୂମିକା ପ୍ରତି ସନ୍ଦେହ ସୃଷ୍ଟି ହେଉଛି ଓ କେତେ ସଂଖ୍ୟାରେ ମହିଳା ଓ କେତେ ସଂଖ୍ୟାରେ ପୁରୁଷ ଭୋଟ ଦେଉଛନ୍ତି ତାହାର ନିର୍ଦ୍ଦିଷ୍ଟ ତଥ୍ୟ ଜାରି ହେଲେ ଜଣାପଡନ୍ତା କେତେ ପୁରୁଷ ଆଉ କେତେ ମହିଳା ଭୋଟ ଦେଉଛନ୍ତି । ମତଦାନ ହାରକୁ ନେଇ ବିଚାର କରାଗଲେ,ଭାରତରେ ଏହି ହାର ହାରାହାରି ୬୫ ପ୍ରତିଶତ ରହୁଛି ଓ ଅବଶିଷ୍ଟ ୩୫ ପ୍ରତିଶତ ଭୋଟ ଦେଉନାହାନ୍ତି ଓ ସେମାନଙ୍କ ମଧ୍ୟରେ ବୁଦ୍ଧିଜୀବୀ ସଂଖ୍ୟା ଅଧିକ ରହୁଛି ଓ ସେ ଯାହାହେଉ, ଜନଦେଶରେ ମହିଳା ମାନଙ୍କର ଭୂମିକା ସମ୍ବନ୍ଧରେ ଆଲୋଚନା କଲେ ଗତ ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନ ଫଳାଫଳକୁ ଅନୁଧ୍ୟାନ କରିବାକୁ ହେବ ଓ ମଧ୍ୟପ୍ରଦେଶରେ କଂଗ୍ରେସକୁ ଜାନାଦେଶ ମିଳିଥିଲା ଓ ମୁଖ୍ୟମନ୍ତ୍ରୀ ଭାବରେ କାମଲନାଥ କେତେକ ଉଲ୍ଲେଖନୀୟ କାମ କରିଥିଲେ ଓ କିନ୍ତୁ କରୋନାର ପ୍ରାଦୁର୍ଭାବ ସମୟରେ ବିଜେପିର କେନ୍ଦ୍ରୀୟ ନେତୃବୃନ୍ଦ କଂଗ୍ରେସ ସରକାରକୁ କ୍ଷମତାଚ୍ୟୁତ କରିବାକୁ ଗୋଟିଚାଳନା କରିଥିଲେ ଓ କଂଗ୍ରେସର ଅତି ବିଶ୍ୱସ୍ତ ମାଧବ ରାଓ ସିନ୍ଧିଆ ବିଜେପିର ସହାୟତା କରିଥିଲେ ଓ ତାଙ୍କର ନେତୃତ୍ୱରେ ପାଖାପାଖି ୨୦ ଜଣ ବିଧାୟକ ଓ ଅଧିକାଂଶ କଂଗ୍ରେସ କର୍ମୀ ଦଳ ଛାଡି ବିଜେପିରେ ସାମିଲ ହେବା ପରେ କଂଗ୍ରେସ ସରକାର ଭୁଶୁଡି ପଡିଥିଲା ଓ ଶିବରାଜ ସିଂହ ଚୌହାନଙ୍କ ନେତୃତ୍ୱରେ ବିଜେପି ସରକାର କ୍ଷମତା ଦଖଲ କରିଥିଲା ଓ ପରବର୍ତ୍ତୀ ସମୟରେ ଯେତେବେଳେ ବିଧାନସଭା ନିର୍ବାଚନ ହେଲା,କଂଗ୍ରେସ ପୁଣି ଥରେ କ୍ଷମତାକୁ ଫେରିବ ଓ ଜନତା ଦଳବଦଳ କରି ଜନାଦେଶକୁ ଅବମାନନା କରିଥିବା କ୍ଷମତା ଲାଳସାରେ ବଶୀଭୂତ ବିଜେପି ନେତାମାନଙ୍କୁ ଉଚିତ ଶିକ୍ଷା ଦେବେ ବୋଲି ଆଶା କରାଯାଉଥିଲା ଓ କଂଗ୍ରେସର ନିର୍ବାଚନୀ ସଭା ମାନଙ୍କରେ ବିପୁଳ ସମାବେଶ ପରିଲକ୍ଷିତ ହେଉଥିଲା ଓ କିନ୍ତୁ ନିର୍ବାଚନର ସନ୍ଧିକ୍ଷଣ ସମୟରେ ମାମା ନାମରେ ପରିଚିତ ଶିବରାଜ ଲାଡ଼ଲି ବେହେନା ନାମକ ଏକ ଯୋଜନାର ଘୋଷଣା କରିଦେଲେ ଓ ରାକ୍ଷୀ ପୂର୍ଣ୍ଣିମା ଦିନ ଘୋଷଣା କରାଯାଇଥିବା ଏହି ଯୋଜନା ଅଧୀନରେ ମହିଳାମାନଙ୍କୁ ମାସିକ ୧୨୦୦ ଟଙ୍କା ମିଳିବ ବୋଲି ପ୍ରଚାର କରାଗଲା ଓ କ୍ଷମତାକୁ ଆସିଲେ ସହାୟତା ରାଶି ଆହୁରି ବଢ଼ାଇବେ ବୋଲି ଶିବରାଜ ପ୍ରଚାର କଲେ ଓ ରାଜ୍ୟରେ କ୍ରମାଗତ ଭାବରେ ୩ ଥର କ୍ଷମତାକୁ ଆସିଥିବା ବିଜେପି ବିରୋଧରେ ସତ୍ତା ବିରୋଧୀ ଲହର ଓ ଦଳ ବଦଳ ଆଦିର କୌଣସି ପ୍ରଭାବ ପଡିଲା ନାହିଁ ଓ ଲାଡ଼ଲି ବେହେନାର ଯାଦୁ କାମ କଲା ଓ ଏକଜିଟ ପୋଲ ଆକଳନଠାରୁ ବହୁ ଅଧିକ ସଂଖ୍ୟକ ଆସନରେ ବିଜେପି ବିଜୟ ହାସଲ କଲା ଓ ବହୁ ସଂଖ୍ୟାରେ ମହିଳା ବିଜେପିକୁ ଭୋଟ ଦେଇ କ୍ଷମତାକୁ ଆଣିଲେ ଓ ଠିକ ସେହିପରି ଓଡ଼ିଶାରେ ନବୀନ ପଟ୍ଟନାୟକ ସରକାର ବିରୋଧରେ ୨୪ ବର୍ଷ ନିରବଛିନ୍ନ ଶାସନର ସତ୍ତା ବିରୋଧୀ ଲହର ରହିଥିଲା ଓ କିନ୍ତୁ ନବୀନ ଓ ବିଜେଡି ସରକାର ଓଡ଼ିଶାର ଅଭୂତପୂର୍ବ ବିକାଶ କରି ସେଇ ଲହରର ମୁକାବିଲା କରିବାକୁ ଅଣ୍ଟା ଭିଡ଼ିଥିଲେ ଓ କିନ୍ତୁ ବିଜେପିର ସୁଭଦ୍ରା ଯୋଜନା ବିଜେଡି ପାଇଁ କାଳ ହେଲା ଓ ମିଶନ ଶକ୍ତି ଓ ମହିଳା ସଶକ୍ତିକରଣ ନାମରେ ଡିଣ୍ଡିମ ପିଟୁଥିବା ନବୀନ ସରକାରକୁ ମହିଳାମାନେ ପ୍ରତ୍ୟାଖ୍ୟାନ କଲେ ଓ ସୁଭଦ୍ରା ଯୋଜନାରେ ୫୦,୦୦୦ ଟଙ୍କାର ପ୍ରଲୋଭନରେ ଆତ୍ମବିଭୋର ମହିଳା ପରିବର୍ତ୍ତନର ଆଢୁଆଳରେ ବିଜେପିକୁ ଭୋଟ ଦେଲେ ଓ ସେହିପରି ବିକାଶ ଓ ସୁଶାସନର ଜିତ କୁହାଯାଉଥିବା ମହାରାଷ୍ଟ୍ରର ବିଧାନସଭା ନିର୍ବାଚନ ଫଳାଫଳରେ ମହିଳାମାନଙ୍କର ନିର୍ଣ୍ଣାୟକ ଭୂମିକାର ସ୍ୱଷ୍ଟ ଚିତ୍ର ପ୍ରତିଫଳିତ ହୋଇଛି ଓ ଓଡ଼ିଶାରେ ସୁଭଦ୍ରା ଯୋଜନା ଭଳି ୨୧ ବର୍ଷରୁ ୬୫ ବର୍ଷୀୟା ମହିଳାଙ୍କୁ ଟାର୍ଗେଟ କରାଯାଇଥିଲା ଓ ବାର୍ଷିକ ୨.୫ ଲକ୍ଷରୁ କମ ଆୟ ଥିବା ମହିଳାଙ୍କ ଆକାଉଣ୍ଟକୁ ସିଧାସଳଖ ୧୫୦୦ ଟଙ୍କା ପ୍ରତ୍ୟକ୍ଷ ପୁଞ୍ଜି ହସ୍ତାନ୍ତର କରାଯାଉଥିଲା ଓ କ୍ଷମତାକୁ ଆସିଲେ ଏହି ରାଶିକୁ ୨୧୦୦ ଟଙ୍କା କରିଦିଆଯିବ ବୋଲି ଘୋଷଣା କରାଯାଇଥିଲା ଓ ସୁଭଦ୍ରା, ଲାଡ଼ଲି ବେହେନା ଭଳି ଲଡକି ବେହନ ନାମକ ଏହି ଯୋଜନା ମଧ୍ୟ ନିର୍ବାଚନ ଫଳାଫଳରେ କମାଲ ଦେଖାଇଛି ।

# ନିଖୋଜ ହେଉଛି ଋତୁ

“ ଜଳବାୟୁ ପରିବର୍ତ୍ତନର କୁପ୍ରଭାବରେ ବିଲୁପ୍ତ ହୋଇଯାଉଛନ୍ତି ଅନେକ କୀଟ, ସରୀସୃପ, ପକ୍ଷୀ, ଜୀବଜନ୍ତୁ । ବର୍ଷା ଋତୁରେ ପ୍ରକୃତିର ମଜା ନେଇ ପାରୁନାହାନ୍ତି କୁନି କୁନି ପିଲାମାନେ । ବାଡ଼ି ପଛ ପଟେ କଙ୍କି ଧରିବାର ମଜା ହେଉ ବା ଫୁଲ ବଗିଚାରେ ରଙ୍ଗିନ ପ୍ରଜାପତି ପଛେ ପଛେ ଦୌଡ଼ିବାର ଅଫୁରନ୍ତ ଆନନ୍ଦ ପାଇପାରୁନାହାନ୍ତି ଏବକାର ପିଲାମାନେ । ବର୍ଷା ଋତୁ ଆସିଲେ ବାଡ଼ି ପଛପଟେ ବୁଦା ମୂଳରେ ଏଣ୍ଡୁଅ ମୁଣ୍ଡ ଟେକିବାର ଚିରାଚରିତ ଦୃଶ୍ୟ ଆଉ ଦେଖିବାକୁ ମିଳୁନି । ଲାଲ ଟୁକୁଟୁକୁ ସାଧବ ବୋହୂକୁ ହାତରେ ଧରି ଉଲ୍ଲସିତ ହେବାର ଅପୂର୍ବ ସୁଯୋଗ ମିଳୁନାହିଁ ।

॥ ବାଦଲ ଭୂୟାଁ ॥

ଋତୁଚକ୍ରରେ ଛଅ ଋତୁରୁ ହଜିଗଲାଣି ବସନ୍ତ, ଶରତ, ହେମନ୍ତ । ଶୀତ ନିଷ୍ପ୍ରଭ, ବର୍ଷା ଅସନ୍ତୁଳିତ । ବର୍ଷର ଛଅ ଋତୁ ଓ ବାର ମାସ ମଧ୍ୟରୁ ଏବେ ଅର୍ଦ୍ଧାଧିକ କାଳ ଅନୁଭୂତ ହେଉଛି ଗ୍ରୀଷ୍ମର ପ୍ରଭାବ । ପ୍ରଚଣ୍ଡ ସୂର୍ଯ୍ୟତାପ ପ୍ରଭାବ ପ୍ରାଣୀ ଜଗତ ଠାରୁ ଆରମ୍ଭ କରି ମେରୁ ପର୍ଯ୍ୟନ୍ତ ପରିବ୍ୟାପ୍ତ । ଜଳବାୟୁ ପରିବର୍ତ୍ତନ ବୃକ୍ଷରାଜି ଠାରୁ କୀଟପତଙ୍ଗ ସମସ୍ତେ ପ୍ରଭାବିତ । କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା, ବର୍ଦ୍ଧିତ ଜନବସତିର ଆକାର, ପ୍ରତିବର୍ଷ ବୃଦ୍ଧି ପାଉଥିବା ଗାଡିମୋଟର ସଂଖ୍ୟା, ବ୍ୟାପକ ଶିଳ୍ପାୟନ, ଜଙ୍ଗଲ ହ୍ରାସ ଆଦି ବିଭିନ୍ନ କାରଣ ଜଳବାୟୁ ପରିବର୍ତ୍ତନର କାରକ ଭାବରେ ଗଣାଯାଉଛି । ମଣିଷ ଯେତେ ଆଧୁନିକ ଓ ବିଳାସୀ ହେଉଛି ଜଳବାୟୁ ଉପରେ ତାହାର ପ୍ରଭାବ ସେତେ ଅଧିକ ପଡୁଛି । ତିନି ଦଶନ୍ଧି ପୂର୍ବରୁ ଅକ୍ଟୋବର ମାସର ଧୂଳିଆ ଅପରାହ୍ନ ସାଙ୍ଗକୁ ସଞ୍ଜକୁ ଢ଼ାଙ୍କି ଦେଉଥିଲା କଅଁଳ ଶୀତ ଚାଦର । ଶରତ କାଶତଣ୍ଡୀ ସାଙ୍ଗରେ ଆସୁଥିବା ଶୀତ ଶିବରାତ୍ରୀ ପର୍ଯ୍ୟନ୍ତ ଶୀତ ଅନୁଭୂତ ହେଉଥିଲା । ଦୋଳ ଠାରୁ ଖରା ଟିକେ ଟିକେ ଲାଗୁଥିଲା, ଆଉ ରଜ ବେଳକୁ ବୁନ୍ଦାବୁନ୍ଦା ବର୍ଷା ଖରାକୁ ଠେଲି ଦେଉଥିଲା ଦୂରକୁ । ମାତ୍ର ଏବେ ଋତୁଚକ୍ରରେ ଆସିଛି ବଡ଼ ପରିବର୍ତ୍ତନ । ଦିଲ୍ଲୀ ପରି ବଡ଼ ବଡ଼ ସହରରେ ସ୍ମଗ ସାଧାରଣ ଜୀବନଯାତ୍ରାକୁ ବ୍ୟତିବ୍ୟସ୍ତ କରି ଦେଇଛି । ଲୋକମାନେ ଖୋଜୁଛନ୍ତି ଶୁଦ୍ଧ ବାୟୁ । ଏପରିକି କିଛି ଅଞ୍ଚଳରେ ଶୁଦ୍ଧ ବାୟୁ ସିଲିଣ୍ଡରରେ ଭର୍ତ୍ତି କରି ବିକ୍ରି କରାଯାଉଥିବା ଖବର ବି ମିଳିବାରେ ଲାଗିଛି । କେବଳ ସେତିକି ନୁହେଁ, ବରଫ ମେରୁ ତରଳିବା ଯେବେ ଠୁ ଆରମ୍ଭ ହେଲାଣି, ସେବେଠାରୁ ବିଶ୍ୱ ଉପରେ ବିପଦ ବି ବଢ଼ିବାରେ ଲାଗିଛି । ସତରେ କ'ଣ ବରଫ ମେରୁ ତରଳି ଯିବ ? ଯଦି ତରଳିଯାଏ, ତେବେ ବିଶ୍ୱ ଉପରେ ଏହାର କ'ଣ ପ୍ରଭାବ ପଡ଼ିବ ତାକୁ ନେଇ ଆରମ୍ଭ ହୋଇଛି ତର୍ଜମା । ଏପରିକି ଆଗାମୀ କିଛି ବର୍ଷ ମଧ୍ୟରେ ସମୁଦ୍ର ତଟବର୍ତ୍ତୀ ବିଶ୍ୱର ବହୁ ବଡ଼ ସହର ସହ ଭାରତର ୧୨ ସହର ମଧ୍ୟକୁ ସମୁଦ୍ର ମାଡ଼ି ଆସିବ ବୋଲି ମଧ୍ୟ ଆକଳନ କରାଯାଉଛି । ଏହାମଧ୍ୟରେ ଆମ ରାଜ୍ୟରେ ପାରାଦ୍ୱୀପ ମଧ୍ୟ ରହିଛି ।

ତେବେ ପ୍ରଶ୍ନ ଉଠୁଛି କାହିଁକି ଏପରି ହେଉଛି ? କାହିଁକି ଋତୁଚକ୍ରରୁ ହଜି ଯାଉଛି ଋତୁ ? କାହିଁକି ବର୍ଷରେ ଛଅ ଋତୁ ବଦଳରେ ତିନିଟି ଋତୁ ଅନୁଭୂତ ହେଉଛି । କାହିଁକି ବଢୁଛି ତାତି ? କାହିଁକି ତରଳୁଛି ବରଫ ମେରୁ ? ବିକଶିତ, ବିକାଶଶୀଳ ଓ ବିକାଶମୁଖୀ ସବୁ ରାଷ୍ଟ୍ର ଏଥିପାଇଁ ଉଦ୍‌ବେଗ ପ୍ରକାଶ କରୁଛନ୍ତି । ଏହି ପ୍ରସଙ୍ଗକୁ ନେଇ ବୈଜ୍ଞାନିକ, ବିଶେଷଜ୍ଞ, ରାଜନୀତିଜ୍ଞ ସମସ୍ତେ ଚିନ୍ତିତ । ଆନ୍ତର୍ଜାତୀୟସ୍ତରରେ ଜଳବାୟୁ ସମ୍ମିଳନୀ ଡକାଯାଉଛି । ପରିବେଶ ପ୍ରଦୂଷଣ ରୋକିବା ନିମନ୍ତେ ନକ୍ସା ପ୍ରସ୍ତୁତ ହେଉଛି । ଋତୁ ପରିବର୍ତ୍ତନରେ ଅନିୟମିତା ଏବେ ଏକ ମୁଖ୍ୟ ସମସ୍ୟା ପାଲଟିଛି । ବର୍ଷା ଋତୁରେ ନା ଆବଶ୍ୟକ ପରିମାଣର ବର୍ଷା ହେଉଛି ନା ଶୀତ, ଋତୁରେ ଅନୁଭବ କରି ହେଉଛି ଜାଡ଼କୁ । ସେହିପରି ଗ୍ରୀଷ୍ମ ଋତୁରେ ଖରାର ପ୍ରକୋପ ଅସ୍ତବ୍ୟସ୍ତ କରିଦେଉଛି ପ୍ରାଣୀ ଜଗତକୁ । ଏ ସବୁ ଜଳବାୟୁ ପରିବର୍ତ୍ତନର ପରିଣାମ ଭୋଗିବାକୁ ପଡୁଛି ମଣିଷ ଓ ଜୀବଜଗତକୁ ।

ଜଳବାୟୁ ପରିବର୍ତ୍ତନର କୁପ୍ରଭାବରେ ବିଲୁପ୍ତ ହୋଇଯାଉଛନ୍ତି ଅନେକ କୀଟ, ସରୀସୃପ, ପକ୍ଷୀ, ଜୀବଜନ୍ତୁ । ବର୍ଷା ଋତୁରେ ପ୍ରକୃତିର ମଜା ନେଇ ପାରୁନାହାନ୍ତି କୁନି କୁନି ପିଲାମାନେ । ବାଡ଼ି ପଛ ପଟେ କଙ୍କି ଧରିବାର ମଜା ହେଉ ବା ଫୁଲ ବଗିଚାରେ ରଙ୍ଗିନ ପ୍ରଜାପତି ପଛେ ପଛେ ଦୌଡ଼ିବାର ଅଫୁରନ୍ତ ଆନନ୍ଦ ପାଇପାରୁନାହାନ୍ତି ଏବକାର ପିଲାମାନେ । ବର୍ଷା ଋତୁ ଆସିଲେ ବାଡ଼ି ପଛପଟେ ବୁଦା ମୂଳରେ ଏଣ୍ଡୁଅ ମୁଣ୍ଡ ଟେକିବାର ଚିରାଚରିତ ଦୃଶ୍ୟ ଆଉ ଦେଖିବାକୁ ମିଳୁନି । ଲାଲ ଟୁକୁଟୁକୁ ସାଧବ ବୋହୂକୁ ହାତରେ ଧରି ଉଲ୍ଲସିତ ହେବାର ଅପୂର୍ବ ସୁଯୋଗ ମିଳୁନାହିଁ । ଏହା ଆକର୍ଷଣୀୟ ଜୀବ ଆମ ଚାରି ପାଖରୁ ଧୀରେ ଧୀରେ ଲୋପ ପାଇବାକୁ ବସିଲେଣି । ଏହାର ପ୍ରମୁଖ କାରଣ ହେଉଛି ଜଳବାୟୁ ପରିବର୍ତ୍ତନ । ତେଣୁ ପିଲାଦିନର ମଧୁର ସ୍ମୃତିକୁ ଜାବୁଡ଼ି ଧରିବାର ଦିନ ହଜି ହଜି ଯାଉଛି । ଜଳବାୟୁ ପରିବର୍ତ୍ତନର କୁପ୍ରଭାବ ସିଧାସଳଖ ପଡୁଛି ଉଦ୍ଭିଦ ଜଗତ ଉପରେ । ଖରା, ବର୍ଷା, ଶୀତରେ ଅନିୟମିତତା ଯୋଗୁଁ ଗଛଲତାଗୁଡ଼ିକ ଠିକ ଭାବରେ ବଢ଼ି ପାରୁନାହିଁ । ଫୁଲ, ଫଳ ଧରିବାରେ ବିଳମ୍ବ ହେଉଛି । ଜଳବାୟୁ ପରିବର୍ତ୍ତନ ଅନ୍ୟତମ କାରଣ ଗ୍ଲୋବାଲ ୱାର୍ମିଂ ବା ବିଶ୍ୱ ତାପମାତ୍ରା । ଏବେ ଗ୍ଲୋବାଲ ୱାର୍ମିଂ ବିଶ୍ୱର ସବୁଠାରୁ ବଡ଼ ସମସ୍ୟା ପାଲଟିଛି । ଏଥିରୁ ରକ୍ଷା ପାଇବା ପାଇଁ ସାରା ବିଶ୍ୱରେ ପ୍ରୟାସ ଜାରି ରହିଛି । ବିଶ୍ୱସ୍ତରରେ ଗ୍ଲୋବାଲ ୱାର୍ମିଂ ଯୋଗୁଁ ଗ୍ଲେସିୟର ତରଳି ସମୁଦ୍ର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି । ଫଳରେ ପ୍ରାକୃତିକ ବିପର୍ଯ୍ୟୟ ସୃଷ୍ଟି ହେବା ସହିତ ସମୁଦ୍ର ଆଖପାଖ ଦ୍ୱୀପ ବୁଡ଼ି ଯିବାର ଆଶଙ୍କା ରହିଛି ।

ଜଳବାୟୁ ପରିବର୍ତ୍ତନ ଓ ଦ୍ରୁତଗତିରେ ଜଙ୍ଗଲ ହ୍ରାସ ଯୋଗୁଁ ଅନେକ ଜଙ୍ଗଲୀ ଜୀବଜନ୍ତୁ ଲୋପ ପାଇବାରେ ଲାଗିଛନ୍ତି । ଅନେକ ବିରଳ ପ୍ରଜାତିର ପଶୁ, ପକ୍ଷୀ, ଧୀରେ ଧୀରେ ପୃଥିବୀ ବକ୍ଷରୁ ନିଶ୍ଚିହ୍ନ ହେବାରେ ଲାଗିଛନ୍ତି । ବିଶେଷଜ୍ଞଙ୍କ ମତ ଅନୁସାରେ ୨୦୫୦ ମସିହା ସୁଦ୍ଧା ପୃଥିବୀର ଏକ ଚତୁର୍ଥାଂଶ ପ୍ରଜାତିର ଜୀବଜନ୍ତୁ ବିଲୁପ୍ତ ହୋଇଯିବାର ଆଶଙ୍କା ରହିଛି । ଜଳବାୟୁ ପରିବର୍ତ୍ତନ ଯୋଗୁଁ ବିଭିନ୍ନ ରୋଗ ସଂକ୍ରମଣ ଓ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି । ଭବିଷ୍ୟତରେ ଜଳବାୟୁ ପରିବର୍ତ୍ତନର ପରିଣାମ ସ୍ୱରୂପ ମ୍ୟାଲେରିଆ ଓ ଡେଙ୍ଗୁ ଭଳି ରୋଗ ବଢ଼ିବାର ସମ୍ଭାବନା ଅଧିକ ରହିଛି । ଏପରିକି ଏଭଳି ରୋଗକୁ ନିୟନ୍ତ୍ରଣ କରିବା କଷ୍ଟକର ହୋଇପଡ଼ିବ । ଜଳବାୟୁ ପରିବର୍ତ୍ତନ ଯୋଗୁଁ ଜଙ୍ଗଲରେ ନିଆଁ ଲାଗୁଛି । ତୀବ୍ର ଗରମ ଓ ଶୁଷ୍କ ପରିବେଶ କାରଣରୁ ଜଙ୍ଗଲରେ ଅଗ୍ନିକାଣ୍ଡ ଘଟୁଛି । ବ୍ରାଜିଲସ୍ଥିତ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଫର ସ୍ପେସ ରିସର୍ଚ୍ଚ ବା ଆଇଏନପିଇର ତଥ୍ୟ ଅନୁସାରେ ୨୦୧୯ ଜାନୁଆରୀରୁ ଏ ପର୍ଯ୍ୟନ୍ତ ବ୍ରାଜିଲର ଅମାଜନ ଜଙ୍ଗଲରେ ୭୪,୧୫୫ ଥର ନିଆଁ ଲାଗିଲାଣି । ସେହିପରି ଆମ ଦେଶର ବିଭିନ୍ନ ରାଜ୍ୟରେ ବନାଗ୍ନି ଯୋଗୁଁ ବିପୁଳ କ୍ଷତି ଘଟୁଛି । ଓଡ଼ିଶା ବି ଏଥିରୁ ବାଦ ପଡ଼ିନାହିଁ । ଜଙ୍ଗଲରେ ନିଆଁ ଲାଗିବା ଫଳରେ ବ୍ୟାପକ ପରିମାଣରେ ବିରଳ ଗଛ, ଔଷଧୀୟ ଗୁଳ୍ମ ନଷ୍ଟ ହୋଇଯାଉଛି । ଏପରିକି ଅନେକ ବିରଳ ପ୍ରଜାତିର ଜୀବଜନ୍ତୁ ଜୀବନ୍ତ ଦଗ୍ଧ ହେଉଛନ୍ତି ।

ସତ ହେବ କି ମାଳିକା ବଚନ ! ବାଇଶି ପାହାଚେ ଖେଳିବ ମୀନ ! ଜଳବାୟୁ ପରିବର୍ତ୍ତନ ଯୋଗୁଁ ମାଳିକାର ବଚନ ସତ ହେବ ବୋଲି ଆଶା କରାଯାଉଛି । ଆସନ୍ତା ୨୦୩୦ ମସିହା ମଧ୍ୟରେ ଦେଶରେ ଅନେକ ସମୁଦ୍ର କୂଳିଆ ସହର ଜଳମଗ୍ନ ହୋଇଯିବ । ସମୁଦ୍ରରୁ ବଡ଼ ବଡ଼ ଲହଡ଼ି ଆସି ସହରକୁ ଜଳମଗ୍ନ କରିଦେବ ବୋଲି ମାଳିକାରେ ବର୍ଣ୍ଣନା କରାଯାଇଛି । ଆଉ ଏହା ଅନେକ ପରିମାଣରେ ସତ ହୋଇଛି । ଅତୀତରେ ସାମୁଦ୍ରିକ ଝଡ଼ ଫଳରେ ସମୁଦ୍ର ଜଗ ସହର ଆଡ଼କୁ ମାଡ଼ି ଆସିଥିଲା । ଯେଉଁ ଭଳି ଭାବେ ସମୁଦ୍ର କୂଳ ଲଙ୍ଘିବାରେ ଲାଗିଛି, ଆଗାମୀ ଦିନରେ ଏହା ସତରେ ପରିଣତ ହେବ ନିଶ୍ଚିତ । କାରଣ ନିକଟ ଅତୀତରେ ଏକ ରିପୋର୍ଟ ପ୍ରକାଶ ପାଇଛି ଯେଉଁଥିରେ ଉଲ୍ଲେଖ ରହିଛି, ମୁମ୍ବାଇ, କୋଚି, ମାଙ୍ଗାଲୁରୁ, ବିଶାଖାପାଟନମ୍, ତିରୁଅନନ୍ତପୁରମ ଆଦି ସହର ସମୁଦ୍ର ଗର୍ଭରେ ଲୀନ ହୋଇଯିବ ।

ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨,

# ଭଗବତୀ ଭାରତୀ ଦେବୀ ନମସ୍ତେ

॥ ଡ଼ଃ.ଅରୁନ୍ଧତୀ ଦେବୀ ॥

ଆସୁଛି ସରସ୍ୱତୀ ପୂଜା । ଶିକ୍ଷାର୍ଥୀମାନେ ଏହି ପୂଜାକୁ ଆଗ୍ରହ, ଭକ୍ତି ସହକାରେ ପାଳନ କରିଥାନ୍ତି । ମା'ସରସ୍ୱତୀଙ୍କ ଅନ୍ୟ ନାମ ବାଗ୍‌ଦେବୀ । ଧ୍ୱନି, ଶବ୍ଦ ବା ବାକ୍ୟ କହିବାର ମହାନ ଶକ୍ତିଟି ଆମ ପାଖରେ ଯାହା ରହିଛି ତା'ର ନିୟନ୍ତା ହେଉଛନ୍ତି ଏହି ଶୁକ୍ଳବର୍ଣ୍ଣ ବସ୍ତ୍ର ପରିହିତା, ବୀଣାପୁସ୍ତକ ଧାରିଣୀ ମା'ସରସ୍ୱତୀ । ସେ ଆମ କଣ୍ଠଦେଶରେ ବିରାଜମାନ କରି ଆମକୁ ବାଣୀ ବା ବାକ୍ୟ କହିବାର ଶକ୍ତି ପ୍ରଦାନ କରିଥାନ୍ତି । ଏଣୁ ମା'ଙ୍କର ଆରାଧନା କଲାବେଳେ ପିଲାମାନେ ଗାଇ ଉଠିଥାନ୍ତି ସରସ୍ୱତୀ ମା'କଣ୍ଠରେ ଥା, ବିଦ୍ୟା ନଆସିଲେ କହି ଦେଉଥା । ସବୁ ପ୍ରାଣୀମାନଙ୍କ ମଧ୍ୟରେ ଶ୍ରେଷ୍ଠ ପ୍ରାଣୀ ମନୁଷ୍ୟ ହିଁ କଥା କହିବାର କ୍ଷମତା ହାସଲ କରିଛି । ଯଦିଓ କିଛି ଜୀବଜନ୍ତୁ ଅଛନ୍ତି କଥା କହିବା ଭଳି ଧ୍ୱନି ସୃଷ୍ଟି କରିପାରନ୍ତି, ତେବେ ମଣିଷ ପରି କେହି ଏଥିରେ ଧୂରନ୍ଧର ହୋଇପାରନ୍ତି ନାହିଁ । ସୁତରାଂ ବାଗ୍‌ଦେବୀଙ୍କର ତାଙ୍କ ସେହି ଶ୍ରେଷ୍ଠ ସନ୍ତାନ ପ୍ରତି ଅସୀମ କରୁଣା ରହିଛି କହିଲେ ଭୁଲ ହେବନାହିଁ । ତେବେ ଏହି କରୁଣାର ଉପଯୋଗ ଆମେ କିପରି ଭାବେ କରୁଛେ ? ଆଜିକାର ସମୟରେ ଏହା ଚିନ୍ତା କରିବା ନିହାତି ଜରୁରୀ । ପଦିଏ ମଧୁର କଥା ଅନ୍ୟର କ୍ଲେଶ ହରଣ କରିଦେଉଥିବାବେଳେ ସେହି ପଦିଏ କଥା ଅନ୍ୟ ମନକୁ ବିଷାଦମୟ ତଥା ବିଷାକ୍ତମୟ କରିପାରେ । ଏହି କଥାରୁ ହିଁ ସୃଷ୍ଟି ହେଉଛି ଯାବତୀୟ କଳିତକରାଳ । ଏଣୁ ସନ୍ଥମାନେ କହିଯାଇଛନ୍ତି ବିନୟ ମଧୁର ବଚନ, କହି ତୋଷିବ ପ୍ରାଣୀମନ । ତେବେ ମଧୁର କଥା ସତ୍ୟ ଉପରେ ଆଧାରିତ ହୋଇଥିଲେ ତାହା ପ୍ରଭାବଶାଳୀ ହୋଇଥାଏ । ଏଣୁ ବିଜ୍ଞ, ସାଧୁସନ୍ଥମାନେ କଥାର ଅପବ୍ୟବହାର କରିନଥାନ୍ତି । ଯାହା କହିଥାଆନ୍ତି ସତ୍ୟ ଉପରେ ଆଧାରିତ ହୋଇଥାଏ । ନିଜର ଶବ୍ଦ ଉପରେ ଏମାନେ ଏପରି ସିଦ୍ଧି ପ୍ରାପ୍ତ କରିଥାନ୍ତି ଯେ, ଯାହା କହନ୍ତି ତାହା ଫଳବତୀ ହୋଇଯାଏ । ଯାହାକୁ କୁହାଯାଏ ଆଶୀର୍ବଚନ । ଆମର ବିଶ୍ୱାସ ଅଛି ଯେ ଯଦି କେଉଁ ଅସହାୟ, ବୟସ୍କଙ୍କୁ ନିଜରସ୍ୱାର୍ଥ ହାସଲ ଲାଗି ହଇରାଣହରକତ କରୁ ତେବେ ସେମାନଙ୍କ ଯନ୍ତ୍ରଣାଦଗ୍ଧ ହୃଦୟର ଭାବ ଯେଉଁ ବାକ୍ୟ ରୂପେ ଉଚ୍ଚାରିତ ହୁଏ ତାହା ସତ୍ୟରେ ପରିଣତ ହୋଇଯାଏ । ଯାହାକୁ ଅଭିଶାପ ଆଖ୍ୟା ଦିଆଯାଇଛି । ଶାସ୍ତ୍ରରେ ଶବ୍ଦକୁ ବ୍ରହ୍ମ ସହ ତୁଳନା କରାଯାଇଛି । ଯାହାର ଅଧିଷ୍ଠାତ୍ରୀ ହେଉଛନ୍ତି ମା'ସରସ୍ୱତୀ । ଏଣୁ ମା'କଳା ନିପୁଣା । ସବୁ କଳାକାର ମା'ଙ୍କୁ ଆରାଧନା କରି କଳା ସାଧନା କରିଥାନ୍ତି । ମା'ସନ୍ତୁଷ୍ଟ ହେଲେ କଳାକାରର ସାଧନା ସିଦ୍ଧ ହୋଇଥାଏ । ଏହି କ୍ରମରେ ଆମ ଓଡ଼ିଶାର ଝଙ୍କଡ଼ ସାରଳା ପୀଠ କଳାକାରଙ୍କ ତୀର୍ଥ କ୍ଷେତ୍ର ଭାବେ ପରିଚିତ । ଏଠାରେ ମୁଖ୍ୟତଃ ପାଲାଗାୟକମାନେ ମା'ସାରଳାଙ୍କର କରୁଣା ଭିକ୍ଷା କରିଥାନ୍ତି । ମା' ସନ୍ତୁଷ୍ଟ ହେଲେ ସେମାନେ ନିଜର କଳା ନିର୍ଭୁଲ ଭାବେ ପରିବେଷଣ କରିବାର କ୍ଷମତା ହାସଲ କରିପାରନ୍ତି ବୋଲି କାହିଁ କେଉଁ କାଳରୁ ବିଶ୍ୱାସ ରହିଆସିଛି ।

ମା'ସରସ୍ୱତୀ ସକଳ ବିଦ୍ୟାର ଅଧିଷ୍ଠାତ୍ରୀ ଦେବୀ । ଗାୟତ୍ରୀ ରହସ୍ୟୋପନିଷଦରେ ବର୍ଣ୍ଣିତ ଅଛି - ସରସ୍ୱତ୍ୟାଃ ସର୍ବେ ବେଦା ଅଭବନ୍ - ସରସ୍ୱତୀଙ୍କ ପାଖରୁ ସମସ୍ତ ବେଦ ସୃଷ୍ଟି । ମା'ସରସ୍ୱତୀଙ୍କର ବହୁ ନାମ ରହିଛି - ବାକ୍, ବାକ୍ୟେଶ୍ୱରୀ, ଭାରତୀ, ବାଣୀ ଇତ୍ୟାଦି । ମା'ଶୁକ୍ଳବର୍ଣ୍ଣା, ଶ୍ୱେତବସନା, କମଳବାସିନୀ, ହଂସବିହାରିଣୀ, ହସ୍ତରେ ବୀଣା, ଗଳାରେ ମୁକ୍ତାର ମାଳ ଓ କୋଳରେ ପୁସ୍ତକ ଶୋଭିତ । ଏହାର ତାତ୍ପର୍ଯ୍ୟ କ'ଣ ? ସରସ୍ୱତୀ ଶବ୍ଦର ଅର୍ଥ - ସରସ୍ + ବତୀ, ସରସ ମାନେ ଜଳ, ତେଣୁ ମା'ସରସ୍ୱତୀ ହେଲେ ଜଳବତୀ । ସୃ ଧାତୁର ଅନ୍ୟ ଏକ ଅର୍ଥ ହେଉଛି ବିକଶିତ ହେବା । ତେଣୁ ସରସ୍ୱତୀ ଶବ୍ଦରେ ବିକାଶର ବ୍ୟାକୁଳତା ରହିଛି । ମା'ସରସ୍ୱତୀଙ୍କର ଅନ୍ୟ ଏକ ନାମ ବାଗ୍‌ଦେବୀ । ବାକ୍‌ମାନେ ଶବ୍ଦ । ମା'ସରସ୍ୱତୀ ଶବ୍ଦର ଦେବୀ । ସରସ୍ୱତୀ ପ୍ରତିମା ମଧ୍ୟରେ ସୃଜନ ପ୍ରଗତିକୁ ଲକ୍ଷ୍ୟ କରାଯାଏ । ସୃଷ୍ଟିର ଆଦିରେ ଅଛି ଗତି । ଅନନ୍ତ ବକ୍ଷରେ ଆକର୍ଷଣ-ବିକର୍ଷଣ ମଧ୍ୟ ଦେଇ ସୃଷ୍ଟିର ପ୍ରଥମ ସଞ୍ଚାର - ଗତି ଓ ସ୍ପନ୍ଦନ ବା ଶବ୍ଦ । ଅନନ୍ତ ବ୍ୟୋମରେ ଏହି ଶବ୍ଦ ନାନା ରୂପେ ପ୍ରତିଭାତ । ତେଣୁ ଶ୍ରୀମଦ୍ ଭାଗବତରେ ଅଛି - ଆଦିରେ ପରମବ୍ରହ୍ମ ଶବ୍ଦରୂପୀ । ତାଙ୍କୁ ଉପଲବ୍ଧି କରିବାକୁ ହେଲେ ଶବ୍ଦର ଉପାସନା କରିବାକୁ ହେବ । ମା'ସରସ୍ୱତୀ ପୂଜା ସେହି ଶବ୍ଦ ଉପାସନାର ବ୍ୟାପାର ।

ମା'ସରସ୍ୱତୀଙ୍କର ଚରଣଯୁଗଳ ପଦ୍ମ ଉପରେ ନ୍ୟସ୍ତ ଓ ପଦ୍ମପାଣିରେ ଫୁଟିଛି । ମନୁସଂହିତାରେ ଅଛି - ଅବ୍ୟକ୍ତ ଈଶ୍ୱର ଯେତେବେଳେ ଜୀବଜଗତ ସୃଷ୍ଟି କରିବାକୁ ଇଚ୍ଛା କଲେ ସେ ପ୍ରଥମେ ପାଣି ବା ଜଳ ସୃଷ୍ଟି କଲେ, ପୁଣି ପଞ୍ଚମହାଭୂତ ଅର୍ଥାତ୍ କ୍ଷିତି, ଅପ୍, ତେଜ, ମରୁତ୍ ଓ ବ୍ୟୋମ ଭିତରେ ପ୍ରଥମ ଘନୀଭୂତ ରୂପ ହେଉଛି ଜଳ । ଅନ୍ୟ ସବୁ ହେଉଛି ବାୟବୀୟ ବା ବାଷ୍ପୀୟ ଅବସ୍ଥା । ଘନୀଭୂତ ପ୍ରଥମ ଭୂତ ହିଁ ହେଲା ହିଁ ପାଣି । ପାଣି ଉପରେ ପଦ୍ମ, ପଦ୍ମ ଶବ୍ଦର ଉତ୍ପତ୍ତି ପଦ୍ ଧାତୁ ଠାରୁ - ଅର୍ଥ ଗତି, ସ୍ଥିତି ଓ ପ୍ରାପ୍ତି । ଏହାକୁ ଆଶ୍ରୟ କରି ହିଁ ସୃଷ୍ଟି ବିକଶିତ ବା ବିବର୍ଦ୍ଧିତ । ଏହି ଗତି ଓ ସ୍ଥିତି ସୃଷ୍ଟିର ସବୁକିଛି ମଧ୍ୟରେ ଅନ୍ତଃସୂତ୍ୟ ଓ ଏହା ଆଗେଇ ଚାଲିଛି ପ୍ରାପ୍ତିର ଦିଗରେ । ମା'ସରସ୍ୱତୀ ହଂସାସୀନା, ହଂସ ଅର୍ଥ - ଅହଂ ସଃ ଅର୍ଥାତ୍ ମୁଁ ହିଁ ସେହି ଯିଏ ସର୍ବଜ୍ଞାନର ଅଧିଶ୍ୱରୀ । ପ୍ରତିଟି ମନୁଷ୍ୟ ତାଙ୍କୁ ବହନ କରି ଚାଲନ୍ତୁ, ଏହା ହଂସରୂଢ଼ା ଦେବୀଙ୍କର ତାତ୍ପର୍ଯ୍ୟ । ବିଦ୍ୟାଚର୍ଚ୍ଚା, ମନକୁ ଉଦାର ଓ ପରାର୍ଥପର କରିବା, ସହନ-ଧାରଣ ଓ ବହନ ଶକ୍ତିର ବୃଦ୍ଧି ଏବଂ ହୀନତା-ସଂକୀର୍ଣ୍ଣତା-ସ୍ୱାର୍ଥପରତା ଓ ଅଶ୍ଳୀଳତାର ବିଲୋପ - ଏହା ହିଁ ହେଉଛି ଦେବୀଙ୍କର ହଂସବିହାରିଣୀର ତାତ୍ପର୍ଯ୍ୟ ।

ହଂସ ହେଲା କଳନାଦୀ ବା କଳକଣ୍ଠ । କଲ୍ ଧାତୁ ଅର୍ଥ ଗତି ଓ ଶବ୍ଦ । ହଂସରୂପୀ ପ୍ରତିଟି ବ୍ୟକ୍ତିସତ୍ତା ହିଁ ଶବ୍ଦବ୍ରହ୍ମରୁ ଉଦ୍‌ଭୂତ, ଆଉ ସୃଷ୍ଟିର ପ୍ରତିଟି ଅଣୁପରମାଣୁ ମଧ୍ୟରେ ରହିଛି ଏହି ଗତି ବା ଚଳମାନତା । ଗତି ଓ ଶବ୍ଦ ହଂସ ମଧ୍ୟରେ ନିତ୍ୟ ଅବସ୍ଥିତ । ମା'ଙ୍କର କୋଳରେ ପୂଜାପାଏ ବହି । ମା' ହେଉଛନ୍ତି ବିଦ୍ୟାଦେବୀ, ତାଙ୍କ ପାଖରେ ଅଛି ସୃଜନ ପ୍ରଗତି ଓ ଏହି ସୃଷ୍ଟି ହିଁ ଆଦିବ୍ରହ୍ମ । ବିଦ୍ୟା ଆସିଛି ବିଦ୍ ଧାତୁରୁ - ଅର୍ଥ ଜ୍ଞାନ, ବିଚାର, ଅସ୍ତିତ୍ୱ ଓ ପ୍ରାପ୍ତି । ପ୍ରକୃତ ବିଦ୍ୟାଲାଭ ହେଲେ ଜ୍ଞାନ, ଅସ୍ତିତ୍ୱ, ବିଚାରଶକ୍ତି ଓ ପ୍ରାପ୍ତି ଲାଭ ହୁଏ । ଆଉ ସେ ପ୍ରାପ୍ତି ହେଉଛି - ଧାରଣ-ପାଳନୀ-ସମ୍ବେଗସିଦ୍ଧ ବ୍ୟକ୍ତିତ୍ୱ ବା ଈଶ୍ୱର ପ୍ରାପ୍ତି । ମା'ସରସ୍ୱତୀଙ୍କର ହସ୍ତରେ ଅଛି ବୀଣା - ବୀଣାରୁ ଜାତ ଶବ୍ଦ ବା ଧ୍ୱନୀ - ଐଁ ହେଉଛି ମା'ସରସ୍ୱତୀଙ୍କର ବୀଜମନ୍ତ୍ର । ସାଧନାର ବିଭିନ୍ନ ସ୍ତରରେ ଏହି ଧ୍ୱନୀ ଶୁଣାଯାଏ, ମା'ସରସ୍ୱତୀଙ୍କର ବୀଜମନ୍ତ୍ର ଯେଉଁଠାରେ ଶୁଣାଯାଏ ତାହା ହେଉଛି ସତ୍ୟଲୋକ - ଯେଉଁଠାରେ ଅସ୍ତିତ୍ୱର ବାର୍ତ୍ତା ପ୍ରଚାରିତ ହୁଏ । ଶବ୍ଦ ସାଧନାରେ ଅଧିଗତ ହେଲେ ସୃଷ୍ଟିଧାରାର ମୂଳ ରହସ୍ୟ ଭକ୍ତକୁ ପ୍ରାପ୍ତ ହୁଏ । ମା'ସରସ୍ୱତୀଙ୍କର ଆଉ ଏକ ନାମ ଭଦ୍ରକାଳୀ - ଅର୍ଥାତ୍ ସେ କଲ୍ୟାଣଗତିସମ୍ପନ୍ନା । ମା'ସରସ୍ୱତୀଙ୍କର ଆଠଟି ଶକ୍ତି ଯଥା - ଲକ୍ଷ୍ମୀ, ମେଧା, ଧରା, ତୁଷ୍ଟି, ଗୌରୀ, ପୁଷ୍ଟି, ପ୍ରଭା ଓ ଧୃତି । ମା'ସରସ୍ୱତୀ ଶୁକ୍ଳବର୍ଣ୍ଣା, ଶୁଭ୍ରବସ୍ତ୍ରାବୃତା । ଏହି ଶୁଭ୍ର ବା ଧଳାରଙ୍ଗ ପବିତ୍ରତାର ପ୍ରତୀକ । ପୁଣି ସତ୍ତ୍ୱଗୁଣର ରଙ୍ଗ ମଧ୍ୟ ଧଳା । ସତ୍ତ୍ୱଗୁଣମାନେ ଅସ୍ତିତ୍ୱ ଯେଉଁଠାରେ ବଜାୟ ରହେ ତାହାର ଚର୍ଚ୍ଚା । ସତ୍ତ୍ୱଗୁଣର ଚରିତ୍ର ହେଉଛି ହାଲୁକା । ତାହା ସହଜରେ ଉପରକୁ ଉଠିପାରେ । ଯାହାର ନୀଚ ଦିଗରେ ଓଜନ ଭାରି ନୁହେଁ ଅର୍ଥାତ୍ ପ୍ରବୃତ୍ତିର ପାଷାଣଭାର ଠାରୁ ଯିଏ ମୁକ୍ତ ସେ ହିଁ ପ୍ରକୃତରେ ମୁକ୍ତ । ପୁଣି ସବୁବର୍ଣ୍ଣ ଏକତ୍ର ମିଳିଲେ ଧଳାବର୍ଣ୍ଣ ହୁଏ । ମା'ସରସ୍ୱତୀଙ୍କର ଏହି ଶୁଭ୍ରବର୍ଣ୍ଣ ମଧ୍ୟରେ ଏହି ମିଳନ ବା ସମାହାରର ଇଙ୍ଗିତ ପ୍ରତିଭାତ ହୁଏ । ଏହିସବୁକୁ ଲକ୍ଷ୍ୟ କଲେ ଜଣାଯାଏ ମା'ସରସ୍ୱତୀଙ୍କର ଉପାସନା ମାନେ ପରମବ୍ରହ୍ମର ଉପାସନା, ସୃଷ୍ଟି ତତ୍ତ୍ୱର ଉପାସନା । ଏହି ତାତ୍ପର୍ଯ୍ୟ ବୁଝି ଯେଉଁମାନେ ପୂଜା କରନ୍ତି ସେମାନଙ୍କର ପୂଜା ସାର୍ଥକ ହୁଏ । 'ବିକାଶ-ବ୍ୟାକୁଳ ଗତି ହିଁ ଯାହାଙ୍କର ସଂସ୍ଥିତି - ସେ ହିଁ ମା' ସରସ୍ୱତୀ, ଆଉ ବାକ୍ ବା ଶବ୍ଦ ହିଁ ଯାହାଙ୍କର ସତ୍ତା - ସେ ହିଁ ବାଗ୍‌ଦେବୀ; ତେଣୁ ଯିଏ ବାଗ୍ ଦେବୀ, ସେ ହିଁ ମା' ସରସ୍ୱତୀ' ।

ଆନ୍ତର୍ଜାତୀୟ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦

# ଡାକୋଟା ବିମାନ : ଏକ ଅନନ୍ୟ ଅନୁଭବ

॥ ଶ୍ୟାମ ସୁନ୍ଦର ସାମଲ ॥

ପ୍ରବାଦ ପୁରୁଷ ଦୁର୍ଦ୍ଧର୍ଷ ପାଇଲଟ ବିଜୁ ପଟ୍ଟନାୟକଙ୍କ ଐତିହାସିକ ସ୍ମୃତି ବହନ କରୁଥିବା ଡାକୋଟା ବିମାନ ଇତିମଧ୍ୟରେ ଭୁବନେଶ୍ୱରରେ ପହଞ୍ଚିଛି । ଦୀର୍ଘବର୍ଷ ଧରି କୋଲକାତାସ୍ଥିତ ନେତାଜୀ ସୁଭାଷ ଆନ୍ତର୍ଜାତିକ ବିମାନ ବନ୍ଦରରେ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିବା ପରେ ଶେଷରେ ଏ ସ୍ମୃତି ସନ୍ତକଟିକୁ ଓଡ଼ିଶା ଅଣାଯାଇଛି । ଏ ବିମାନରେ ବିଜୁ ପଟ୍ଟନାୟକ ଅନେକ ଦୁଃସାହସିକ ଉଡାଣ କରିଛନ୍ତି । ଏହା ମଧ୍ୟରେ ସବୁଠୁ ଶ୍ରେଷ୍ଠ ହେଉଛି ଇଣ୍ଡୋନେସିଆର ସ୍ୱାଧୀନତା ସଂଗ୍ରାମୀ ମାନଙ୍କୁ ଡଚମାନଙ୍କ କବଳରୁ ମୁକ୍ତ କରି ଭାରତ ଉଡାଇ ଆଣିବା । ୧୯୪୭ ମସିହା ଜୁଲାଇ ମାସରେ ଇଣ୍ଡୋନେସିଆର ତତ୍କାଳୀନ ସୁଲତାନ ଶାଜାହିର ଓ ଉପରାଷ୍ଟ୍ରପତି ସୁକର୍ଣ୍ଣୋଙ୍କୁ ବିଜୁବାବୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ ଏହି ଡାକୋଟା ବିମାନରେ । ଏହି ଅଭିଯାନରେ ବିଜୁ ବାବୁଙ୍କ ସହିତ କେବଳ ଜଣେ ସହ ପାଇଲଟ ଥିଲେ । ସେ ହେଉଛନ୍ତି ତାଙ୍କ ପତ୍ନୀ ଜ୍ଞାନ ପଟ୍ଟନାୟକ । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ମଧ୍ୟ ନିଜ ଜୀବନକୁ ବାଜି ଲଗାଇ ବିଜୁବାବୁ ଅନେକ ଇଂରେଜଙ୍କ ଜୀବନ ରକ୍ଷା କରିଥିଲେ । ଦୁର୍ଭାଗ୍ୟର କଥା ସ୍ୱାଧୀନତା ସଂଗ୍ରାମୀଙ୍କ ସହ ତାଙ୍କର ଗୁପ୍ତ ସମ୍ପର୍କ ଖବର ପାଇଁ ବ୍ରିଟିଶ ସରକାର ତାଙ୍କୁ ୧୧୪୩, ଜାନୁଆରୀ ୧୨ ତାରିଖରେ ଗିରଫ କରିଥିଲେ । ଜେଲରୁ ମୁକ୍ତ ହେବା ପରେ ସେ ନିଜ ଉଦ୍ୟମରେ କଳିଙ୍ଗ ଏୟାରୱେଜ ସହିତ ଭୁବନେଶ୍ୱରରେ ଏକ ପାଇଲଟ ତାଲିମ ପ୍ରତିଷ୍ଠାନ ଆରମ୍ଭ କରିଥିଲେ ।

ଡାକୋଟା ସହିତ ବିଜୁ ବାବୁଙ୍କର ଅନେକ ସ୍ମୃତି ଜଡ଼ିତ ରହିଛି । ସ୍ୱାଧୀନତା ସଂଗ୍ରାମର ଅନେକ କାହାଣୀର ମୁକସାକ୍ଷୀ ଏହି ବିମାନ । ତେଣୁ ଏଭଳି ଏକ ସ୍ମୃତି ବିଜଡ଼ିତ ସ୍ମାରକୀ ଆମ ରାଜ୍ୟକୁ ଫେରି ଆସିବାରେ ସମସ୍ତଙ୍କ ଭିତରେ ଏକ ଖୁସିର ଲହରି ଖେଳିଯାଇଛି । ଯୁବ ବର୍ଗ ଏବଂ ବିଶେଷକରି ସ୍କୁଲ ଛାତ୍ରଛାତ୍ରୀଙ୍କ ଭିତରେ ଏ ବିମାନ ଏବଂ ବିଜୁବାବୁଙ୍କ ଦୁଃସାହସିକ କାହାଣୀକୁ ନେଇ ଉତ୍ସାହ ବଢ଼ିଛି । ଖଣ୍ଡ ଖଣ୍ଡ ହୋଇ ଆସିଥିବା ଏ ବିମାନଟିକୁ ପୁଣିଥରେ ଯୋଡ଼ା ଯାଇ ଭୁବନେଶ୍ୱର ବିମାନ ବନ୍ଦରର ଟର୍ମିନାଲ-୧ ସମ୍ମୁଖରେ ସର୍ବସାଧାରଣଙ୍କ ପ୍ରଦର୍ଶନ ପାଇଁ ରଖାଯିବ । ଏଥିପାଇଁ ଭାରତୀୟ ବିମାନ ବନ୍ଦର କର୍ତ୍ତୃପକ୍ଷ ରାଜ୍ୟ ସରକାରଙ୍କୁ ୧.୧ ଏକର ଜମି ଯୋଗାଇ ଦେଇଛନ୍ତି । ଏଠାରେ ନୂଆ ରୂପରେ ଦେଖିବାକୁ ମିଳିବ ଡାକୋଟା ବିମାନକୁ । ଆସନ୍ତା ୫ ତାରିଖରେ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଲୋକାର୍ପଣ କରିବେ ବୋଲି ଜଣାଯାଇଛି ।

ଏ ଅବସରରେ ସରକାରଙ୍କୁ ଏକ ପରାମର୍ଶ - ଆଗାମୀ ପିଢ଼ିଙ୍କୁ ଉଦବୁଦ୍ଧ କରିବା ପାଇଁ ବିଜୁବାବୁଙ୍କ ପାଇଲଟ ଜୀବନ ଏବଂ ସ୍ୱାଧୀନତା ସଂଗ୍ରାମରେ ଡାକୋଟାର ସହଯୋଗ ସମ୍ପର୍କିତ ଏକ ପ୍ରାମାଣିକ ଚଳଚ୍ଚିତ୍ର ଯଦି



କରାଯାଇ ପାରନ୍ତା ଏହା ଛାତ୍ରଛାତ୍ରୀଙ୍କ ପାଇଁ ଅଧିକ ଉପାଦେୟ ହୋଇପାରନ୍ତା । ୧୯୩୦ ଦଶକରେ ଓଡ଼ିଶାର ଜଣେ ଯୁବକ ରେଭେନ୍ସା ମହାବିଦ୍ୟାଳୟରେ ବିଏସସି ପଢୁଥିବା ବେଳେ ପାଇଲଟ ହେବାର ଆଗ୍ରହରେ ପାଠପଢ଼ା ଛାଡ଼ି ୧୯୩୬ ମସିହାରେ ପାଇଲଟ ଟ୍ରେନିଂ ନେଇ ଇଂରେଜ ସରକାରଙ୍କ ଇଣ୍ଡିଆନ ନ୍ୟାସନାଲ ଏୟାର ୱେଜରେ ପାଇଲଟ ରୂପେ ଯୋଗଦେବା ଏକ କାହାଣୀ ଭଳି ଲାଗିପାରେ ଆଜିର ଯୁବପିଢ଼ିଙ୍କୁ । ତେଣୁ ଏସବୁ ସ୍ମୃତି ଏବଂ ତଥ୍ୟକୁ ସାଇତି ରଖିବା ପାଇଁ ଡାକୋଟା ବିମାନ ଭିତରେ ବସି ଦର୍ଶକ ଦେଖି ପାରନ୍ତେ ଏହା ଏକ ଅନନ୍ୟ ଅନୁଭବ ହୋଇପାରନ୍ତା ସେମାନଙ୍କ ପାଇଁ । ସରକାର ଏ ଦିଗରେ ଚିନ୍ତା କରିବେ ବୋଲି ଆଶା ।

ପୂର୍ବତନ କେନ୍ଦ୍ରାଞ୍ଚଳ ସଂଯୋଜକ, ଶ୍ରୀସତ୍ୟସାଇ ସେବା ସମିତି, କଟକ, ଦୂରଭାଷ : ୯୭୭୮୬୩୫୯୨୬




# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ଇଫକୋ ସଲଫ୍ୟୁରିକ୍ ଏସିଡ୍ କାରଖାନା-୩ର ଲୋକାର୍ପଣ କଲେ ଅମିତ୍ ଶାହା



ପାରାଦୀପ, (ମହାଭାରତ) : ପାରାଦୀପଠାରେ ଥିବା ସମବାୟଭି□କ ବିଶ୍ୱର ସର୍ବବୃହ□ ସାର ଉତ୍ପାଦନକାରୀ ସଂସ୍ଥା ଇଫକୋ ପାରାଦୀପ ୟୁନିଟ୍‌ର ସଲଫ୍ୟୁରିକ ଏସିଡ୍ କାରଖାନା-୩ର ଲୋକାର୍ପଣ ଶୁକ୍ରବାର ଦିନ ମାନ୍ୟବର କେନ୍ଦ୍ର ଗୃହ ଏବଂ ସମବାୟ ବିଭାଗ ମନ୍ତ୍ରୀ ଅମିତ ଶାହଙ୍କ ଦ୍ୱାରା ସମ୍ପାଦିତ ହୋଇଯାଇଛି । ମଧ୍ୟାହ୍ନରେ ମାନ୍ୟବର ମନ୍ତ୍ରୀ ଶ୍ରୀ ଶାହା ହେଲିକ୍ୟାପ୍ଟର ଯୋଗେ ଭୁବନେଶ୍ୱରରୁ ଆସି ଇଫକୋ କାରଖାନା ପରିସରରେ ଓହ୍ଲାଇଥିଲେ । ଇଫକୋ ପରିଚାଳନା ନିର୍ଦ୍ଦେଶକ କେ.ଜେ.ପଟେଲ୍, ଇଫକୋ ଅଧ୍ୟକ୍ଷ ଦିଲୀପ ସଂଘାଣୀ, ପାରାଦୀପ ୟୁନିଟ୍ ମୁଖ୍ୟ ପି.କେ. ମହାପାତ୍ର ମାନ୍ୟବର ମନ୍ତ୍ରୀ ଶ୍ରୀ ଶାହାଙ୍କୁ ପୁଷ୍ପଗୁଚ୍ଛ ଦେଇ ଭବ୍ୟ ସ୍ୱାଗତ କରିଥିଲେ । ମାନ୍ୟବର ମନ୍ତ୍ରୀଙ୍କ ସହିତ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମାନ୍ୟବର ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ତଥା ପାରାଦୀପ ବିଧାୟକ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମାନ୍ୟବର ସମବାୟ, ହସ୍ତତନ୍ତ ଏବଂ ବୟନ ବିଭାଗ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ସାଂସଦ ଡ. ବିଭୂପ୍ରସାଦ ତରାଇ, ମାନ୍ୟବର ବିଧାୟକ ଅମରେନ୍ଦ୍ର ଦାସ ପ୍ରମୁଖ ନବନିର୍ମିତ ସଲଫ୍ୟୁରିକ ଏସିଡ୍ କାରଖାନା-୩ର ଲୋକାର୍ପଣସ୍ଥଳରେ ପହଂଚିଥିଲେ । ମାନ୍ୟବର ମନ୍ତ୍ରୀ ଶ୍ରୀ ଶାହାଙ୍କ ଦ୍ୱାରା ଏହି ନୂତନ କାରଖାନା ଲୋକାର୍ପିତ ହୋଇଥିଲା । ଏହା ପରେ ଇଫକୋ ସ୍ପୋର୍ଟସ୍ କମ୍ପ୍ଲେକ୍ସ ପରିସରରେ ସମବାୟ ବିକାଶ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏହି ସମ୍ମିଳନୀରେ ଇଫକୋ ପରିଚାଳନା ନିର୍ଦ୍ଦେଶକ କେ.ଜେ.ପଟେଲ୍ ଯୋଗ ଦେଇ ସଲଫ୍ୟୁରିକ ଏସିଡ୍ କାରଖାନା-୩ର ଲୋକାର୍ପଣ ହେବା ପରେ ଇଫକୋର ବିଦେଶରୁ ସଲଫ୍ୟୁରିକ ଏସିଡ୍ ଆମଦାନୀ ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଯିବ । ଆତ୍ମନିର୍ଭର ଭାରତ ପରିଯୋଜନା ଅଧିନରେ ଇଫକୋ ସଲଫ୍ୟୁରିକ ଏସିଡ୍ ଉତ୍ପାଦନରେ ଆତ୍ମ ନିର୍ଭର ହୋଇ ପାରିବ ବୋଲି କହିଥିଲେ । ଦେଶର କୃଷକମାନଙ୍କ ପାଇଁ ଇଫକୋ ତାର ଉଦ୍ୟମ ସବୁବେଳେ ଜାରୀ ରଖିଛି । ସମବାୟ ଭି□କ ସଂସ୍ଥା ମାନଙ୍କ ମଧ୍ୟରେ ଇଫକୋ ସମଗ୍ର ଦେଶରେ ଏକ ନମ୍ବର ହୋଇପାରିଛି ବୋଲି ଶ୍ରୀ ପଟେଲ କହିଥିଲେ । ଭୁବନେଶ୍ୱର, କଟକ.ପୁରୀ ଓ ପାରାଦୀପକୁ ନେଇ ଏକ ସ୍ୱତନ୍ତ୍ର ଅର୍ଥନୈତିକ ପ୍ରଗତି କ୍ଷେତ୍ର ପ୍ରସ୍ତୁତ ହେଉଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ । ରାଜ୍ୟର ବିଜେପି ସରକାର କ୍ଷମତାକୁ ଆସିବା ପରେ ରାଜ୍ୟର ସାମଗ୍ରିକ ବିକାଶରେ କାର୍ଯ୍ୟକ୍ରମ ଜାରୀ ରହିଛି । ୨୦୪୭ ମସିହା ସୁଦ୍ଧା ଏକ ବିକଶିତ ଓଡିଶା ଗଠନ ପାଇଁ ରାଜ୍ୟ ସରକାର କାର୍ଯ୍ୟ କରୁଛନ୍ତି ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ । ଇଫକୋ ଅଧ୍ୟକ୍ଷ ଦିଲୀପ ସଂଘାଣୀ ଇଫକୋର କର୍ମଚାରୀମାନଙ୍କ ଉଦ୍ୟମ ପାଇଁ ଦେଶର କିଶାନମାନଙ୍କ ପାଇଁ ଇଫକୋ ସମର୍ପିତ ଭାବେ କାର୍ଯ୍ୟ କରୁଛି ବୋଲି କହିଥିଲେ । ମୃ□ିକା ପରିକ୍ଷଣ, ଡ୍ରୋନମାଧ୍ୟମରେ ଇଫକୋ ୟୁରିଆ ଓ ଇଫକୋ ନାନୋ ସିଂଚନ କରି ଦେଶର କିଶାନ ଆଜି ମାଲବାନ ହେଉଛନ୍ତି । ସମାବେଶର ମୁଖ୍ୟ ଆକର୍ଷଣ ତଥା କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଅମିତ୍ ଶାହା ଗୁଜୁରାଟର ଅମୂଲ ଯେପରି ସମବାୟଭି□ରେ କାର୍ଯ୍ୟ କରି କେବଳ ରାଜ୍ୟରେ ସମଗ୍ର ଦେଶରରେ ସୁଖ୍ୟାତି ଅର୍ଜନ କରିଛି । ସେହିପରି ଓଡିଶାର ମହିଳାମାନଙ୍କୁ ସମବାୟଭି□ରେ ଯୋଡି ସେମାନଙ୍କ ବିକାଶ କରିବା ପାଇଁ ସରକାର କାର୍ଯ୍ୟ କରୁଛନ୍ତି । ଓଡିଶାରେ ସମବାୟ ବିଭାଗର କାର୍ଯ୍ୟକୁ ପ୍ରାଧାନ୍ୟ ଦେବାକୁ ସରକାର ସମସ୍ତ ପ୍ରୟାସ କରୁଛନ୍ତି । ସମବାୟଭି□କ ପାରାଦୀପଠାରେ ଥିବା ଇଫକୋ ସାର କାରଖାନା ସମଗ୍ର ଦେଶରେ ଏକ ରୋଲ ମଡେଲ୍ ହୋଇଛି । ଇଫକୋର ନିରନ୍ତର ପ୍ରୟାସକୁ ମାନ୍ୟବର ମନ୍ତ୍ରୀ ଶ୍ରୀ ଶାହା ଉଚ୍ଚ ପ୍ରଶଂସା କରିଥିଲେ । ଏହି ସମାବେଶରେ ଇଫକୋର ନିର୍ଦ୍ଦେଶକମଣ୍ଡଳୀ ସାମିଲ ହୋଇଥିଲେ । ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ଇଫକୋ ପାରାଦୀପ ୟୁନିଟ୍ ମୁଖ୍ୟ ପି.କେ. ମହାପାତ୍ର । ପାରାଦୀପ ସମେତ ବିଭିନ୍ନ ଅଂଚଳରୁ ଜନସାଧାରଣ,କୃଷକ,ମହିଳାମାନେ ବହୁ ସଂଖ୍ୟାରେ ଏହି ସମାବେଶରେ ଯୋଗ ଦେଇ ମାନ୍ୟବର କେନ୍ଦ୍ର ଗୃହ ଏବଂ ସମବାୟ ବିଭାଗ ମନ୍ତ୍ରୀ ଅମିତ ଶାହାଙ୍କୁ ଅଭିନନ୍ଦନ ଜଣାଇଥିଲେ । ଇଫକୋ ପାରାଦୀପ ୟୁନିଟ୍‌କୁ ମାନ୍ୟବର କେନ୍ଦ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ଥିଲା ପ୍ରଥମ ଗସ୍ତ । ଇଫକୋ ପାରାଦୀପ ୟୁନିଟ୍ ପକ୍ଷରୁ ଏହି କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରାଯାଇଥିଲା । ଇଫକୋ ଅନ୍ତେବାସୀଙ୍କ ସମେତ ଇଫକୋ ଅଧିକାରୀ, କର୍ମଚାରୀମାନେ ବିଭାଗୀୟ ମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ କରିଥିଲେ ।

## ୧୨ ମହିଳାଙ୍କୁ ଜୟଦେବ ନାରୀ ଶକ୍ତି ସମ୍ମାନ ପ୍ରଦାନ




ବାଲିପାଟଣା( ମହାଭାରତ) ବାଲିପାଟଣା ବ୍ଲକ ଅନ୍ତର୍ଗତ ସ୍ଥାନୀୟ ଶିଶୁ ଅନନ୍ତ ପୀଠ ଠାରେ ଏକ ଭବ୍ୟ ସାରସ୍ୱତ ସମାରୋହରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଇଛି । ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ପ୍ରତିଭାବାନ ମହିଳାମାନଙ୍କୁ 'ଜୟଦେବ ନାରୀ ଶକ୍ତି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା । ନିର୍ଭିକ ଖବର , ଅରବିନ୍ଦ ୟୁଥ୍ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟ ଓ ଦକ୍ଷା ଫାଉଣ୍ଡେସନ ମିଳିତ ଆନୁକୁଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମାଜର ବିଭିନ୍ନ ବର୍ଗରେ ଉଲ୍ଲେଖନୀୟ ଅବଦାନ ପାଇଁ ଏହି ସମ୍ମାନ ପ୍ରଦାନ କରାଯାଇ ନାରୀ ଶକ୍ତିର ଜୟଗାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଉଦଘାଟକ ଭାବେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ବିଜେପି ନେତା ଡଃ ଅରବିନ୍ଦ ଢ଼ାଲି ଯୋଗଦେଇଥିବା ବେଳେ ମୁଖ୍ୟ ଅତିଥି ଭାବେ ବିଜେପି ରାଜ୍ୟ ମହିଳା ମୋର୍ଚ୍ଚାର ସଭାନେତ୍ରୀ ଐଶ୍ୱର୍ଯ୍ୟା ବିଶ୍ୱାଳ , ମୁଖ୍ୟ ବକ୍ତା ଭାବେ ବିଜେପିର ବରିଷ୍ଠ ନେତ୍ରୀ ରଶ୍ମି ମହାପାତ୍ର ସମ୍ମାନିତ ଅତିଥି ରୂପେ କଳିଙ୍ଗ ଟିଭିର ସହ ସମ୍ପାଦିକା ସୌମ୍ୟା ପରିଡ଼ା , ନିର୍ଭିକ ଖବରର ସମ୍ପାଦକ ଆଶୁତୋଷ ଚୌଧୁରୀ, ଶିଶୁ ସାହିତ୍ୟିକ ତନୟା ଶିଶୁ ଗୋସ୍ୱାମୀ , ଦକ୍ଷା ଫାଉଣ୍ଡେସନର ସଂପାଦକ ସୁଲୋଚନା ମହାନ୍ତି , ସଭାପତି ବିଜୟଲକ୍ଷ୍ମୀ ନନ୍ଦ ପ୍ରମୁଖ ମଞ୍ଚାସୀନ ଥିଲେ ।ମହିଳାମାନେ ସ୍ୱାବଲମ୍ବୀ ହେବା ସହ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବା ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । କୃଷି ସମାଜସେବା, କଳା, ସାହିତ୍ୟ , ରାଜନୀତି ଏବଂ ପ୍ରଶାସନିକ କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ପ୍ରାୟ ୧୨ ଜଣ ମହିଳାଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ ପୂର୍ବକ ଜୟଦେବ ନାରୀ ଶକ୍ତି ସମ୍ମାନରେ ସମ୍ମାନିତ କରାଯାଇଥିଲା । ଦୀନବନ୍ଧୁ ଭୋଇ ମଞ୍ଚ ପରିଚାଳନା କରିଥିବା ବେଳେ ରଞ୍ଜନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରଳୟ କୁମାର ଦାସ, ସୁରେଶ ବେହେରା, ଗୋପାଳ ବେହେରା , ଦୀପକ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଟ୍ରାଫିକ ସମସ୍ୟା ଓ ରେକ୍ଲେସ୍ ଡ୍ରାଇଭିଂ ନେଇ ବୁଦ୍ଧିଜୀବୀମାନଙ୍କର ଥାନା ଅଧିକାରୀଙ୍କ ସହ ଆଲୋଚନା ଓ ଦାବୀ ପତ୍ର ପ୍ରଦାନ



ଜୁନାଗଡ଼, (ମହାଭାରତ) : କଳାହାଣ୍ଡି ଜିଲ୍ଲାର ଜୁନାଗଡ଼ ସହରରେ ବଢୁଥିବା ଟ୍ରାଫିକ ସମସ୍ୟା ଓ ରେକ୍ଲେସ୍ ଡ୍ରାଇଭିଂ ନେଇ ସହରର କିଛି ବୁଦ୍ଧିଜୀବୀ ଓ ସଚେତନ ନାଗରିକମାନେ ଜୁନାଗଡ଼ ଥାନା ଅଧିକାରୀଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି ।

ଦାବିପତ୍ରରେ ସେମାନେ ଜୁନାଗଡ଼ ସହରରେ ଦିନକୁ ଦିନ ବଢୁଥିବା ଦୁର୍ଘଟଣାପ୍ରବଣ ଓ ଅସାବଧାନ ଡ୍ରାଇଭିଂ (ରେକ୍ଲେସ୍ ଡ୍ରାଇଭିଂ) ଉପରେ ନିୟମିତ ଯାଞ୍ଚ କରିବାକୁ ଦାବି କରିଛନ୍ତି । ସେହିପରି ସହର ମଧ୍ୟରେ ଅବୈଧ ପାର୍କିଂ ଯୋଗୁଁ ସୃଷ୍ଟି ହେଉଥିବା ଟ୍ରାଫିକ ଜାମ୍‌କୁ ନିୟନ୍ତ୍ରଣ କରିବାକୁ ମଧ୍ୟ ପ୍ରଶାସନଙ୍କ ଧ୍ୟାନ ଆକର୍ଷଣ କରିଛନ୍ତି । ବିଶେଷ କରି ପୋଷ୍ଟ ଅଫିସ ସମ୍ମୁଖରେ ଲୋକାଲ ବସ୍‌ମାନଙ୍କ ଅବୈଧ ଭାବେ ଦୀର୍ଘ ସମୟ ଧରି ରହିବା ଫଳରେ ସାଧାରଣ ଲୋକଙ୍କ ଯାତାୟାତରେ ବହୁତ ଅସୁବିଧା ସୃଷ୍ଟି ହେଉଥିବାରୁ ଏହାର ପ୍ରତିକାର କରିବାକୁ ମଧ୍ୟ ଦାବି କରାଯାଇଛି । ଏହି ସମସ୍ୟାଗୁଡିକ ନିରାକରଣ ପାଇଁ ପୋଲିସ ପକ୍ଷରୁ ଶୀଘ୍ର କଡା ପଦକ୍ଷେପ ନିଆଯିବାକୁ ବୁଦ୍ଧିଜୀବୀମାନେ ଅନୁରୋଧ କରିଥିବା ଜଣାପଡ଼ିଛି । ଯଦି ସମସ୍ୟାର ସମାଧାନ ଶୀଘ୍ର କରାଯିବ ନାହିଁ, ତେବେ ଆଗାମୀଦିନରେ ସହରବାସୀ ଆନ୍ଦୋଳନ କରିବାକୁ ବାଧ୍ୟ ହେବେ ବୋଲି ସେମାନେ ସଚେତନ କରିଛନ୍ତି । ଏହି ସମୟରେ ବରିଷ୍ଠ ନାଗରିକ ସଂଗଠନର ସଭାପତି ଈଶ୍ୱର ପୁଝାରୀ, ସିଟିଜେନ ଫୋରମ ସଭାପତି ଅଶୋକ ପାତ୍ର, ଉପସଭାପତି ସନ୍ତୋଷ ସିଂହ ଦେଓ, ବିଶିଷ୍ଟ ବ୍ୟବସାୟୀ ଲଳିତ ଅଗ୍ରୱାଲ,ଅଶୋକ ପଟ୍ଟନାୟକ,ବରିଷ୍ଠ ସାମ୍ବାଦିକ ଦେବେନ୍ଦ୍ର ବିଶି, ନରେନ୍ଦ୍ର କ୍ଷିତି, ବରିଷ୍ଠ ଓକିଲ ବିଶ୍ୱନାଥ କର, ସିପିଆଇ ନେତା ଦାମୋଦର ବେହେରା, ହିମାଂଶୁ ନାଏକ, ଜୁନାଗଡ଼ ସାମ୍ବାଦିକ ଆଦିତ୍ୟ ମହାନ୍ତି, ବଣିକ ସଙ୍ଘ ସମ୍ପାଦକ ପ୍ରଭାତ ଦାଶ ସହ ଅନ୍ୟାନ୍ୟ ସଚେତନ ନାଗରିକ ଓ ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ ।

## ଅସୁରକ୍ଷିତ ଉମରକୋଟ ସହର !




ଉମରକୋଟ, (ମହାଭାରତ) : ନବରଙ୍ଗପୁର ଜିଲ୍ଲା ଉମରକୋଟ ସହର ଜିଲ୍ଲାର ଏକ ପ୍ରମୁଖ ବାଣିଜ୍ୟ ପେଣ୍ଠ ସ୍ଥଳି ହୋଇଥିବା ବେଳେ ଏଠାରେ ଦିନକୁ ଦିନ ଚୋରି ଓ ଡକାୟତି ଘଟଣା ଧୀରେ ଧୀରେ ବୃଦ୍ଧି ପାଇବାରେ ଲାଗିଛି । ଅପରାଧୀ ମାନେ ସହରର ଘରେ ଲୋକେ ରୁହନ୍ତୁ କି ନ ରୁହନ୍ତୁ ଖୁଲମ ଖୁଲା ପୋଲିସକୁ ଖୋଲା ଚେଲେଞ୍ଜ ଦେଇ ବଡ଼ ବଡ଼ ମୋରଣାସ୍ତ୍ର ଦେଖାଇ ଲୁଟ ପାଟ କରୁଛନ୍ତି । ସହରବାସୀ ଏବେ ଭୟ ବିତ ଅବସ୍ଥାରେ ଗତି କରୁଛନ୍ତି । ଗତ କିଛି ସପ୍ତାହ ତଳେ ସହରର କୋଚିନିଆମ୍ବା ଠାରେ ଅମୁଲ୍ୟ ଜେନାଙ୍କ ଘରେ ପ୍ରାୟ ଏକ କୋଟି ଟଙ୍କାର ଏକ ବଡ଼ ଧରଣର ଡକାୟତି ହୋଇଥିବା ବେଳେ ହଠାତ ତାହାର କିଛ ସପ୍ତାହ ମଧ୍ୟେରେ ପୁଣି ସହରର ଡଙ୍ଗରୀ ଗୁଡା ସ୍ଥିତ ଜୟନ୍ତ ଡାଲ୍ମି ଙ୍କ ଘରେ କେହି ନଥିବା ସୁଯୋଗ ପାଇ ଘରର ତାଲା ଭାଙ୍ଗି ଦିନ ଦି ପ୍ରହରେ ପ୍ରାୟ ତିନି ଲକ୍ଷରୁ ଉର୍ଦ୍ଧ ଟଙ୍କା ଓ ସୁନା ଗହଣା ଲୁଟ ହୋଇଥିବା ଅଭିଯୋଗ ସାମ୍ନାକୁ ଆସିଛି ପୁଣି ସହରର ବିଭିନ୍ନ ସ୍ଥାନରେ ଦିନ ଦ୍ୱି ପ୍ରହରରେ ଦୋକାୟତି ତ କେତେ ବେଳେ ରାତ୍ର ସମୟରେ ଡକାୟତି ଏଭଳି ଘଟଣା ସହର ବାସୀଙ୍କୁ ଭୟବିତ୍ତ କରିଦେଇଛି । ଏଭଳି ଘଟଣା ଉମରକୋଟ ସହରରେ ଦେଖା ଦେଇଛି । ଯଦି ପୋଲିସ ର ରାତ୍ର କାଳୀନ ପ୍ରହରା ସଠିକ ଭାବରେ ହୋଇଥାନ୍ତା ତ ଏଭଳି ଘଟଣା ବାରମ୍ବାର ଘଟି ନଥାନ୍ତା ବୋଲି ସାଧାରଣରେ ଚର୍ଚ୍ଚା ଯୋର ଧରିଛି ଗତ କିଛି ମାସ ତାଳେ ସହରର ବିଭିର୍ନ ସ୍ଥାନରେ ବଡ଼ ବଡ଼ ସିସିଟିଭି କେମେରା ଲଗା ଗଲା କି ସହର ମଧ୍ୟରେ ଘଟୁଥିବା ଚୋରି ଡକାୟତି ଓ ଟ୍ରାଫିକ ସମସ୍ୟାକୁ ନିୟନ୍ତ୍ରଣ କରିବାକୁ ସହଜ ହେବ ବୋଲି ହେଲେ ତାହା ଏଠି ସବୁ ଓଲଟା ଦେଖିବାକୁ ମିଳିଛି । ଅପରାଧୀ ମାନେ ପୋଲିସ ହାତରେ ଧରା ପୋଡିବା ପରେ ପୋଲିସ ଯଦି ସଠିକ ତଦନ୍ତ କରିଥାନ୍ତା ଓ ପୋଲିସ ପେଟ୍ରୋଲିଙ୍ଗ ସଠିକ ଭାବରେ ହୁଅନ୍ତା ତାହା ହେଲେ ସହରରେ ଏଭଳି ଘଟଣା ବାରମ୍ବାର ସାମ୍ନାକୁ ଆସିନଥାନ୍ତା ବୋଲି ସାଧାରଣରେ ଚର୍ଚ୍ଚା ଯୋର ଧରିଛି । ଖବର ପ୍ରସାରଣ ପରେ କେତେ ତତ୍ପର ହେବ ଉମରକୋଟ ପୋଲିସ ତାହା ଦେଖିବାକୁ ବାକି ରହିଲା ।

## ପ୍ରଧାନ ଶିକ୍ଷକଙ୍କ ବିରୋଧରେ ଜିଲ୍ଲାପାଳଙ୍କ ନିକଟରେ ଗ୍ରାମବାସୀ ଫେଁରାଦ ଘଟଣା : ସପକ୍ଷରେ ଚିଠି ଲେଖିଲେ ସରପ□

ନାରାୟଣପାଟଣା, (ମହାଭାରତ) : ନାରାୟଣପାଟଣା ବ୍ଲକ ସୀମାନ୍ତ ଲଙ୍ଗଲବେଡା ପଂଚାୟତର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଜାମି ସତ୍ୟନାରାୟଣ ଙ୍କ ବିରୋଧରେ କିଛି ସ୍ଥାନୀୟ ଗ୍ରାମବାସୀ କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ୍ ମହାଜନ ଙ୍କ ସାକ୍ଷାତ କରି ପ୍ରଧାନ ଶିକ୍ଷକ ଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଥିଲେ ।ଦୀର୍ଘ ବର୍ଷ ଧରି ସ୍କୁଲରେ ଲାଗି ରହିଥିବା ଆସୁଥିବା ସରକାରଙ୍କ ଅନୁଦାନ ସଠିକ ରୂପେ ପରିଚାଳନା , ଠିକ ଭାବେ ମଧ୍ୟାନ ଭୋଜନ, ହଷ୍ଟେଲ ଗୃହ ପରି ବହୁ ଅଭିଯୋଗ ଲିଖିତ ଆକାରରେ ଦେଇଥିଲେ । ଖବର ପ୍ରଘଟ ହେବା ପରେ ନାରାୟଣପଟଣା ବ୍ଲକ ଅଧ୍ୟକ୍ଷ ଗୋଲାଦି ତ୍ରିନାଥ ସ୍କୁଲ ପରିଦର୍ଶନ କରି ଛାତ୍ର ଛାତ୍ରୀ ଙ୍କ ସହ ରୋଷେଇ କର୍ମଚାରୀ ସତ୍ୟ ସତ୍ୟ ପଚାରି ବୁଝିବା ପରେ ଜିଲ୍ଲାପାଳନକୁ ଅଭିଯୋଗ କରିଥିବା କଥା ସହ ତାଳ ମେଳ ମିଳୁନାହିଁ ଏମିତିକି ନିଜର ବେକ୍ତିଗତ ଶତ୍ରୁତାକୁ ସ୍କୁଲ୍ । ଶିକ୍ଷା ମନ୍ଦିରରେ ଭର୍ତି କରିବା ଠିକ ନୁହେଁ ବୋଲି କହିବା ସହ ପ୍ରଧାନ ଶିକ୍ଷକ ଙ୍କୁ ଠିକ ଭାବେ ଛାତ୍ର ଛାତ୍ରୀ ଙ୍କୁ ଶିକ୍ଷା, ଖାଇବା ପିନ୍ଧିବା କୁ ଦୃଷ୍ଟି ଦେବାକୁ ପରାମର୍ଶ ଦେଇଥିବା ବେଳେ । ଆଜି ଖୋଦ ଲଙ୍ଗଳବେଡା ସରପଞ୍ଚ ମୁହଁ ଖୋଲିଛନ୍ତି । ଏପରି କି ଏକ କୁଚକ୍ରୀ ଗୋଷ୍ଠୀ କିଛି ଲୋକଙ୍କୁ ଉସୁକାଇ ପ୍ରଧାନ ଶିକ୍ଷକ ଙ୍କ ବିରୋଧରେ ଜିଲ୍ଲା ପାଳଙ୍କ ନିକଟକୁ ପଠେଇଥିଲେ ।ଆଜି ଏ ନେଇ ଖୋଦ ଲଙ୍ଗଲବେଡା ପଂଚାୟତର ସରପଂଚ ଶ୍ରୀମତି ଲାକମ ପିଡିକା କୋରାପୁଟ ଜିଲ୍ଲା ପାଳ ଙ୍କୁ ଚିଠି ଜରିଆରେ ଘଟଣା ବିଷୟରେ ଅବଗତ କରିଛନ୍ତି । ଯେଉଁ ସବୁ ଅଭିଯୋଗ କରାଯାଇଛି ବିଗତ ଦିଗରେ ତାହା ମନଗଢ଼ା ,ପୁର୍ବ ଶତ୍ରୁତା ବୋଲି କହି କିଛି ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି ସ୍କୁଲ ଓ ଶିକ୍ଷକ କୁ ବଦନାମ୍ କରିବାକୁ ଏପରି ଷଡ଼ଯନ୍ତ୍ର ରଚିଥିବା ଲିଖିତ ଆକାରରେ ଜଣେଇ ଛନ୍ତି ।ସୀମାନ୍ତ ରେ ଥିବା ଏହି ସ୍କୁଲ ରେ ଦୀର୍ଘ ଦଶ ବର୍ଷ ରୁ ଅଧିକ ସମୟ ରହି ଯେଉଁ ସମୟରେ ଆଦିବାସୀ ଛାତ୍ରଛାତ୍ରୀ ସ୍କୁଲ ଆସିବାକୁ ଡରୁଥିଲେ ସ୍ବ ସମୟରୁ ଛାତ୍ରଛାତ୍ରୀ ଙ୍କୁ ସ୍କୁଲ ମୁହାଁ କରି ହଷ୍ଟେଲ ରେ ରହି ପାଠ ପଢେଇ ବା ସହ ଉଚିତ ମଧ୍ୟାନ ଭୋଜନ ଦେଇ ପାଠ ପଢେଇ ଆସୁଛନ୍ତି ।ସ୍କୁଲ ରେ ସେପରି କୈଣସି ଅନିୟମିତତା ହୋଇନଥିବା ,କୈଣସି ଦୁର୍ନିତି ହୋଇନଥିବା କହିଛନ୍ତି । ପଂଚାୟତ ର ଶିକ୍ଷା ଓ ଶିକ୍ଷା ଦାନ ସଠିକ୍ ପରିଚାଳନା ହେଉଥିବା ସହ ଛାତ୍ରଛାତ୍ରୀ ହଷ୍ଟେଲ ରେ ରହି ଭଲ ପାଠ ପଢୁଛନ୍ତି ।କିଛି ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି ନିଜର ବ୍ୟକ୍ତିଗତ ଶତ୍ରୁତା ପାଇଁ ସ୍କୁଲ କୁ ବଦନାମ କରିବାକୁ ଚେଷ୍ଟା କରୁଥିବା କହିଛନ୍ତି ସରପଂଚ ।

## ସୁପୋଷିତ ଲକ୍ଷ୍ୟ ନେଇ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ

ଅନୁଗୋଳ, (ମହାଭାରତ): ଜିଲ୍ଲା ପ୍ରଶାସନ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗର ମିଳିତ ସହଯୋଗରେ ଆଜି ପୂର୍ବାହ୍ନରେ "ସୁପୋଷିତ ଲକ୍ଷ୍ୟ" ଦିଗରେ ଜିଲ୍ଲା ପରିଷଦ ସଭାଗୃହଠାରେ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାରେ ମାତୃ ଓ ଶିଶୁ ପୋଷଣ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହିତ କୁପୋଷଣ ହ୍ରାସ ପାଇଁ ସମନ୍ୱିତ ପଦକ୍ଷେପ ନେବା ହେଉଛି ଏହି କର୍ମଶାଳାର ଲକ୍ଷ୍ୟ । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଉଦୟ କୁମାର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ନିରୂପମା ପାଣିଙ୍କ ସମେତ ସମସ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ସମନ୍ୱିତ ଶିଶୁ ବିକାଶ ସେବା (ଓଉଉଝ)ର ସୁପର ଭାଇଜର, ଜିଲ୍ଲା ସମାଜ କଲ୍ୟାଣ ବିଭାଗର ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ । ରାଜ୍ୟ ସ୍ତରରୁ ଆସିଥିବା ପ୍ରଶିକ୍ଷକ ଇଶିକା ଦାଶ ଶିଶୁ ଓ ଗର୍ଭବତୀ ମାଆଙ୍କ ସୁସ୍ଥ ପୋଷଣ, ସ୍ୱାସ୍ଥ୍ୟ ସଚେତନତା ଏବଂ ସମୁଦାୟ ଭିତ୍ତିକ ପଦକ୍ଷେପ ନେବା ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ । ଏହି କର୍ମଶାଳାରେ ବିଭିନ୍ନ ପୋଷଣ କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନ, ସମସ୍ୟା ଓ ସମାଧାନ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ଏହି ଉପଲକ୍ଷେ ଅନୁଗୋଳ ଜିଲ୍ଲାକୁ 'ସୁପୋଷିତ ଜିଲ୍ଲା' ଭାବେ ଗଢି ତୋଳିବାକୁ ଶପଥ ପାଠ କରାଯାଇଥିଲା ।

## ଢେଙ୍କାନାଳରେ ସାଇବର ଓ ଅର୍ଥନୈତିକ ଅପରାଧ ଥାନା ଉଦ୍‌ଘାଟିତ

ଢେଙ୍କାନାଳ, (ମହାଭାରତ): ଢେଙ୍କାନାଳରେ ସାଇବର ଓ ଅର୍ଥନୈତିକ ଅପରାଧ ଥାନା ଉଦ୍ଘାଟିତ ହୋଇଯାଇଛି । ଭୁବନେଶ୍ୱରସ୍ଥିତ ପ୍ରଦର୍ଶନୀ ପଡ଼ିଆଠାରେ ଆୟୋଜିତ ଉତ୍ସବସ୍ଥଳରୁ ଭିଡ଼ିଓ କନ୍‌ଫରେନସିଂ ମାଧ୍ୟମରେ ମାନ୍ୟବର କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଶ୍ରୀଯୁକ୍ତ ଅମିତ ଶାହା, ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚ଼ରଣ ମାଝୀ ଓ ଅନ୍ୟାନ୍ୟ ନେତୃମଣ୍ଡଳୀଙ୍କ ଉପସ୍ଥିତରେ ଏହି ଥାନାକୁ ଉଦ୍ଘାଟିତ କରିଛନ୍ତି । ଏହା ସହିତ ଓଡ଼ିଶାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍ଘାଟନ କରିଛନ୍ତି । କୁଞ୍ଜକାନ୍ତ ଆର.ଟି.ଓ. ଅଫିସ ନିକଟରେ ଶୁଭାରମ୍ଭ ହୋଇଥିବା ଏହି ଥାନା ସାଇବର ଓ ଅର୍ଥନୈତିକ ଅପରାଧ ନିୟନ୍ତ୍ରଣରେ ବିଶେଷ ସହାୟକ ହେବ ବୋଲି ଆରକ୍ଷୀ ଅଧିକ୍ଷକ ଶ୍ରୀ ଅଭିନବ ସୋନକର ପ୍ରକାଶ କରିଛନ୍ତି । ଜିଲ୍ଲାବାସୀ କୌଣସି ପ୍ରକାରର ସାଇବର ଠକେଇ ଓ ଅର୍ଥନୈତିକ ଠକେଇର ଶିକାର ହେଲେ ଏହି ଥାନାରେ ଅଭିଯୋଗ କରିପାରିବେ ବୋଲି ସେ ପ୍ରକାଶ କରିଛନ୍ତି । ଦୂରଦୂରାନ୍ତ ଅଞ୍ଚଳବାସୀ ଠକେଇର ଶିକାର ହେଲେ ନିକଟସ୍ଥ ଥାନାରେ ମଧ୍ୟ ଅଭିଯୋଗ କରିପାରିବେ ଓ ପ୍ରତିକାର ପାଇଁ ଏହି ଥାନା ଦ୍ୱାରା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ସୂଚ଼ନା ପ୍ରଦାନ କରିଛନ୍ତି । ଏହି ଉଦ୍ଘାଟନୀ କାର୍ଯ୍ୟକ୍ରମରେ ପୌର ଅଧ୍ୟକ୍ଷା ଶ୍ରୀମତୀ ଜୟନ୍ତୀ ପାତ୍ର, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ରମେଶ ଚନ୍ଦ୍ର ସେଠି, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ଲଳିତ ମୋହନ ବେହେରାଙ୍କ ସମେତ ପୋଲିସ କର୍ମକର୍ତ୍ତାଗଣ ଓ ଗଣମାଧ୍ୟମର ପ୍ରତିନିଧି ମାନେ ଉପସ୍ଥିତ ଥିଲେ ।

## କଂଗ୍ରେସର ଜିଲ୍ଲାସ୍ତରୀୟ ଜନ ଅଧିକାର ସମାବେଶ



ଯୋଡା, (ମହାଭାରତ): ଯୋଡା ବନେଇ କଳା ଦୁର୍ଗା ପୂଜା ପଡିଆ ଠାରେ ଶୁକ୍ରବାର ପ୍ରାୟ ୧୨ ଟା ସମୟରେ କଂଗ୍ରେସ ଏକ ଜିଲ୍ଲା ସ୍ତରୀୟ ଜନ ଅଧିକାର ସମାବେଶ ଅନୁଷ୍ଠିତ ହୋଇ ଯାଇଛି ।ଏଠାରେ ସେ କହିଥିଲେ ଯେ କେନ୍ଦୁଝର ଜିଲ୍ଲା ର ଚମ୍ପୁଆ ନିର୍ବାଚନ ମଣ୍ଡଳିରେ ରତ୍ନ ଗର୍ଭା ଏଠାରେ ଲୁହାପଥର ମାଙ୍ଗାନିଜ୍ ? ପଥର ବହୁ ପରିମାଣରେ ରହିଛି । ଶହେରୁ ଉର୍ଦ୍ଧ କମ୍ପାନୀ ଖଣି କାର୍ଯ୍ୟ କରୁଛନ୍ତି ଏଠାରେ ପ୍ରତେକ ଦିନ ଏକ ଲକ୍ଷ ଟନ୍ ? ଲୁଟ କରାଯା ଉଛି ବୋଲି କହିଥିଲେ । ଏହି ସଭାରେ ଯୋଗ ଦେଇ ଥିଲେ ରାଜ୍ୟ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସ,ରାଜ୍ୟ ପ୍ରଭାରୀ ଅଜୟ କୁମାର ଲୋଲୁ,ସହ ପ୍ରଭାରୀ ଏସ ଜୟ କୁମାର,କଂଗ୍ରେସ ଦଳ ନେତା ରାମଚନ୍ଦ୍ର କଡମ,ପୂର୍ବତନ ପିସିସି ସଭାପତି ଜୟଦେବ ଜେନା,ପୂର୍ବତନ କେନ୍ଦୁଝର ସାଂସଦ ଯୋଶବନ୍ତ ନାରାୟଣ ସିଂ ଲାଗୁରୀ,ପୂର୍ବତନ କେନ୍ଦୁଝର ସାଂସଦ ଶକୁନ୍ତଳା ଲାଗୁରି,କଂଗ୍ରେସ ଜିଲ୍ଲା ସଭାପତି ମନୋଜ ଜେନା,କଂଗ୍ରେସ ନେତା ଆଲୋକ ମିଶ୍ର, ପୂର୍ବତନ ସଦର ବିଧାୟକ ସୁବର୍ଣ୍ଣ ନାଏକ,କଂଗ୍ରେସ ନେତା ସଂଗ୍ରାମ ଦାସ,ଙ୍କ ସମେତ ଯୋଡା ନଗର କଂଗ୍ରେସ କମିଟି ସଭାପତି ସୁବ୍ରତ କୁମାର ନାୟକ,ଚମ୍ପୁଆ ବ୍ଲକ୍ କଂଗ୍ରେସ କମିଟି ସଭାପତି ବିଦ୍ଦୁ ଭୂଷଣ ପତି,ଚମ୍ପୁଆ ଏନ୍ ଏ ସି କଂଗ୍ରେସ କମିଟି ସଭାପତି ସର୍ଫରାଜ୍ ଆଲମ୍,ଯୋଡା ବ୍ଲକ୍ କଂଗ୍ରେସ କମିଟି ସଭାପତି ଚନ୍ଦ୍ର ବିର କୁମାର ମହାନ୍ତ,ଚମ୍ପୁଆ ନିର୍ବାଚନ ମଣ୍ଡଳୀ ର ଯୁବ କଂଗ୍ରେସ ସଭାପତି ଜଗନ୍ ସାହୁ,ଝୁମ୍ପୁର । ବ୍ଲକ୍ କଂଗ୍ରେସ କମିଟି ସଭାପତି ସୁବ୍ରତ କୁମାର ପ୍ରଧାନ,ଉପ ସଭାପତି କପିଳ ବେହେରା ପ୍ରମୁଖ ମଞ୍ଚାସିନ ଥିଲେ ।ସଭାରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସ ଭାଜପା ସରକାରଙ୍କୁ କଡ । ଦବାବ୍ ଦେଇ କହିଛନ୍ତି ଯେ କେନ୍ଦୁଝର ଜିଲ୍ଲା ହେଉଛି ମୁଖ୍ୟମନ୍ତ୍ରୀ ଙ୍କ ଜିଲ୍ଲା ଏଠାରେ ସବୁଠୁ ଅଧିକ ଆଦିବାସୀ ହେଲେ ଏହି ଜାଗାରେ ଏମାନଙ୍କୁ ଖଣି ରେ କାମ ମିଳୁ ନାହିଁ ।ଲୋକେ ଦାଦନ ଖଟିବାକୁ ବାହାର ରାଜ୍ୟ କୁ ଯାଉଛନ୍ତି ।ଖଣି ଓ ଶିଳ୍ପ ସଂସ୍ଥା ରେ ସ୍ଥାନୀୟ ଲୋକଙ୍କୁ ଶତକଡା ୭୫ ଭାଗ ନିଯୁକ୍ତି ବ୍ୟବସ୍ଥା କାହିଁକି ସରକାର କରୁ ନାହାନ୍ତି ବୋଲି ପ୍ରଶ୍ନ ଉଠାଇ ଥିଲେ ।ସେହିପରି ଡି ଏମ ଏଫ୍ ରେ ପ୍ରାୟ ୧୪ ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କା ରହିଥିଲେ ହେଁ ଖଣି ପ୍ରଭାବିତ ଅଞ୍ଚଳ ର ବିକାଶ ଦିଗରେ ଏହା ଖର୍ଚ୍ଚ କରାଯାଉ ନାହିଁ ।ଖଣି ଅଞ୍ଚଳରେ ଲୋକଙ୍କୁ ନ୍ୟାୟ ଦେବା ପାଇଁ କଂଗ୍ରେସ ଲଢେଇ କରିବ ,ଏଥିପାଇଁ ଯୋଡା ବ୍ଲକ୍ ର ୫୦୦ ଯୁବକ ଙ୍କୁ ପ୍ରଶିକ୍ଷଣ ଦିଆ ଯିବ ।ଏହି ଯୁବକ ମାନେ ପ୍ରତ୍ୟେକ ଖଣି ଓ ଶିଳ୍ପ ସଂସ୍ଥା ରେ ସ୍ଥାନୀୟ ନିଯୁକ୍ତି ର ହିସାବ ମାଗିବା ସହିତ ଖଣି ଦ୍ୱାରା ପ୍ରଭାବିତ ଅଞ୍ଚଳ ର ବିସ୍ଥାପନ ସମସ୍ୟା,ନିଯୁକ୍ତି ସମସ୍ୟା ସହିତ ଅନ୍ୟାନ୍ୟ ସମସ୍ୟା ଉପରେ ତଦାରଖ କରିବେ ।ଏହାପରେ କଂଗ୍ରେସ ଆଦିବାସୀ ମାନଙ୍କ ନ୍ୟାର୍ଯ୍ୟ ଦାବି ନେଇ ଏହି ସ୍ୱର୍ କୁ ଗାଁ ଗାଁ ରେ ପହଞ୍ଚାଇବ ।ବ୍ୟାପକ ଖଣି ଖନନ ଯୋଗୁଁ ଜଳ,ଜମି ଓ ଜଙ୍ଗଲ ନଷ୍ଟ ହେବାରେ ଲାଗିଛି ।ଏହାର ସୁରକ୍ଷା ପ୍ରତି ସରକାର ଦୃଷ୍ଟି ଦେଉ ନ ଥିବା ସେ କହିଥିଲେ ।ସେହିପରି ବହୁ ପ୍ରତିକ୍ଷିତ କାନପୁର ବୃହତ୍ ଜଳ ସେଚନ ପ୍ରକଳ୍ପ ଦୀର୍ଘ ୩୦ ବର୍ଷ ହେବ ସରକାର ଅସମ୍ପୂର୍ଣ୍ଣ କରି ରଖିଛନ୍ତି ।ଫଳରେ ଚାଷ ଜମିରେ ଜଳ ସେଚନ ହୋଇ ପାରୁ ନାହିଁ ।କାନପୁର ପ୍ରକଳ୍ପ ରେ ବିସ୍ଥାପନ ଓ ଥଇଥାନ ନିୟମ ୨୦୧୩ ଅନୁଯାୟୀ କ୍ଷତି ପୁରଣ ପ୍ରଦାନ ସରକାର କରି ନାହାନ୍ତି ।ଯାହାଦ୍ୱାରା ହଜାର ହଜାର ବିସ୍ଥାପିତ ଜମିର ଉଚିତ୍ କ୍ଷତି ପୂରଣ ଟଙ୍କା ପାଇବାରୁ ବଞ୍ଚିତ ହୋଇ ଛନ୍ତି ।ଚମ୍ପୁଆ, ଯୋଡା,ବଡ଼ବିଲ,ଖଣି ଅଞ୍ଚଳ ରୁ ହଜାର ହଜାର କୋଟି ଟଙ୍କା ରାଜସ୍ୱ ଯାଉଛି ।ଏହାସତ୍ତ୍ୱେ ଏହି ଅଞ୍ଚଳ ର ବିକାଶ ହେଉ ନାହିଁ ।ଏହି ଅଞ୍ଚଳ ବାସୀ ଙ୍କ ପାଇଁ କଂଗ୍ରେସ ଲଢେଇ ଜାରି ରଖିବ ବୋଲି ସେ କହିଥିଲେ ।ସେହିପରି ପୂର୍ବତନ ପିସିସି ସଭାପତି ଜୟଦେବ ଜେନା କହିଥିଲେ ଯେ,କେନ୍ଦୁଝର ଜିଲ୍ଲାରୁ ଖଣିଜ ସଂପଦ ଲୁଟ ହେବାରେ ଲାଗିଛି ।ଖଣିରେ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ମିଳୁ ନାହିଁ । ସ୍ଲରି ପାଇପ ଲାଇନ ଦ୍ୱାରା ଖଣିଜ ପରିବହନ ହେବା ଦ୍ୱାରା ଜିଲ୍ଲା ର ହଜାର ହଜାର ଟ୍ରକ୍ ମାଲିକ କାର୍ଯ୍ୟ ହରା ହେଉଛନ୍ତି ।କେନ୍ଦୁଝର ଜିଲ୍ଲା ର ମୁଖ୍ୟମନ୍ତ୍ରୀ ଥାଇ ଖଣି ଅଞ୍ଚଳର ଆଦିବାସୀ ମାନଙ୍କ ର କୌଣସି ଉନ୍ନତି ହୋଇ ପାରୁ ନାହିଁ ।ସେହିପରି କଂଗ୍ରେସ ଦଳ ର ନେତା ରାମ ଚନ୍ଦ୍ର କଡମ କହିଥିଲେ ଯେ,କଂଗ୍ରେସ ହିଁ ଏକ ମାତ୍ର ଦଳ, ଯିଏ କି ଦଳିତ ଆଦିବାସୀ ମାନଙ୍କ ର ସୁରକ୍ଷା ନେଇ କାର୍ଯ୍ୟ କରି ଆସୁଛି ।ବ୍ୟାପକ ଖଣି ଖନନ ଦ୍ୱାରା ଜଙ୍ଗଲ,ଜମି ,ଜଳ ନଷ୍ଟ ହୋଇ ।ଆଦିବାସୀ ଙ୍କ ଅଧିକାର କ୍ଷୁର୍ଣ୍ଣ ହେଉଛି ।ଖଣି ଅଞ୍ଚଳ ର ବିକାଶ ପାଇଁ ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେବ । ଉଚିତ୍ ବୋଲି ସେ କହିଥିଲେ ।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା





## ଆସିକା ଆୟୁର୍ବେଦିକ ଫାର୍ମାସୀ କର୍ମଚାରୀଙ୍କ ଅନିର୍ଦ୍ଧିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା



ଆସିକା(ମହାଭାରତ): ଓଡିଶାର ଏକମାତ୍ର ଆୟୁର୍ବେଦିକ ଫାର୍ମାସୀ ତଥା ଆସିକା ଉତ୍କଳ ଆୟୁର୍ବେଦିକ ସମବାୟ ପର୍ମାସୀ ଲିଃ ର କର୍ମଚାରୀ ୦୫ ଦଫା ଦାବୀ ପୂରଣ ନେଇ ଫାର୍ମାସୀ ସମ୍ମୁଖରେ ଅନିର୍ଦ୍ଧିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ରେ ବସିଛନ୍ତି । ଆସିକା ର ଏକ ସମବାୟ ଭିତ୍ତିକ ଆୟୁର୍ବେଦିକ ଔଷଧ ତିଆରି କାରଖାନା ଦୀର୍ଘ ବର୍ଷ ହେବ ଅଚଳାବସ୍ଥା ଥିବା ବେଳେ ଗତ ଦୁଇ ବର୍ଷ ହେଲା କାର୍ଯ୍ୟକ୍ଷମ ନହୋଇ ପଡି ରହିଛି । ଏହି ଅନୁଷ୍ଠାନ ପରିଚାଳନା ପରିଷଦ ର ନିର୍ବାଚିତ ପ୍ରତିନିଧି ଓ ତତ କାଳୀନ ସମ୍ପାଦକ ଙ୍କ ତାଳ ମେଳ ନହେବା କାରଣ ରୁ ଅନୁଷ୍ଠାନ ବହୁ ଅସୁବିଧା ଦେଇ କିଛିଦିନ ଚାଲିଥିଲା । ହେଲେ ଗତ ଦୁଇ ବର୍ଷ ହେଲା ସ୍ଥାୟୀ ସମ୍ପାଦକ ନଥିବାରୁ ଆୟୁଷ ବିଭାଗ କୁ ଆବଶ୍ୟକ କାଗଜ ପତ୍ର ଦେଖାଇ ପାରିନଥିଲେ । ତେଣୁ ଏହି ଅନୁଷ୍ଠାନ ର ଡ୍ରଗ ଲାଇସନ୍ସ କୁ ବାତିଲ କରିଥିଲେ । ଏହି ଲାଇସନ୍ସ ବାତିଲ ପରେ ଅନୁଷ୍ଠାନ ସଂପୁର୍ଣ ରୂପେ ଅଚଳ ହୋଇ ପଡ଼ିରହିଛି । ଦୁଇ ବର୍ଷ ହେଲା କର୍ମଚାରୀ ମାନଙ୍କ ଦରମା ଏବଂ ପାରିଶ୍ରମିକ ପ୍ରଦାନ କରାଯାଇନାହିଁ । ଏଥି ସହିତ ଇ ପି ଏଫ ଓ ଇ ଏସ ଆଇ ମଧ୍ୟ ପୈଠ ହୋଇ ନଥିବା, ସେତେବେଳେ ର ପ୍ରସ୍ତୁତ ଔଷଧ ବିକ୍ରି ନହେବା, ପରିଚାଳନା ପରିଷଦ ର ଅଧିକାରୀ ମାନଙ୍କୁ ବାରମ୍ବାର ଅବଗତ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିଲା ନାହିଁ ।ଏଣୁ କର୍ମଚାରୀ ମାନଙ୍କ ପକ୍ଷରୁ ଗତ ଫେବୃଆରୀ ୦୧ ତାରିଖ ରେ ଅନୁଷ୍ଠାନ କୁ ପୁନଃ ଚାଲୁ କରିବା ଏବଂ କର୍ମଚାରୀ ମାନଙ୍କ ବକେୟା ଅର୍ଥ ରାଶି ପ୍ରଦାନ ନକଲେ ଆଗାମୀ ମାର୍ଚ୍ଚ ୦୧ ରୁ ଅଫିସ ଆଗରେ ଧାରଣା ଦେବେ ବୋଲି ଲିଖିତ ଭାବେ ଜଣାଇଥିଲେ । କୌଣସି ସୁଫଳ ନମିଳିବାରୁ ଆଜି ଆସିକା ଉତ୍କଳ ଆୟୁର୍ବେଦିକ ଫର୍ମାସୀ ଲିଃ କାର୍ଯ୍ୟାଳୟ ଆଗରେ କର୍ମଚାରୀ ମାନେ ଧାରଣା ରେ ବସି ପ୍ରତିବାଦ ଜଣାଇ ଥିଲେ । ଏହି ଧାରଣା ରେ ସନ୍ତୋଷ କୁମାର ମହାନ୍ତି, ବିଜୟ କୁମାର ଦାସ, ସୁଦକ୍ଷା ରାଉତ, ଜୟ ପରିଡା, ସନ୍ୟାସୀ ଗୌଡ଼, ଗୋବିନ୍ଦ ନାୟକ, ଜୟଦେବ ବେହେରା, ଜୟ କୁମାର ପାଢ଼ୀ, ମୋହନ ମିଶ୍ର, ଶ୍ୟାମ ସୁନ୍ଦର ପାଢ଼ୀ, ସୁଜନ ଦାସ, ସୁକାନ୍ତି ରେଡି, ସୂର୍ଯ୍ୟ ମୋହନ ଗୌଡ଼, ସନ୍ତୋଷ କୁମାର ବିଶ୍ୱାଳ, ପ୍ରମୁଖ ଉପସ୍ଥିତ ରହିଥିଲେ ।

## ପ୍ରବୀଣ ଶିକ୍ଷକ ଙ୍କ ପରଲୋକ

ଦଶପଲ୍ଲା,(ମହାଭାରତ): ଦଶପଲ୍ଲା ଏନ ଏ ସି ଅନ୍ତର୍ଗତ ମାଳିସାହି ଗ୍ରାମର ପ୍ରବୀଣ ଶିକ୍ଷକ ତଥା ହନୁମାନ ଙ୍କ ପରମ ସେବକ ବିଘ୍ନେଶ୍ୱର ରଣା (୮୧)ଙ୍କର ନିଜ ବାସଭବନ ରେ ପରଲୋକ ଘଟିଛି । ସେ ଜଣେ ଆଦର୍ଶ ଶିକ୍ଷକ ଭାବେ ଅସଂଖ୍ୟ ଛାତ୍ର ଛାତ୍ରୀଙ୍କୁ ପାଇବା ସହିତ ମଣିଷ କରିବାରେ ତାଙ୍କର ଅବଦାନ ରହିଛି । ଏଥିସହିତ ଦଶପଲ୍ଲା ର ପ୍ରସିଦ୍ଧ ସ୍ୱପ୍ନ ମହାବୀର ୨ଜଣ ଶିକ୍ଷକ ଙ୍କୁ ଆବିଷ୍କାର ନିମନ୍ତେ ସ୍ୱପ୍ନାଦେଶ ହୋଇଥିଲା।ଯ ଦିବଂଗତ ବିଘନେଶ୍ୱର ଙ୍କ ବିୟୋଗ ଖବର ପାଇ ତାଙ୍କ ମରଶରୀର ନିକଟରେ ଶେଷ ଦର୍ଶନ ପାଇଁ ସହସ୍ରାଧିକ ଲୋକ ଜମାହୋଇଥିଲେ ।ଅନ୍ତେଷ୍ଟି କ୍ରିୟା ପୁରୀ ସ୍ୱର୍ଗଦ୍ୱାର ରେ ସମାପନ ହୋଇଥିଲା ।ଜ୍ୟୋଷ୍ଠ ପୁତ୍ର ଲକ୍ଷ୍ମୀଧର ରଣା ମୁଖାଗ୍ନି ଦେଇଥିଲେ।ଯଏଭଳି ଶିକ୍ଷକ ଙ୍କ ମୃତ୍ୟୁ ର ଖବର ଶୁଣି ଦଶପଲ୍ଲା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

## ବିଜେଡ଼ି ପକ୍ଷରୁ ବିଜୁବାବୁ ଙ୍କ ଜନ୍ମ ଜୟନ୍ତୀ ପାଳିତ

ପାଟଣା:-(ମହାଭାରତ):କେନ୍ଦୁଝର ଜିଲ୍ଲା ପାଟଣା ନିର୍ବାଚନ ମଣ୍ଡଳୀ ସ୍ତରୀୟ ବିଜୁ ପଟ୍ଟନାୟକ ଙ୍କ ୧୧୦ତମ ଜନ୍ମ ଜୟନ୍ତୀ ପାଳିତ ହୋଇଛି । କାର୍ଯ୍ୟକ୍ରମ ପୂର୍ବତନ ବିଧାୟକ ଜଗନ୍ନାଥ ନାଏକ ଙ୍କ ଅଧକ୍ଷତା ରେ ପୂର୍ବତନ ବ୍ଲକ ସଭାପତି ମାଧବାନନ୍ଦ ପୃଷ୍ଟି ଙ୍କ ସଭାପତି୍ ରେ ଅନୁଷ୍ଠିତ ହୋଇଛି । ଓଡ଼ିଶା ର ବୀର ପୁତ୍ର,ପ୍ରମାଦ ପୁରୁଷ,ଜନନାୟକ ବିଜୁ ପଟ୍ଟନାୟକ ଙ୍କ ଫୋଟ ଚିତ୍ର ଉପରେ ପୁଷ୍ପ ମାଲ୍ୟ,ଧୂପ,ଦୀପ ଅର୍ପଣ କରାଯାଇ କାର୍ଯ୍ୟକ୍ରମ ଆରମ୍ଭ ହୋଇ ଥିଲା।ଯ କାର୍ଯ୍ୟକ୍ରମ ରେ ପୂର୍ବତନ ସାଂସଦ ପ୍ରତିନିଧି ଅଜୟ କୁମାର ନାୟକ,ସାହାରପଡା ବ୍ଲକ ସଭାପତି ଦିଲ୍ଲିପ କୁମାର ସାହୁ, ଜିଲ୍ଲା ସାଧାରଣ ସଂପାଦକ ପ୍ରଶାନ୍ତ କୁମାର ଭଞ୍ଜ, ନିରଞ୍ଜନ ତ୍ରିପାଠୀ, ପୂର୍ବତନ ବ୍ଲକ ଅଧକ୍ଷା ସୁକାନ୍ତି ନାଏକ,ପୂର୍ବତନ ଚିନାମାଳିପଶି ସରପଞ୍ଚ କନକଲତା ନାଏକ,ବଡ ପାଟଣା ସରପ□ ବିନତୀ ବାନରା, ଏରେଣ୍ଡଇ ସରପଞ୍ଚ ପାର୍ବତୀ ଦେହୁରୀ, ବିଜେଡ଼ି ପକ୍ଷରୁ ବିଜୁବାବୁ ଙ୍କ ୧୧୦ତମ ଜନ୍ମ ଜୟନ୍ତୀ ପାଳିତ କେନ୍ଦୁଝର ଜିଲ୍ଲା ପାଟଣା ନିର୍ବାଚନ ମଣ୍ଡଳୀ ସ୍ତରୀୟ ଜନ୍ମ ଜୟନ୍ତୀ ପାଳିତ ହୋଇଛି । କାର୍ଯ୍ୟକ୍ରମ ପୂର୍ବତନ ବିଧାୟକ ଜଗନ୍ନାଥ ନାଏକ ଙ୍କ ଅଧକ୍ଷତା ରେ ଅନୁଷ୍ଠିତ ହୋଇଛି । ଏହି ଜନ୍ମ ଜୟନ୍ତୀ କାର୍ଯ୍ୟକ୍ରମ ଅବସରରେ ପୂର୍ବତନ ବ୍ଲକ ସଭାପତି ମାଧବାନନ୍ଦ ପୃଷ୍ଟି ଙ୍କ ସଭାପତି୍ ରେ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମ ରେ ପୂର୍ବତନ ସାଂସଦ ପ୍ରତିନିଧି ଅଜୟ କୁମାର ନାୟକ,ସାହାରପଡା ବ୍ଲକ ସଭାପତି ଦିଲ୍ଲିପ କୁମାର ସାହୁ, ଜିଲ୍ଲା ସାଧାରଣ ସଂପାଦକ ପ୍ରଶାନ୍ତ କୁମାର ଭଞ୍ଜ, ନିରଞ୍ଜନ ତ୍ରିପାଠୀ, ପୂର୍ବତନ ବ୍ଲକ ଅଧକ୍ଷା ସୁକାନ୍ତି ନାଏକ,ପୂର୍ବତନ ଚିନାମାଳିପଶି ସରପଞ୍ଚ କନକଲତା ନାଏକ,ବଡ ପାଟଣା ସରପଞ୍ଚ ବିନତୀ ବାନରା, ଏରେଣ୍ଡଇ ସରପଞ୍ଚ ପାର୍ବତୀ ଦେହୁରୀ,ସମିତି ସଭ୍ୟ ବିଜୟ କୁମାର ପଇଦା,ପୂର୍ବତନ ଟେଣ୍ଡରା ସରପଞ୍ଚ ରାଜ ବଲ୍ଲଭ ଦେହୁରୀ, ସାହାରପଡ଼ା ବ୍ଲକ ୨୯ନମ୍ବର ଜୋନ ଜିଲ୍ଲାପରିଷଦ ସଦସ୍ୟ ବୁଦ୍ଧଦେବ ମହାକୁଡ,୨୨ନମ୍ବର ଜୋନ ଜିଲ୍ଲାପରିଷଦ ସଦସ୍ୟ ସୌଭାଗ୍ୟ ମଞ୍ଜରୀ ନାୟକ,୨୩ନମ୍ବର ଜୋନ ଜିଲ୍ଲାପରିଷଦ ସଦସ୍ୟ ରୁନୁ ମହାନ୍ତ,୧୮ନମ୍ବର ଜୋନ ଜିଲ୍ଲାପରିଷଦ ସଦସ୍ୟ ରାଧାକାନ୍ତ ନାଏକ ଉପସ୍ଥିତ ହୋଇ ବିଜୁ ପଟ୍ଟନାୟକ ଙ୍କ ରାଜନୀତିକ ଜୀବନ, ଓଡ଼ିଶା କୁ ବିକାଶ ଦିଗ ରେ ଆଗେଇ ନେବା ଦେଖି ଥିବା ସପ୍ନ ଉପରେ ଅଭିଭାଷଣ ରଖିଥିଲେ । ଏହି ବିଜୁ ପଟ୍ଟନାୟକ ଙ୍କ ଜନ୍ମ ଜୟନ୍ତୀ ଅବସରରେ ଶତାଧିକ ବିଜେଡି ବରିଷ୍ଠ ନେତା ଓ କର୍ମୀ ମାନେ ଉପସ୍ଥିତ ଥିଲେ ।

# ବେଲପଡା ପ୍ରାଥମିକ ବିଦ୍ୟାଳୟ ର ଛାତ୍ରଛାତ୍ରୀ ପରୀକ୍ଷା ନଦେଇ ପାରିବାରୁ ରାସ୍ତାରୋକ

## ପ୍ରସାଶନ ର ପ୍ରତିଶୃତି ପରେ ରାସ୍ତାରୋକ ପ୍ରତ୍ୟାହୃତ

ଗଣିଆ,(ମହାଭାରତ): ଗଣିଆ ବ୍ଲକ ବେଲପଡ଼ାପାଟଣା ପ୍ରାଥମିକ ବିଦ୍ୟାଳୟର ୫ମଶ୍ରେଣୀ ଛାତ୍ର ଭୋଳନାଥ ମଳିକ ନିଖୋଜ ହେବା ଘଟଣା ଓ ଘର ନିକଟସ୍ଥ ଏକ ପରିତ୍ୟକ୍ତ କୂଅରୁ ତାଙ୍କ ଶବ ଉଦ୍ଧାର ଘଟଣାକୁ ଏକ ମାସ ବିତି ଯାଇଥିଲେ ମଧ୍ୟ ମୃତ୍ୟୁର କାରଣ ଜଣାପଡ଼ିନାହିଁ । ପରିବାର ଲୋକ ପିଲାଟିକୁ ହତ୍ୟା ଓ ବଳୀ ଦେଇଥିବା ଅଭିଯୋଗ କରିଥିଲେ। କିନ୍ତୁ ଶବ ବ୍ୟବଚ୍ଛେଦ ରିପୋର୍ଟ ରେ ପାଣିରେ ବୁଡି ମୃତ୍ୟୁ ଘଟିଛି ବୋଲି ପୋଲିସ ସୂତ୍ରରୁ ପ୍ରକାଶ ପାଇଥିଲା । ଏକ ମାସରୁ ଅଧିକ ଦିନ ଧରି ବିଦ୍ୟାଳୟ ବନ୍ଦ ଥିବାରୁ ପିଲାମାନଙ୍କର ପାଠ ପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି । ଯାହାକୁ ନେଇ ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥ , ତହସିଲଦାର ଐଶ୍ୱର୍ଯ୍ୟା ପୃଷେଠ, ଖଣ୍ଡପଡ଼ା ଏସଡିପିଓ ମଦନ ମୋହନ ପ୍ରଧାନ ,ଗଣିଆ ଥାନା ଅଧିକାରୀ ଟଙ୍କଧର ଛତ୍ରିଆ , ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତ ରଞ୍ଜନ ପାଣ୍ଡେ, ବ୍ଲକ ଶିକ୍ଷା ଅଧିକାରୀ ଲିପ୍ସା ନନ୍ଦ ବେଲପଡ଼ା ପ୍ରାଥମିକ ବିଦ୍ୟାଳୟରେ ପହଞ୍ଚି ବିଦ୍ୟାଳୟ ଖୋଲିବାକୁ ଯାଇଥିଲେ । କିନ୍ତୁ ମୃତ ଭୋଳାର ପରିବାର ଲୋକ ବିଦ୍ୟାଳୟ ଶିକ୍ଷୟତ୍ରୀ ଗିରଫ ନ ହେବା ପର୍ଯ୍ୟନ୍ତ ବିଦ୍ୟାଳୟ ଖୋଲିବ ନାହିଁ ବୋଲି ହୋହାଲ୍ଲା କରିଥିଲେ । ଘଟଣା ସ୍ଥଳରେ ଜିଲ୍ଲାପାଳ ନିରାଶ ହୋଇ ଫେରି ଯାଇଥିଲେ । ତେବେ ପିଲାଙ୍କ ପରୀକ୍ଷା ଶୁକ୍ରବାର ଦିନ ଥିବାରୁ ବ୍ଲକ ଶିକ୍ଷା



ଅଧିକାରୀ ବନ୍ଦ ଥିବା ବିଦ୍ୟାଳୟ ପାଖରେ ଦଧିବାମନ ଜୀଉ ଉଚ୍ଚ ବିଦ୍ୟାଳୟରେ ପରୀକ୍ଷା ପାଇ ଚିଠି କରିଥିଲେ । ପରୀକ୍ଷା ପାଇଁ ପିଲାମାନେ ମଧ୍ୟ ଆସିଥିଲେ। କିନ୍ତୁ ମୃତକ ପରିବାରର ଲୋକମାନେ ବିଦ୍ୟାଳୟରେ ପହଞ୍ଚି ପରୀକ୍ଷା ବନ୍ଦ କରିବା ପାଇଁ କହିବା ସହିତ ପାଟି ତୁଣ୍ଡ କରିଥିଲେ । ଚେୟାର ଭଙ୍ଗା ରୁଜା ମଧ୍ୟ କରିଥିଲେ । ଏପରିକି ଗ୍ରାମର ପ୍ରଭାସ କୁମାର ପଣ୍ଡା ଉ□ୟକ୍ତ ଲୋକଙ୍କୁ ବିରୋଧ କରିବାରୁ ପ୍ରଭାସଙ୍କୁ ଟଣା ଓଟରା ମଧ୍ୟ କରିଥିଲେ । ପିଲାମାନେ ପରୀକ୍ଷା ନ ଦେଉଇ ଘରକୁ ନିରାଶ ହୋଇ ଫେରି ଯାଇଥିଲେ ।ଯାହାକୁ ନେଇ ଶୁକ୍ରବାର ସନ୍ଧ୍ୟାରେ ବେଲପଡା ପାଟଣା ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଗ୍ରାମରୁ ଏକ ରାଲି କରି ଗଣିଆ ଥାନାରେ ପହଞ୍ଚି ଗଣିଆ ଥାନା ଅଧିକାରୀ ଟଙ୍କଧର ଛତ୍ରିଆଙ୍କୁ ଏତେଲା ଦେଇଥିଲେ ।ପରେ ଗଣିଆ ଦଶପଲ୍ଲା ଓ ଗଣିଆ କଣ୍ଟିଲୋ ମୁଖ୍ୟ ରାସ୍ତାର ଗୋଲେଇ ଛକରେ ରାସ୍ତାରୋକ କରି ବସିରହିଥିଲେ । ବିଦ୍ୟାଳୟ ଖୋଲିବା ଓ ପିଲାମାନେ ପରୀକ୍ଷା ଦେବାରୁ ବଞ୍ଚିତ ନ ହେବା ଦାବିରେ ରାସ୍ତାରେ ବସିରହିଥିଲେ। ତେବେ ଘଟଣା ସ୍ଥଳରେ ଗଣିଆ ଥାନା ଅଧିକାରୀ ଶ୍ରୀଯୁକ୍ତ ଛତ୍ରିଆ ପହଞ୍ଚି ଶନିବାର ଦିନ ବିଦ୍ୟାଳୟ ରେ ପରୀକ୍ଷା ହେବ ବୋଲି ପ୍ରତିଶ୍ରୁତି ଦେବା ପରେ ଉ୍ୟକ୍ତ ଲୋକେ ରାସ୍ତାରୋକରୁ ହଟି ଥିଲେ ।

## ପାଣି ନ ପାଇ ବିଡ଼ିଓ କାର୍ଯ୍ୟାଳୟ ସମ୍ମୁଖ ରେ ମହିଳାଙ୍କ ଧାରଣା



ପାଟଣା:-(ମହାଭାରତ) କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ଡୁମୁରିଆ ପଞ୍ଚାୟତ ଅନ୍ତର୍ଗତ ତୋଣ୍ଡ ଗ୍ରାମ ର ବାଙ୍କ ଘାଟସାହି ରେ ୨୨ଦିନ ହେବ ନଳକୂପ ଅଚଳ ହୋଇ ପଡି ରହିଥିବା ରୁ ଗ୍ରାମବାସୀ ପାଣି ନ ଡହଳ ବିକଳ ହେବା ସହ ୪ କିଲୋମିଟର ଦୂର ରୁ ପାଣି ଆଣିବାକୁ ପଡୁଥିବା ବେଳେ ଅଚଳ ନଳକୂପ ଟିକୁ ମରାମତି ପାଇଁ ଡୁମୁରିଆ ପଞ୍ଚାୟତ କତୃପକ୍ଷ ଙ୍କୁ ଜଣାଇ ଥିଲେ ମଧ୍ୟ କୌଣସି ପଦକ୍ଷେପ ନ ନେଇ ଥିଲେ।ଯ ଫଳରେ ବାଙ୍କ ଘାଟସାହି ୫୦ରୁ ଉର୍ଦ୍ଧ୍ୱ ମହିଳା ଗୋରା,ବାଲଟି ଧରି ପାଟଣା ବିଡିଓ ଙ୍କ କାର୍ଯ୍ୟଳୟ ସମ୍ମୁଖରେ ଧାରଣା ରେ ବସିବା ସହ ପାଣି ନ ପାଇଲେ ଧାରଣା ରୁ ନ ଉଠିବାକୁ ମହିଳା ଙ୍କ ଜୋର ଧରିଥିଲା । ଏହା ପାଟଣା ବିଡିଓ ମାନସ କୁମାର ଦଣ୍ଡପାଟ ଜାଣିପାରି ଧାରଣାରେ ବସିଥିବା ମହିଳା ଙ୍କୁ କାର୍ଯ୍ୟାଳୟ କୁ ଡାକି ଗ୍ରାମ ରେ ଅଚଳ ନଳକୂପ କୁ ମରାମତି କରିବା ସହ ନୂତନ ଏକ ନଳକୂପ ଓ ପୋଖରୀ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେବା ପରେ ମହିଳା ମାନେ ଧାରଣା ରୁ ଉଠି ଥିବା ଦେଖିବାକୁ ମିଳିଛି ।

## ନିଆଁ ଲାଗି ଦୁଇ ଲକ୍ଷ ପଚାଶ ହଜାର ଜିନିଷ ପାଉଁଷ



ନବରଙ୍ଗପୁର ଜିଲ୍ଲା(ମହାଭାରତ)ରାଇଘର ବ୍ଲକର ସୋନପୁର ଡିଏନକେ ଗ୍ରାମରେ ଘଟିଥିବା ଏହି ଅଗ୍ନିକାଣ୍ଡ ଘଟଣା କେବଳ ଜଣେ ଚାଷୀଙ୍କ ବ୍ୟକ୍ତିଗତ ଦୁର୍ଘଟଣା ନୁହେଁ, ବରଂ ସମଗ୍ର ଅ□ଳର କୃଷି ବ୍ୟବସ୍ଥା ପାଇଁ ଏକ ଗଭୀର ସତର୍କ ସଙ୍କେତ ଭାବେ ଦେଖାଯାଉଛି । ଗ୍ରାମର ଛୋଟ ଚାଷୀ ଶିଶିର ରାୟଙ୍କ ପାଲ ଗଦା ସହିତ ଦୁଇଟି ବୋରୱେଲରେ ଭୋର ସକାଳ ପ୍ରାୟ ଚରିଟା ସମୟରେ ନିଆଁ ଲାଗିଥିବା ଘଟଣା ଗ୍ରାମବାସୀଙ୍କୁ ଅବାକ କରିଦେଇଛି । ପ୍ରାଥମିକ ତଥ୍ୟ ଅନୁସାରେ ସର୍ଟ ସର୍କିଟ ହେତୁ ଏହି ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି, ଯଦିଓ ପ୍ରଶାସନୀୟ ତଦନ୍ତ ପରେ ଏହାର ପ୍ରକୃତ କାରଣ ସ୍ପଷ୍ଟ ହେବ।ଯଏହି ଅଗ୍ନିକାଣ୍ଡରେ ଦୁଇଟି ବୋରୱେଲ ମୋଟର ଓ ପ୍ରାୟ ଚାଳିଶ ଗାଡ଼ି ପାଲ ସମ୍ପୂର୍ଣ୍ଣ ଭାବେ ଜଳି ପାଉଁଶ ହୋଇଯାଇଛି । ଘରମାଲିକଙ୍କ ଅନୁମାନ ଅନୁଯାୟୀ ପ୍ରାୟ ଦୁଇ ଲକ୍ଷ ପଚାଶ ହଜାର ଟଙ୍କାରୁ ଅଧିକ ସମ୍ପତ୍ତି କ୍ଷତି ଘଟିଛି । ଛୋଟ ଚାଷୀ ଭାବେ ଶିଶିର ରାୟ ଧାର କରଜ କରି ମକା ଓ ଫୁଲକୋବି ଚାଷ କରୁଥିଲେ । ବର୍ତ୍ତମାନ ସମୟରେ ଏହି ଫସଲ ଦୁଇଟି ପାଇଁ ନିୟମିତ ସିଚାଇ ଅତ୍ୟାବଶ୍ୟକ । ବୋରୱେଲ ନଷ୍ଟ ହୋଇଯିବାରୁ ତାଙ୍କ ଚାଷକାମ ପ୍ରାୟ ଅଚଳ ଅବସ୍ଥାକୁ ପହଞ୍ଚିଛି । ଗ୍ରାମୀଣ କୃଷି ବ୍ୟବସ୍ଥାରେ ବୋରୱେଲ ହେଉଛି ଜୀବନରେଖା ସମାନୟ ବର୍ଷାର ଅନିୟମିତତା ଓ ଜଳସଂକଟ ସମୟରେ ଚାଷୀମାନେ ବୋରୱେଲ ଉପରେ ନିର୍ଭର କରନ୍ତି । ଏହା ନଷ୍ଟ ହେଲେ କେବଳ ଏକ ଋତୁର ଫସଲ ନୁହେଁ, ପରବର୍ତ୍ତୀ ଚାଷ ଯୋଜନା ମଧ୍ୟ ବିପର୍ଯ୍ୟସ୍ତ ହୋଇପାରେ । ମକା ଓ ଫୁଲକୋବି ଭଳି ନଗଦ ଫସଲରେ ବହୁତ ଖର୍ଚ୍ଚ ଲାଗେ ବିହନ , ସାର, କୀଟନାଶକ, ଶ୍ରମିକ ମଜୁରୀ ଇତ୍ୟାଦି । ଏହି ଅବସ୍ଥାରେ ସିଚାଇ ବନ୍ଦ ହୋଇଗଲେ ଫସଲ ଶୁଖିଯିବାର ଆଶଙ୍କା ରହିଛି, ଯାହା ଚାଷୀଙ୍କୁ ଆହୁରି ଋଣ ଭାରରେ ଡୁବାଇଦେବ ।ଘଟଣାର ସୂଚନା ପାଇ ରାଇଘର ଫାୟାର ପୋଲିସର ଏକ ଟିମ୍ ଘଟଣାସ୍ଥଳକୁ ପହଞ୍ଚି ନିଆଁକୁ ନିୟନ୍ତ୍ରଣ କରିଥିଲେ । ତଥାପି ଅଗ୍ନି ନିୟନ୍ତ୍ରଣରେ ଆସିବା ପୂର୍ବରୁ ବହୁତ କ୍ଷତି ହୋଇଯାଇଥିଲା । ବର୍ତ୍ତମାନ ଘଟଣା ପଛରେ କୌଣସି ପୂର୍ବ ଶତ୍ରୁତା ରହିଛି କିମ୍ବା ପ୍ରକୃତରେ ବିଦ୍ୟୁତ ତ୍ରୁଟି ହେତୁ ଘଟିଛି କି ନାହିଁ, ସେଥିପାଇଁ ତଦନ୍ତ ଚାଲିଛି ।ଗ୍ରାମବାସୀମାନେ ପ୍ରଶାସନଙ୍କୁ ତୁରନ୍ତ କ୍ଷତିପୂରଣ ଓ ସହାୟତା ଯୋଗାଇଦେବାକୁ ଦାବି କରିଛନ୍ତ । ଏପରି ଅବସ୍ଥାରେ ଆପତ୍କାଳୀନ ରାହତ ଧନ, ନୂତନ ବୋରୱେଲ ସ୍ଥାପନ ପାଇଁ ଅର୍ଥ ସହାୟତା, କୃଷି ବିମା ଯୋଜନାର ସୁବିଧା ଓ ଋଣ ପୁନର୍ଗଠନ ଭଳି ପଦକ୍ଷେପ ଅତ୍ୟାବଶ୍ୟକ।ଯ ସେହିପରି ବିଦ୍ୟୁତ ଯୋଗାଣ ବ୍ୟବସ୍ଥାର ସୁରକ୍ଷା ଯାଞ୍ଚ ଓ ଗ୍ରାମୀଣ ଅଞ୍ଚଳରେ ସଚେତନତା କାର୍ଯ୍ୟକ୍ରମ ମଧ୍ୟ ଆବଶ୍ୟକ ।ସୋନପୁର ଡି,ଏନ,କେ,ଗ୍ରାମର ଗ୍ରାମବାସୀ ଏହି ଅଗ୍ନିକାଣ୍ଡ ଗ୍ରାମୀଣ କୃଷିର ଅସୁରକ୍ଷିତ ପରିସ୍ଥିତିକୁ ପ୍ରକାଶ କରିଛି । ଜଣେ ଛୋଟ ଚାଷୀଙ୍କ ସଂଘର୍ଷ ଆମକୁ ଏହା ମନେପକାଉଛି ଯେ, କୃଷି କେବଳ ଜୀବିକା ନୁହେଁ ଏହା ଗ୍ରାମ ଅର୍ଥନୀତିର ମୂଳ ଆଧାର । ଏହିପରି ସମୟରେ ସମୟୋଚିତ ପ୍ରଶାସନୀୟ ସହାୟତା ଓ ସମୁଦାୟର ସହଯୋଗ ହିଁ ଚାଷୀଙ୍କୁ ପୁନଃ ଦୃଢ଼ତାର ସହିତ ଉନ୍ନତି କରିବାର ଶକ୍ତି ଦେଇପାରିବ ।ଏବେ ଦେଖିବାକୁ ବାକି ରହିଲା ଏହି ଦୁର୍ଘଟଣାର ଶିକାର ହୋଇଥିବା ଶିଶିର ରାୟ, ଚାଷୀଙ୍କୁ ପ୍ରଶାସସିକ ସ୍ତୋରରୁ କଣ ସୁବିଧା ସୁଯୋଗ ଯୋଗାଉଛନ୍ତି ।

## ଜୁନାଗଡ଼ରେ ରଜକ ସେବା ସଂଘ ବାର୍ଷିକ ସମ୍ମିଳନୀ ପାଇଁ ପ୍ରସ୍ତୁତି

### ପଶ୍ଚିମ ଓଡ଼ିଶାର ନଅ ଜିଲ୍ଲାରୁ ଯୋଗଦେବେ ସମାଜର ଭାଇ ଭଉଣୀ



ଜୁନାଗଡ଼(ମହାଭାରତ):କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ସହରସ୍ଥ ଆରଏମସି ସଭାଗୃହ ଠାରେ ଆସନ୍ତା ମାର୍ଚ୍ଚ ୨୧ ଓ ୨୨ ତାରିଖରେ ରଜକ ସେବା ସଂଘ, ପଶ୍ଚିମ ଓଡ଼ିଶା ପକ୍ଷରୁ ବାର୍ଷିକ ସମ୍ମିଳନୀ ୨୦୨୬ ଅନୁଷ୍ଠିତ ହେବାକୁ ଯାଉଛି । ଏହି ସମ୍ମିଳନୀକୁ ସଫଳ କରିବା ଉଦ୍ଦେଶ୍ୟରେ ଗୁରୁବାର ଦିନ ନିୟନ୍ତ୍ରିତ ବଜାର କମିଟି (ଆରଏମସି) ଜୁନାଗଡ଼ ସଭାଗୃହରେ ରଜକ କଲ୍ୟାଣ ସେବା ସଂଘ, କଳାହାଣ୍ଡିର ସମସ୍ତ କର୍ମକର୍ତ୍ତାଙ୍କୁ ନେଇ ଏକ ସ୍ୱତନ୍ତ୍ର ପ୍ରସ୍ତୁତି ବୈଠକ ମହା ଆଡ଼ମ୍ବରରେ ଅନୁଷ୍ଠିତ ହୋଇଥିଲା । ରଜକ ସମାଜ କଲ୍ୟାଣ ସଂଘ, କଳାହାଣ୍ଡିର ଜିଲ୍ଲା ସଭାପତି ଶ୍ରୀବସନ୍ତ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାର ୧୩ଟି ବ୍ଲକର ଆଞ୍ଚଳିକ ରଜକ ସମାଜର ସଭାପତି, ସମ୍ପାଦକ, କୋଷାଧକ୍ଷ ସହ ବହୁ କର୍ମକର୍ତ୍ତା ଓ ସମାଜର ଅନ୍ୟାନ୍ୟ ସଦସ୍ୟ ଯୋଗଦେଇଥିଲେ । ଆସନ୍ତା ସମ୍ମିଳନୀରେ ପଶ୍ଚିମ ଓଡ଼ିଶାର ପ୍ରାୟ ନଅଟି ଜିଲ୍ଲାରୁ ରଜକ ସମାଜର ଭାଇ ଓ ଭଉଣୀମାନେ ବହୁ ସଂଖ୍ୟାରେ ଯୋଗଦେବାର ସମ୍ଭାବନା ଥିବାରୁ ସମ୍ମିଳନୀକୁ ସଫଳ ଓ ସୁଚାରୁ ଭାବେ ପରିଚାଳନା କରିବା ନେଇ ବିଭିନ୍ନ ପ୍ରସ୍ତାବ ଓ ପରାମର୍ଶ ଉପରେ ବ୍ୟାପକ ଆଲୋଚନା କରାଯାଇଥିଲା । ବୈଠକରେ ବିଶେଷ କରି ଦୂରଦୂରାନ୍ତରୁ ଆସୁଥିବା ଅତିଥି ଓ ସମାଜର ସଦସ୍ୟମାନଙ୍କ ରହିବା ବ୍ୟବସ୍ଥା, ଖାଦ୍ୟ ବ୍ୟବସ୍ଥା, ଯାତାୟାତ ସୁବିଧା ଓ ସମ୍ମିଳନୀ ସମୟରେ ଶୃଙ୍ଖଳା ବଜାୟ ରଖିବା ପ୍ରସଙ୍ଗରେ ଗୁରୁତ୍ୱ ଦିଆଯାଇଥିଲା । ଏହା ସହିତ ସମ୍ମିଳନୀ ଦିନ ଦୁଇଦିନ ଧରି ବିଭିନ୍ନ ସାମାଜିକ, ସାଂସ୍କୃତିକ ଓ ସମ୍ମାନ ସଭା କାର୍ଯ୍ୟକ୍ରମ ଆୟୋଜନ କରାଯିବା ନେଇ ମଧ୍ୟ ବୈଠକରେ ଚର୍ଚ୍ଚା ହୋଇଥିଲା ।ଉକ୍ତ ବାର୍ଷିକ ସମ୍ମିଳନୀ ଅବସରରେ ସମାଜର ବିଭିନ୍ନ କ୍ଷେତ୍ରରେ କୃତୀତ୍ୱ ଅର୍ଜନ କରିଥିବା ପ୍ରତିଭାମାନଙ୍କୁ ସମ୍ମାନିତ କରାଯିବା ପାଇଁ ମଧ୍ୟ ବୈଠକରେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ସମାଜର ଉନ୍ନତି ଓ ଏକତାକୁ ଆଗେଇ ନେବା ପାଇଁ ଏପରି ସମ୍ମିଳନୀ ଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ ।ଏହା ସହିତ ବାର୍ଷିକ ସମ୍ମିଳନୀକୁ ଆକର୍ଷଣୀୟ କରିବା ପାଇଁ କଳାହାଣ୍ଡି ଜିଲ୍ଲାର ସମସ୍ତ ବ୍ଲକରେ ପୂର୍ବରୁ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିବା ସୂଚନା ମିଳିଛି । ବିଶେଷ କରି ମହିଳାମାନଙ୍କ ପାଇଁ ହୁଳହୁଳି, ରଙ୍ଗୋଲି, ଚୌକି ବସା ଓ ହାଣ୍ଡି ଫଟା ପରି ପାରମ୍ପରିକ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ପ୍ରତ୍ୟେକ ବ୍ଲକରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିବା ବେଳେ, ସେମାନଙ୍କୁ ଜୁନାଗଡ଼ରେ ହେବାକୁଥିବା ମୂଳ ସମ୍ମିଳନୀରେ ପୁନର୍ବାର ଯୋଗଦେଇ ନିଜର କଳା ଓ ପ୍ରତିଭା ପ୍ରଦର୍ଶନ କରିବାକୁ ଆହ୍ୱାନ କରାଯାଇଛି,ଯୁବପିଢ଼ୀଙ୍କୁ ସମାଜ ପ୍ରତି ଆକୃଷ୍ଟ କରିବା ଓ ସଂଗଠନ ସହ ଯୋଡ଼ି ରଖିବା ଉଦ୍ଦେଶ୍ୟରେ ମେଦିନୀପୁର ଠାରେ ଏକ ଦୁଇ ଦିବସୀୟ କ୍ରିକେଟ ପ୍ରତିଯୋଗିତା ମଧ୍ୟ ଆୟୋଜନ କରାଯାଇଥିଲା । ଏହି ପ୍ରତିଯୋଗିତାରେ ବିଭିନ୍ନ ବ୍ଲକର ଦଳମାନେ ଭାଗ ନେଇଥିବା ବେଳେ ଅନ୍ତିମ ମ୍ୟାଚରେ କେସିଙ୍ଗା ବ୍ଲକ ଦଳ ନର୍ଲା ବ୍ଲକ ଦଳକୁ ପରାସ୍ତ କରି ବିଜୟୀ ହୋଇଥିଲେ । ବିଜୟୀ ଓ ରନର୍ସ ଦଳକୁ ପରେ ସମ୍ମିଳନୀ ଅବସରରେ ସମ୍ମାନିତ କରାଯିବ ବୋଲି ଜଣାପଡ଼ିଛି ।ସମାଜର ଏକତା, ସଂଗଠନ ଶକ୍ତି ଓ ସାମାଜିକ ସଚେତନତାକୁ ଆଗକୁ ନେବା ଲକ୍ଷ୍ୟରେ ଆୟୋଜିତ ଏହି ବାର୍ଷିକ ସମ୍ମିଳନୀକୁ ସଫଳ କରିବା ପାଇଁ ସମସ୍ତ ସଦସ୍ୟ ଏକତ୍ର ହୋଇ କାର୍ଯ୍ୟ କରିବାକୁ ବୈଠକରେ ଆହ୍ୱାନ କରାଯାଇଥିଲା ।

# ଜିଲ୍ଲାସ୍ତରୀୟ ଗ୍ରୀଷ୍ମ ପ୍ରବାହ ସୁପରିଚାଳନାର ପ୍ରସ୍ତୁତି ବୈଠକ

ଗଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଜିଲ୍ଲାସ୍ତରୀୟ ଗ୍ରୀଷ୍ମ ପ୍ରବାହ ସୁପରିଚାଳନାର ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ଶ୍ରୀଯୁକ୍ତ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଯାଇଅଛି । ଚଳିତ ଗ୍ରୀଷ୍ମ ପ୍ରବାହରେ ସତର୍କ ରହିବା ସହିତ ଚଳିତ ମାର୍ଚ୍ଚ ଠାରୁ ଜୁନ୍ ମାସ ମଧ୍ୟରେ ଅଂଶୁଘାତର ମୁକାବିଲା ପାଇଁ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ସଚେତନତା ଓ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଛି । ସେ ନେଇ ଜିଲ୍ଲାର ସମସ୍ତ ଲାଇନ୍ ବିଭାଗୀୟ ଅଧିକାରୀମାନଙ୍କ ସହ ପୁଙ୍ଖାନପୁଙ୍ଖ ଆଲୋଚନା କରଯାଇଥିଲା । ସମସ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ଗ୍ରୀଷ୍ମ ପ୍ରବାହ ପରିସ୍ଥିତିର ମୁକାବିଲା କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଚଳିତ ବର୍ଷର ପ୍ରବଳ ଗ୍ରୀଷ୍ମ ପ୍ରବାହ ଆଶଙ୍କା ଥିବାରୁ ସମସ୍ତ ବିଭାଗୀୟ ଅଧିକାରୀ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ତେଣୁ ଗ୍ରୀଷ୍ମ ପ୍ରବାହ ଯୋଗୁଁ ବିଭିନ୍ନ ସମୟରେ ଅଂଶୁଘାତ ହୋଇ ଜୀବନ ପ୍ରତି ବିପଦ ମଧ୍ୟ ସୃଷ୍ଟି ହେବାର ସମ୍ଭାବନା ରହିଛି, ତେଣୁ ସ୍ୱାସ୍ଥ୍ୟ ବିଭାଗକୁ ଉପଯୁକ୍ତ ପରିମାଣ ଓଆରଏସ, ପେକେଟ ଓ ଆବଶ୍ୟକୀୟ ଔଷଧ ମଜୁଦ ରଖିବା ସହିତ ସଜାଗ ରହିବାକୁ କୁହାଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ମଧ୍ୟରେ ଏକ ସ୍ୱତନ୍ତ୍ର ଅଂଶୁଘାତ କକ୍ଷ କରାଯିବା ସହ ଅଂଶୁଘାତ ରୋଗୀଙ୍କ ପାଇଁ ସମସ୍ତ ପ୍ରକାର ଆଶୁ ଚିକିତ୍ସା ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବାପାଇଁ କୁହାଯାଇଥିଲା । ସେହିପରି ସମସ୍ତ ଗ୍ରାମାଞ୍ଚଳ,ପାରଳାଖେମୁଣ୍ଡି ପୌରପରିଷଦ, କାଶୀନଗର ଏନ୍ଏସି ଓ ସମସ୍ତ ବ୍ଲକ ପକ୍ଷରୁ ବିଭିନ୍ନ ଛକ ଜାଗାରେ ଜଳଛତ୍ର ଖୋଲିବା, ଖରାପ ଥିବା ନଳକୂଅକୁ ତୁରନ୍ତ ମରାମତି କରିବାକୁ କୁହାଯାଇଛି । ସେହିପରି ମଧ୍ୟାହ୍ନରେ ବାହାରେ ବୁଲିବା ସମୟରେ ପାଣି ବୋତଲ,ଛତା, ଟୋପି ତଥା ଓଦା କପଡା ଇତ୍ୟାଦି ମୁଣ୍ଡରେ ପକାଇ ଯାତାୟତ କରିବା ଏବଂ ଏନେଇ ଜିଲ୍ଲାର ସମସ୍ତ ଜନସାଧାରଣ ଙ୍କୁ ବ୍ୟାପକ ସଚେତନ କରାଇବାକୁ ଆଲୋଚନା ହୋଇଥିଲା । ଗ୍ରୀଷ୍ମ ଦିନେ ବିଶେଷ କରି ପାନୀୟଜଳ ସମସ୍ୟା ଯେପରି ନ ଉପୁଜେ, ବିଦ୍ୟୁତ କାଟ କିପରି ନ ଘଟେ, ପଶୁ ପକ୍ଷୀ ମାନଙ୍କ ଯତ୍ନ ନେବା, ସ୍କୁଲ ଓ ଅଙ୍ଗନବାଡି କେନ୍ଦ୍ର ରାଜ୍ୟ ସରକାରଙ୍କ ଗାଇଡ଼ ଲାଇନ ଅନୁଯାୟୀ ସକାଳ ସମୟରେ ଖୋଲିବା, ଜୀବନ ରକ୍ଷକ ଔଷଧ ମହଜୁଦ ରଖିବା, ଶ୍ରମିକମାନଙ୍କ କାର୍ଯ୍ୟ ସମ୍ପାଦନ କ୍ଷେତ୍ରରେ ସମୟ ସାରଣୀ ପରିବର୍ତ୍ତନ କରିବା ସହିତ ଶ୍ରମିକମାନଙ୍କ ପାଇଁ କାର୍ଯ୍ୟସ୍ଥଳରେ ସ୍ୱତନ୍ତ୍ର ପାଣିର ବ୍ୟବସ୍ଥା କରିବା ,ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଦିନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ କାମ ବନ୍ଦ ରଖିବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତ ।

## ପାଣିପାଗ ବିଭାଗ କେନ୍ଦ୍ରକୁ ବୋମା ଧମକ



ତେଲଙ୍ଗାନା : ହାଇଦ୍ରାବାଦ ବେଗମପେଟ ସ୍ଥିତ ପାଣିପାଗ ବିଭାଗ କେନ୍ଦ୍ରକୁ ବୋମାରେ ଉଡ଼ାଇବାକୁ ଧମକ ମିଳିଛି । ସକାଳ ୯ଟା ବେଳେ ଧମକପୂର୍ଣ୍ଣ ଇମେଲ ଆସିଛି । ଏଥିରେ କୁହାଯାଇଛି କି, କାର୍ଯ୍ୟାଳୟ ପରିସରରେ ୧୪ଟି ବୋମା ଲଗାଯାଇଛି । ଯାହା କେତେ ବେଳେ ମଧ ବିସ୍ଫୋରଣ ହୋଇପାରେ । ଏହି ସୂଚନା ମିଳିବା ପରେ ଅଧିକାରୀ ତୁରନ୍ତ ପୋଲିସକୁ ଖବର ଦେଇଥିଲେ, ଆଉ ପୁରା ପରିବାରରେ ହାଇ ଆଲର୍ଟ ଜାରି ହୋଇଥିଲା। ପାଣିପାଗ ବିଭାଗର ଅଧିକାରୀ ଶ୍ରୀନିବାସ କହିଛନ୍ତି, ଆଜି ସକାଳେ ଏକ ଇମେଲ ଯାଞ୍ଚ କରାଯାଇଥିଲା । ଯେଉଁଥିରେ ସ୍ପଷ୍ଟ ଭାବେ ଲେଖାଯାଇଥିଲା କି, ବେଗମପେଟ ସ୍ଥିତ ପାଣିପାଗ ବିଭାଗ କେନ୍ଦ୍ରରେ ବୋମା ରହିଛି । ୧୪ଟି ବୋମା ରହିଛି । ଅପରାହ୍ନ ସୁଦ୍ଧା ଏହା ବିସ୍ଫୋରଣ ହେବ । ଏହି ଇମେଲକୁ ଗୁରୁତର ଭାବେ ନେଇ ତୁରନ୍ତ ସୁରକ୍ଷା ଏଜେନ୍ସିକୁ ଆଲର୍ଟ କରାଯାଇଛି । ସୂଚନା ମିଳିବା ପରେ ଚାରିଆଡକୁ ତନ୍ନତନ୍ନ କରି ଯାଞ୍ଚ କରାଯାଇଥିଲା । ବୋମା ନିଷ୍କ୍ରିୟ ଟିମ ଏବଂ ସନ୍ଧାନୀ କୁକୁର ପାଣିପାଗ ବିଭାଗ କେନ୍ଦ୍ରକୁ ସଂପୂର୍ଣ୍ଣ ଭାବେ ଯାଞ୍ଚ କରିଥିଲେ । ଅତ୍ୟାଧୁନିକ ଉପକରଣ ସହିତ ପ୍ରତ୍ୟେକ ରୁମ୍, କରିଡର ଏବଂ ଆଖାପାଖ ଅଞ୍ଚଳରେ ଯାଞ୍ଚ କରାଯାଇଥିଲା । କିନ୍ତୁ କୌଣସି ସନ୍ଦିଗ୍ଧ ଜିନିଷ ମିଳିନଥିଲା । ମାମଲାକୁ ଗମ୍ଭୀରତାର ସହ ନେଇ ଯାଞ୍ଚ ଚାଲିଛି ।

## ଆମେରିକା ପାଇଁ ମହଙ୍ଗା ପଡୁଛି ଇରାନ ସହ ମହାସମର

ୱାସିଂଟନ୍: ମାର୍ଚ୍ଚ ୬ତାରିଖ ଶୁକ୍ରବାର ଆମେରିକା-ଇସ୍ରାଏଲ ଓ ଇରାନ ମଧରେ ଆରମ୍ଭ ହୋଇଥିବା ଯୁଦ୍ଧକୁ ସପ୍ତାହେ ପୁରିଛି । ଏହି ମହାଯୁଦ୍ଧରେ ଆମେରିକୀୟ 'ଥିଙ୍କ ଟ୍ୟାଙ୍କ ସେଣ୍ଟର ଫର୍ ଷ୍ଟ୍ରାଟେଜିକ୍ ଆଣ୍ଡ୍ ଇଣ୍ଟରନ୍ୟାସନାଲ୍ ଷ୍ଟଡିଜ୍' (ସିଏସଆଇଏସ) ଏହି ବ୍ୟୟବହୁଳ ଯୁଦ୍ଧକୁ ନେଇ ଏକ ବିଶ୍ଳେଷଣ କରିଛି । ଏହି ଆକଳନ ୱାଶିଂଟନ୍ ସ୍ଥିତ 'ସିଏସଆଇଏସ୍'ର ବିଶେଷଜ୍ଞ ମାର୍କ କାନସିଆନ୍ ଓ କ୍ରିସ୍ ପାର୍କଙ୍କ ଦ୍ୱାରା କରାଯାଇଥିବାବେଳେ ରିପୋର୍ଟ କହିଛି, ପ୍ରଥମ ୧୦୦ ଘଣ୍ଟାର ଯୁଦ୍ଧରେ ଆମେରିକାକୁ ପ୍ରାୟ ୩.୭ ବିଲିୟନ ଡଲାର ଅର୍ଥାତ ପ୍ରାୟ ୩୧ହଜାର କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡିଛି । ସେହି ହିସାବରେ ପ୍ରତିଦିନ ହାରାହାରି ଖର୍ଚ୍ଚ ପ୍ରାୟ ୮୯୧ ମିଲିୟନ୍ ଡଲାର, ଅର୍ଥାତ ପ୍ରାୟ ୯୦କୋଟି ଡଲାର ଖର୍ଚ୍ଚ ହୋଇଥିବା ଆକଳନ କରାଯାଇଛି । ବିଶେଷଜ୍ଞମାନେ କହିଛନ୍ତି ଯେ ମହଙ୍ଗା ଅସ୍ତ୍ରଶସ୍ତ୍ର, କ୍ଷେପଣାସ୍ତ୍ର ଓ ବୋମା ବ୍ୟବହାର ପାଇଁ ପ୍ରାରମ୍ଭିକ ପର୍ଯ୍ୟାୟରେ ସର୍ବାଧିକ ଖର୍ଚ୍ଚ ହୋଇଛି ।



ଥିଙ୍କ ଟ୍ୟାଙ୍କରିପୋର୍ଟରେ କୁହାଯାଇଛି ଯେ ପାଟ୍ରିଅଟ୍ ଭଳି ବାୟୁ ପ୍ରତିରକ୍ଷା ଇଣ୍ଟରସେପ୍ଟର ସିଷ୍ଟମ ପାଇଁ ୧.୭ ବିଲିୟନ ଡଲାର ଖର୍ଚ୍ଚ ହୋଇଛି, ଯେତେବେଳେ କି କ୍ଷେପଣାସ୍ତ୍ର ଓ ଅନ୍ୟାନ୍ୟ ଆକ୍ରମଣାତ୍ମକ ଅସ୍ତ୍ର ପାଇଁ ୧.୫ ବିଲିୟନ ଡଲାର ଖର୍ଚ୍ଚ ହୋଇଛି । ଏହା ବ୍ୟତିତ ଲଢୁଆ ବିମାନ ଓ ବିମାନ ପରିଚାଳନା ପାଇଁ ୧୨୫ ମିଲିୟନ ଡଲାର ଖର୍ଚ୍ଚ ହୋଇଛି ।

ରିପୋର୍ଟରେ ଆକଳନ କରାଯାଇଛି ଯେ ଯୁଦ୍ଧର ପ୍ରଥମ ୧୦୦ ଘଣ୍ଟା ମଧ୍ୟରେ ଆମେରିକା ୨୦୦୦ରୁ ଅଧିକ ପ୍ରକାରର ଅସ୍ତ୍ରଶସ୍ତ୍ର ଓ କ୍ଷେପଣାସ୍ତ୍ର ବ୍ୟବହାର କରିଛି । କେବଳ ଏହି ଅସ୍ତ୍ରଶସ୍ତ୍ରର ଷ୍ଟକକୁ ପୂରଣ କରିବା ପାଇଁ ପ୍ରାୟ ୩.୧ ବିଲିୟନ ଡଲାର ଖର୍ଚ୍ଚ ହୋଇପାରେ । ବିଶେଷଜ୍ଞମାନେ କହିଛନ୍ତି ଯେ ଯଦି ଯୁଦ୍ଧଜାରି ରହେ, ତେବେ ଏହି ଖର୍ଚ୍ଚ ଦ୍ରୁତ ଗତିରେ ବୃଦ୍ଧି ପାଇବ । ତେବେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସରକାରକୁ କଂଗ୍ରେସଠୁ ଅତିରିକ୍ତ ବଜେଟ୍ ଅନୁମୋଦନ କରିବାକୁ ପଡ଼ିପାରେ, କିନ୍ତୁ ଆମେରିକାରେ ମୁଦ୍ରାସ୍ଫୀତି, ଦରଦାମ୍ ବୃଦ୍ଧି ଓ ଯୁଦ୍ଧ ଯୋଗୁଁ ତୈଳ ମୂଲ୍ୟ ବୃଦ୍ଧି ହେତୁ ଏହି ପ୍ରସଙ୍ଗ ରାଜନୈତିକ ବିବାଦର କାରଣ ମଧ ହୋଇପାରେ ।

## ମଧ୍ୟପ୍ରାଚ୍ୟ ପାଇଁ ୧୭ ବିମାନ ଚଳାଚଳ କରିବ ଇଣ୍ଡିଗୋ



ନୂଆଦିଲ୍ଲୀ : ମଧ୍ୟପ୍ରାଚ୍ୟ ରାଷ୍ଟ୍ରରେ ଯୁଦ୍ଧ ଚାଲିଥିବା ବେଳେ ଅଧିକାଂଶ ବିମାନ ବାତିଲ ହେଉଛି । ଏହାରି ଭିତରେ ଇଣ୍ଡିଗୋ ଏୟାରଲାଇନ୍ସ ଆଜିଠାରୁ ମଧ୍ୟପ୍ରାଚ୍ୟ ରାଷ୍ଟ୍ରର ୮ଟି ଅଲଗା ଅଲଗା ସହରକୁ ୧୭ ଉଡ଼ାଣ ସଂଚାଳନ କରିବ । ଏୟାରଲାଇନ ମୋଟ୍ ୩୨ ସେକ୍ଟରରେ ନିଜ ସେବା ପ୍ରଦାନ କରିବ । ଫଳରେ ଫସିଥିବା ଯାତ୍ରୀଙ୍କୁ ନିଜ ଗନ୍ତବ୍ୟ ସ୍ଥଳକୁ ଯିବାକୁ ସହାୟକ ହେବ । ଏୟାରଲାଇନ୍ସ ମଧ୍ୟପୂର୍ବରେ ଦ୍ରୁତଗତିରେ ବଦଳୁଥିବା ସ୍ଥିତି ଉପରେ ଲଗାତାର ନଜର ରଖିଛି । ଯାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସେମାନଙ୍କୁ ଯାତ୍ରା ପାଇଁ ଅନୁମତି ମିଳିବ, ଯେଉଁମାନେ କମ୍ପାନୀ ସହିତ ସିଧାସଳଖ କନଫର୍ମ କରିଛନ୍ତି । ଏୟାରଲାଇନର ଟିମ ରେଜିଷ୍ଟର୍ଡ ସଂପର୍କ ସୂଚନା ଗ୍ରାହକଙ୍କ ସହିତ ସିଧାସଳଖ ସଂପର୍କ କରୁଛନ୍ତି । ଇଣ୍ଡିଗୋ କହିଛି କି, ମଧ୍ୟପୂର୍ବ ଏବଂ ଏହାର ଆଖପାଖ ସ୍ଥିତିକୁ ଦେଖି ବହୁତ ସତର୍କ ରହିଛନ୍ତି । କମ୍ପାନୀ ସରକାର ଏବଂ ସମ୍ବନ୍ଧୀୟ ବିମାନ ଅଧିକାରୀ ସହିତ ନିରନ୍ତର ସଂପର୍କରେ ରହିଛନ୍ତି । ଏହାଦ୍ୱାରା ଉଡ଼ାଣ ସଂପୂର୍ଣ୍ଣ ଭାବେ ସୁରକ୍ଷିତ ବାତାବରଣରେ ସଂଚାଳିତ ହେବ । ଏୟାରଲାଇନ୍ସ ଯାତ୍ରୀଙ୍କୁ ଅପିଲ୍ କରିଛି କି, ସେମାନଙ୍କୁ ଯେପର୍ଯ୍ୟନ୍ତ ବ୍ୟକ୍ତିଗତ ଭାବେ ସୂଚିତ ନ କରାଯାଇଛି, ସେଯାଏଁ ବିମାନବନ୍ଦରରେ ନ ଆସନ୍ତୁ । ଇଣ୍ଡିଗୋର ଟିମ୍ କେବଳ ବିଷିଷ୍ଟ ଉଡ଼ାଣ ପାଇଁ ଯାତ୍ରୀଙ୍କ ସହିତ ସଂପର୍କ କରିବ, ଯାହାଦ୍ୱାରା ସଂଚାଳିତ ହୋଇପାରିବ । ଏହି ନିର୍ଦ୍ଦେଶ ବିମାନବନ୍ଦରରେ ଭିଡ଼ ରୋକିବା ଏବଂ ସୁରକ୍ଷା ବ୍ୟବସ୍ଥା ରଖିବା ପାଇଁ କରାଯାଇଛି । ଯାତ୍ରୀ ନିଜର ପଞ୍ଜୀକୃତ ମୋବାଇଲ ନମ୍ବର ଏବଂ ଇମେଲରେ ଆସୁଥିବା ଅପଡେଟରେ ନଜର ରଖିଥାନ୍ତୁ ।

## ୧୬ ବର୍ଷରୁ କମ୍ ପିଲାଙ୍କ ପାଇଁ ସୋସିଆଲ ମିଡିଆ ବ୍ୟାନ

କର୍ଣ୍ଣାଟକ : କର୍ଣ୍ଣାଟକରେ ୧୬ ବର୍ଷରୁ କମ୍ ପିଲାଙ୍କ ପାଇଁ ସୋସିଆଲ ମିଡିଆ ବ୍ୟାନ୍ । ପିଲାଙ୍କ ପାଇଁ ଫେସବୁକ୍, ଇନଷ୍ଟାଗ୍ରାମ ବନ୍ଦ । ଭାରତର ପ୍ରଥମ ରାଜ୍ୟଭାବେ କର୍ଣ୍ଣାଟକ ଏହି ନିୟମ ଲାଗୁ କରିଛି । କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ରାଜ୍ୟ ବଜେଟରେ ଏହି ବଡ଼ ଘୋଷଣା କରିଛନ୍ତି । ୧୬ ବର୍ଷରୁ କମ୍ ପିଲାଙ୍କ ପାଇଁ ସୋସିଆଲ ମିଡିଆ ବ୍ୟବହାରକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି । ସିଦ୍ଧରମେ?ୟା କହିଛନ୍ତି, ବର୍ତ୍ତମାନ ସମୟରେ ମୋବାଇଲ୍ ଫୋନ୍ ଏବଂ ସୋସିଆଲ ମିଡିଆର ଅତ୍ୟଧିକ ବ୍ୟବହାର ପିଲାମାନଙ୍କ ମାନସିକ ସ୍ୱାସ୍ଥ୍ୟ, ବ୍ୟବହାର ଏବଂ ସେମାନଙ୍କ ଶିକ୍ଷା ଗ୍ରହଣ ପ୍ରକ୍ରିୟା ଉପରେ ଗଭୀର ନକାରାତ୍ମକ ପ୍ରଭାବ ପକାଉଛି । ଏହା କେବଳ ସେମାନଙ୍କର ଏକାଗ୍ରତା ନଷ୍ଟ କରୁନାହିଁ, ବରଂ ସେମାନଙ୍କୁ ସାଇବର ଅପରାଧର ଶିକାର ମଧ କରୁଛି । ତେଣୁ, ଆମ ସରକାର ୨୦୨୬-୨୭ ବଜେଟ୍ ରେ ଏହି ନିଷ୍ପତ୍ତି ଗ୍ରହଣ




କରିଛନ୍ତି । ଆମ ପିଲାମାନଙ୍କର ସୁରକ୍ଷା ଏବଂ ସେମାନଙ୍କର ସର୍ବାଙ୍ଗୀନ ବିକାଶ ପାଇଁ ଏହି ପଦକ୍ଷେପ ଅତ୍ୟନ୍ତ ଜରୁରୀ । ଏହାକୁ କାର୍ଯ୍ୟକାରୀ କରିବାରେ ଆମେ ଅଭିଭାବକ, ଶିକ୍ଷାନୁଷ୍ଠାନ ଏବଂ ସୋସିଆଲ ମିଡିଆ ପ୍ଲାଟଫର୍ମଗୁଡ଼ିକର ସହଯୋଗ ଲୋଡ଼ିବୁ । ମୋବାଇଲ୍ ଓ ସୋସିଆଲ ମିଡିଆର ଅତ୍ୟଧିକ ବ୍ୟବହାର ଯୋଗୁଁ ପିଲାଙ୍କ ମାନସିକ ସ୍ୱାସ୍ଥ୍ୟ, ବ୍ୟବହାର ଏବଂ ପାଠପଢ଼ା ଉପରେ ଖରାପ ପ୍ରଭାବ ପଡୁଥିବାରୁ ସରକାର ଏହି ପଦକ୍ଷେପ ନେଇଛନ୍ତି ।

ଏହି ନିୟମ କେବଳ ୧୬ ବର୍ଷରୁ କମ୍ ବୟସର ପିଲାମାନଙ୍କ ପାଇଁ ଉଦ୍ଦିଷ୍ଟ । ଅଷ୍ଟ୍ରେଲିଆ ଭଳି ଦେଶରେ ଥିବା ନିୟମକୁ ଆଧାର କରି କର୍ଣ୍ଣାଟକ ଏହି ନିଷ୍ପତ୍ତି ନେଇଛି । ତେବେ ଏହାକୁ କାର୍ଯ୍ୟକାରୀ କରିବାରେ ଆହ୍ୱାନ ରହିଛି । ପିଲାମାନଙ୍କ ବୟସ କିପରି ଯାଞ୍ଚ କରାଯିବ ଏବଂ ଘର ଭିତରେ ସେମାନେ ମୋବାଇଲ୍ ବ୍ୟବହାର କରୁଛନ୍ତି କି ନାହିଁ, ତାହା ଉପରେ ନଜର ରଖିବା ସରକାରଙ୍କ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ହେବ । କର୍ଣ୍ଣାଟକ ଏହି ନିୟମ ଆଣିବାରେ ଦେଶର ପ୍ରଥମ ରାଜ୍ୟ । ଏହାକୁ ନେଇ ଏବେ ସାରା ଦେଶରେ ବିତର୍କ ଆରମ୍ଭ ହୋଇଛି ।

## ଇରାନୀ ନାବିକଙ୍କୁ ସୁରକ୍ଷା ଦେଇ ସ୍ୱାଧୀନ ବୈଦେଶିକ ନୀତିର ପରିଚୟ ଦେଲେ ଦିସାନାୟକେ

କଲମ୍ବୋ: ଆମେରିକା ଆକ୍ରମଣ ଆଶଙ୍କା ମଧ୍ୟରେ ଶ୍ରୀଲଙ୍କା ତ୍ରିଙ୍କୋମାଲି ବନ୍ଦରରେ ଇରାନୀ ନୌସେନା ଜାହାଜ ''ଆଇଆରଆଇଏନଏସ୍ ବୁଶେହର''କୁ ଆଶ୍ରୟ ଦେଇଛି । ରାଷ୍ଟ୍ରପତି ଏହାକୁ ମାନବିକତା ଦୃଷ୍ଟିରୁ ନିଆଯାଇଥିବା ଏକ ସ୍ୱାଧୀନ ନିଷ୍ପତ୍ତି ବୋଲି ବର୍ଣ୍ଣନା କରିଛନ୍ତି । ଏହି ନିଷ୍ପତ୍ତି ଏପରି ଏକ ସମୟରେ ନିଆଯାଇଛି ଯେତେବେଳେ ଆମେରିକାର ଆକ୍ରମଣରେ ୮୭ ଜଣ ଇରାନୀ ନାବିକ ପ୍ରାଣ ହରାଇଛନ୍ତି । ଶ୍ରୀଲଙ୍କା ସ୍ପଷ୍ଟ କରିଛି ଯେ ଏହା ତାର ନିରପେକ୍ଷ ନୀତି ବଜାୟ ରଖି ମାନବିକ ମୂଲ୍ୟବୋଧକୁ ପ୍ରାଥମିକତା ଦେଉଛି । ଏହି ଜାହାଜରେ



ମୋଟ ୨୦୮ ଜଣ ଲୋକ ଅଛନ୍ତି, ଯେଉଁଥିରେ ୫୩ ଜଣ ଅଧିକାରୀ, ୮୪ ଜଣ କ୍ୟାଡେଟ୍ ଓ ୭୧ ଜଣ ଅନ୍ୟ ନାବିକ ଅଛନ୍ତି, ଯେଉଁମାନଙ୍କୁ ଶ୍ରୀଲଙ୍କାରେ ପ୍ରବେଶ କରିବାକୁ ଅନୁମତି ଦିଆଯାଇଛି । ଏହି ନିଷ୍ପତ୍ତି ପାଇଁ ଶ୍ରୀଲଙ୍କା ଅଜାଣତରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ କ୍ରୋଧର ଶିକାର ହୋଇପାରେ, କିନ୍ତୁ ଏହାକୁ ଖାତିର ନକରି ଶ୍ରୀଲଙ୍କା ରାଷ୍ଟ୍ରପତି ଦିସାନାୟକେ, ଯୁଦ୍ଧରେ କୌଣସି ନିର୍ଦ୍ଦୋଷ ନାଗରିକ କିମ୍ବା ନାବିକଙ୍କୁ ହତ୍ୟା କରାଯିବା ଉଚିତ୍ ନୁହେଁ, ପ୍ରତ୍ୟେକ ଜୀବନ ମୂଲ୍ୟବାନ ବୋସି କହିଛନ୍ତି । ଶ୍ରୀଲଙ୍କା ଏହାର ସ୍ୱାଧୀନ ବୈଦେଶିକ ନୀତିକୁ ରକ୍ଷା କରିବ ଓ ମାନବିକ ସଙ୍କଟ ସମୟରେ ଚାପରେ ପଛକୁ ହଟିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି ।

## ସୋମବାରଠୁ ପେଟ୍ରୋଲ ପମ୍ପରେ ଆଉ ମିଳିବନି ତେଲ !

ଇସଲାମାବାଦ୍ : ଇରାନ ସହିତ ଚାଲିଥିବା ଯୁଦ୍ଧ ମଧରେ ଆରବ ଦେଶଗୁଡ଼ିକୁ ଆଉ ଏକ ବଡ଼ ଝଟକା ଲାଗିଛି । ପେଟ୍ରୋଲ-ଡିଜେଲକୁ ନେଇ ସବୁଠି ଦେଖା ଦେଇଛି ବଡ ସଙ୍କଟ । ଏହାରି ମଧରେ ସାମ୍ନାକୁ ଆସିଛି ଏକ ବଡ ଖବର । ଇରାନ ଉପରେ ଆକ୍ରମଣ ପାଇଁ ତୈଳ ଯୋଗାଣ ହେଉଛି ବାଧାପ୍ରାପ୍ତ । ଏହି ଯୁଦ୍ଧ ତୈଳ ସଙ୍କଟକୁ ଆହୁରି ବୃଦ୍ଧି କରୁଛି । ଇରାନ-ଇସ୍ରାଏଲ ଯୁଦ୍ଧ ପାଇଁ ଏବେ ତେଲ ଦର ମଧ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗୁଛି ! ଆଜି ମଧ ଦେଶରେ ୧୦୦ ଟଙ୍କା ଉପରେ ତେଲ ଦର ଥିବା ବେଳେ, ଏହି ଯୁଦ୍ଧ ଟେନସନ୍ କୁ ଆହୁରି ବୃଦ୍ଧି କରୁଛି । ତେବେ ଏହାରି ଭିତରେ ତୈଳକୁ ନେଇ ସାମ୍ନାକୁ ଆସିଛି ଏକ ବଡ ଖବର । ପାକିସ୍ତାନରେ ପେଟ୍ରୋଲ ଏବଂ ଡିଜେଲ ଷ୍ଟକ୍ ଦ୍ରୁତ ଗତିରେ ହ୍ରାସ ପାଉଛି । ଆଶଙ୍କା କରାଯାଉଛି ଯେ ଦେଶରେ କେବଳ ଆଉ ମାତ୍ର କିଛି ଦିନ ପାଇଁ ତେଲ ବାକି ଅଛି । ପାକିସ୍ତାନ ପେଟ୍ରୋଲିୟମ୍ ଡିଲର୍ସ ଆସୋସିଏସନ୍ (ଚଚଉଇ) ଏବେ କହିଛି ଯେ ସରକାର ୨୦-୨୫ ଦିନର ଯୋଗାଣ ଦାବି କରୁଥିବା ବେଳେ, ଗତ ତିନି ଦିନ ଧରି ସେମାନଙ୍କୁ କୌଣସି ତେଲ ମିଳିନାହିଁ । ଗୁରୁବାର ଦିନ ଚଚଉଇ ନେତାମାନେ ଏକ ଚେତାବନୀ ଜାରି କରି ଅଭିଯୋଗ କରିଛନ୍ତି ଯେ ପେଟ୍ରୋଲିୟମ୍ କମ୍ପାନୀଗୁଡ଼ିକ ଯୋଗାଣ ହ୍ରାସ କରିଛନ୍ତି ଏବଂ ଧମକ ଦେଇଛନ୍ତି ଯେ ଯଦି ଯୋଗାଣରେ ଉନ୍ନତି ନହୁଏ, ତେବେ ଆଗାମୀ କିଛି ଦିନ ମଧରେ ପେଟ୍ରୋଲ ପମ୍ପ ବନ୍ଦ ହୋଇପାରେ । ଆସୋସିଏସନ୍ କହିଛି ଯେ ସମସ୍ତ ଡଂଗଉ ସେମାନଙ୍କୁ ହଇରାଣ କରୁଛନ୍ତି । ଏହି ସପ୍ତାହାନ୍ତ ସୁଦ୍ଧା, ପାକିସ୍ତାନର ତୈଳ ଯୋଗାଣ ପ୍ରାୟତଃ ଶେଷ ହୋଇଯିବ । ସେହିପରି, କିଛି ଦିନ ମଧରେ ଦେଶରୁ ପେଟ୍ରୋଲ ଏବଂ ଡିଜେଲ ଅଦୃଶ୍ୟ ହୋଇଯିବା ଭଳି ମନେ ହେଉଛି । ଆସୋସିଏସନର କେନ୍ଦ୍ରୀୟ ସମ୍ପାଦକ ଚୌଧୁରୀ ଇରଫାନ ଏଲାହି କହିଛନ୍ତି ଯେ, ଇନ୍ଧନ ଯୋଗାଣରେ ଅଭାବ ଯୋଗୁଁ ପରିସ୍ଥିତି ଚିନ୍ତାଜନକ ହୋଇପଡ଼ିଛି । ସେ ଆହୁରି କହିଛନ୍ତି ଯେ, "ଡିଜେଲ ଯୋଗାଣ ଯଥେଷ୍ଟ ହ୍ରାସ ପାଇଛି, ମାତ୍ର ୨୦% କୁ ହ୍ରାସ ପାଇଛି, ଏବଂ ପେଟ୍ରୋଲ ଯୋଗାଣ ମଧ ଯଥେଷ୍ଟ ହ୍ରାସ ପାଇଛି ।"

## ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ନେଇ ଚିନ୍ତା ପ୍ରକଟ କଲେ ରାଜନାଥ

ନୂଆଦିଲ୍ଲୀ : ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ନେଇ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଶୁକ୍ରବାର ଚିନ୍ତା ପ୍ରକଟ କରିଛନ୍ତି । ଯୁଦ୍ଧ ପାଇଁ ଦେଶରେ ଅର୍ଥନୈତିକ ପ୍ରଭାବ ପଡ଼ିବା ନେଇ ଚେତାବନୀ ଦେଇଛନ୍ତି । ପର୍ସିଆନ ଗଲ୍ଫ ଅଞ୍ଚଳ ବିଶ୍ୱର ଶକ୍ତି ସୁରକ୍ଷା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି ଅଞ୍ଚଳରେ ବ୍ୟାଘାତ ହେଲେ ତେଲ ଓ ଗ୍ୟାସ ଯୋଗାଣରେ ପ୍ରଭାବ ପଡ଼ିବ । ଯାହା ଅର୍ଥନୀତି ଏବଂ ବିଶ୍ୱ ବାଣିଜ୍ୟକୁ ପ୍ରଭାବିତ କରିବ ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ କହିଛନ୍ତି । ଇସ଼୍ଲାମିକ ସାଧାରଣତନ୍ତ୍ର ଇରାନ ବିରୋଧରେ ଆମେରିକା ଓ ଇସ୍ରାଏଲ୍‌ର ଘମାଘୋଟ ଯୁଦ୍ଧ ଦିନକୁ ଦିନ ପରିସ୍ଥିତିକୁ ଜଟିଳ କରୁଛି । ଯୁଦ୍ଧ ଜାରି ରହିଲେ ଭବିଷ୍ୟତରେ ଏହା ଆହୁରି ପ୍ରଭାବ ପକାଇବ ବୋଲି ବୁଦ୍ଧିଜୀବୀମାନେ ମଧ ମତ ପ୍ରକାଶ କରିଛନ୍ତି । ଏପରିକି ଯୁଦ୍ଧ ବର୍ତ୍ତମାନ ମଧ୍ୟପ୍ରାଚ୍ୟରେ ସୀମିତ ନ ରହି ଅନ୍ୟ ଭୂଖଣ୍ଡକୁ ବ୍ୟାପିବା ଆରମ୍ଭ ହୋଇଛି । ବୁଧବାର ଭାରତୀୟମାନେ ହୋଲି ଖେଳିବାରେ ବ୍ୟସ୍ତ ଥିବାବେଳେ ଭାରତ ମହାସାଗରରେ ଆମେରିକା ନୌସେନା ପକ୍ଷରୁ ଇରାନ୍‌ର ଏକ ଯୁଦ୍ଧଜାହାଜକୁ ଆକ୍ରମଣ କରାଯାଇଛି । ଆମେରିକାର ବୁଡ଼ାଜାହାଜ ଶ୍ରୀଲଙ୍କା ଉପକୂଳରେ ଇରାନୀୟ ଯୁଦ୍ଧଜାହାଜ ଆଇଆର୍‌ଆଇଏସ ଡେନାକୁ ଟାର୍ଗେଟ କରି ବୁଡ଼ାଇଦେବାରେ ସକ୍ଷମ ହୋଇଛି ।

## ସମ୍ଭାବ୍ୟ କ୍ଷେପଣାସ୍ତ୍ର ଆକ୍ରମଣ ପାଇଁ ଦୁବାଇବାସୀଙ୍କୁ ସତର୍କ ସୂଚନା, ବାହାରକୁ ନ ଯିବାକୁ ପରାମର୍ଶ

ଦୁବାଇ: ସପ୍ତାହେ ହେଲା ମଧ୍ୟପ୍ରାଚ୍ୟରେ ଯୁଦ୍ଧ ପରିସ୍ଥିତି ଲାଗି ରହିଛି । ଆମେରିକା-ଇରାନ-ଇସ୍ରାଏଲ ଯୁଦ୍ଧର ତାତି ଅନ୍ୟ ଦେଶକୁ ବ୍ୟାପିଛି । ଏଭଳି ପରିସ୍ଥିତିରେ ଦୁବାଇବାସୀଙ୍କୁ ଶୁକ୍ରବାର ସମ୍ଭାବ୍ୟ କ୍ଷେପଣାସ୍ତ୍ର ଆକ୍ରମଣ ନେଇ ସେମାନଙ୍କ ମୋବାଇଲ ଫୋନରେ ସତର୍କ ସୂଚନା ମିଳିଛି । ବାସିନ୍ଦାଙ୍କୁ ଘର ବାହାରକୁ ନ ଯିବାକୁ ଓ ଖୋଲା ସ୍ଥାନକୁ ଏଡ଼ାଇବାକୁ ଚେତାବନୀ ଦିଆଯିବା ସହ ଯେକୌଣସି ପରିସ୍ଥିତି ପାଇଁ ପ୍ରସ୍ତୁତ ରହିବାକୁ ଓ ସତର୍କତାର ସହ କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଛି ।

ଦୁବାଇର ଜଣେ ବାସିନ୍ଦା କହିଛନ୍ତି, ଆମେ ଫୋନରେ ଚାରିଟି ସତର୍କତା ମେସେଜ ପାଇଲୁ । ଯେ କୌଣସି ଜରୁରିକାଳୀନ ପରିସ୍ଥିତି ପାଇଁ ଆମେ ଅତ୍ୟାବଶ୍ୟକ ସାମଗ୍ରୀ ମହଜୁଦ ରଖିଛୁ ଏବଂ ପାସପୋର୍ଟ ସମେତ ସମସ୍ତ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ସହିତ ଏକ ବ୍ୟାଗ୍ ପ୍ରସ୍ତୁତ ରଖିଛୁ । ଆମେରିକା ଆକ୍ରମଣ ପରେ ଉପସାଗରୀୟ ଦେଶଗୁଡିକ ଉପରେ ଇରାନର ଆକ୍ରମଣ




ପରଠାରୁ ମଧ୍ୟପ୍ରାଚ୍ୟରେ ବିମାନଯାତ୍ରା ଗୁରୁତର ଭାବରେ ବ୍ୟାହତ ହୋଇଛି । ଏହା ସମଗ୍ର ଅଞ୍ଚଳରେ ବ୍ୟାପକ ବାୟୁସୀମା ବନ୍ଦ ଓ ଭ୍ରମଣ ବିଶୃଙ୍ଖଳା ସୃଷ୍ଟି କରିଛି ।

ଦୁବାଇ ବିଶ୍ୱର ବ୍ୟସ୍ତବହୁଳ ଅନ୍ତର୍ଜାତୀୟ ବିମାନବନ୍ଦର, ଯାହା ମିଳିତ ଆକ୍ରମଣର ପ୍ରତିଶୋଧ ଚାହୁଁଥିବା ଇରାନର ଟାର୍ଗେଟ୍? ମଧ୍ୟରେ ରହିଛି । ବିମାନ ଉଡ଼ାଣ ବ୍ୟାହତ ହେବା ପରେ ବହୁ ସଂଖ୍ୟକ ଭାରତୀୟ ଯାତ୍ରୀ ଉପସାଗରୀୟ ଦେଶମାନଙ୍କରେ, ବିଶେଷ କରି ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ଫସି ରହିଥିଲେ । ସୋମବାର (ମାର୍ଚ୍ଚ ୨) ପରଠାରୁ ସେମାନଙ୍କ ମଧ୍ୟରୁ ଅନେକ ଭାରତ ଫେରିବାରେ ସଫଳ ହୋଇଛନ୍ତି । ଅନେକ ଯାତ୍ରୀ ଦୁବାଇ ଓ ୟୁଏଇର କର୍ତ୍ତୃପକ୍ଷଙ୍କୁ ପ୍ରଶଂସା କରି କହିଛନ୍ତି ଯେ ବ୍ୟାଘାତ ସତ୍ତ୍ୱେ ପରିସ୍ଥିତିକୁ ଦକ୍ଷତାର ସହ ପରିଚାଳନା କରାଯାଇଛି ।

ଇତିମଧ୍ୟରେ, ୟୁଏଇ ଏକ ଗଣମାଧ୍ୟମ ରିପୋର୍ଟକୁ ଅସ୍ୱୀକାର କରିଛି, ଯେଉଁଥିରେ ଦାବି କରାଯାଇଛି ଯେ ଏହା ଇରାନ ବିରୋଧରେ ସାମରିକ ଆକ୍ରମଣରେ ଆମେରିକା ଓ ଇସ୍ରାଏଲ ସହ ଯୋଗଦେବାକୁ ଚିନ୍ତା କରୁଛି । ଏହି ରିପୋର୍ଟ ସାମ୍ନାକୁ ଆସିବା ପରେ ୟୁଏଇ ଏହାର ରାଷ୍ଟ୍ରାୟତ୍ତ ସମ୍ବାଦ ଏଜେନ୍ସି ମାଧ୍ୟମରେ ଏକ ବିବୃତି ଜାରି କରି କହିଛି ଯେ, ବାରମ୍ବାର ଇରାନ ଆକ୍ରମଣର ଜବାବରେ ଏହାର ପ୍ରତିରକ୍ଷା ଆଭିମୁଖ୍ୟ ପରିବର୍ତ୍ତନ କରିବାକୁ କୌଣସି ନିଷ୍ପତ୍ତି ନେଇ ନାହିଁ । ୟୁଏଇର ପ୍ରମୁଖ ସ୍ଥାନଗୁଡ଼ିକୁ ଟାର୍ଗେଟ୍ କରି ଇରାନ କ୍ଷେପଣାସ୍ତ୍ର ଓ ଡ୍ରୋନ୍ ଆକ୍ରମଣ ଆରମ୍ଭ କରିବା ସହିତ ଏହି ଅଞ୍ଚଳରେ ତିକ୍ତତା ବୃଦ୍ଧି ମଧ୍ୟରେ ଏହି ସ୍ପଷ୍ଟୀକରଣ ଆସିଛି ।

ଫେବୃଆରି ୨୮ରେ ଇସଲାମିକ୍ ରିପବ୍ଲିକ୍ ଉପରେ ଆମେରିକା-ଇସ୍ରାଏଲ୍ ଆକ୍ରମଣ ପରେ ଦୁବାଇରେ ଥିବା ଆମେରିକା କନସୁଲେଟ୍ ଓ ଆବୁଧାବିରେ ଥିବା ଅଲ୍ ଧାଫ୍ରା ଏୟାର୍ ବେସ୍ ଉପରେ ଆକ୍ରମଣ ହୋଇଥିବା ଜଣାଯାଇଛି । ତେହେରାନ୍ ଆମେରିକାର ଘାଟି ଥିବା ଅନେକ ପଡୋଶୀ ଦେଶ ଉପରେ କ୍ଷେପଣାସ୍ତ୍ର ମାଡ଼ କରିଛି, ଯାହା ବିଶ୍ୱ ସୁରକ୍ଷା ଚିନ୍ତା ବଢ଼ାଇଛି ।

# ଅଲ୍‌ଇଂଲଣ୍ଡ ବ୍ୟାଡ୍‌ମିଣ୍ଟନ୍: କ୍ୱାର୍ଟରରେ ଲକ୍ଷ୍ୟ ସେନ୍

ବର୍ମିଂହାମ,୬।୩: ବିଶ୍ୱର ୧୨ ନମ୍ବର ମାନ୍ୟତାପ୍ରାପ୍ତ ବ୍ୟାଡ୍‌ମିଣ୍ଟନ୍ ଖେଳାଳି ଭାରତର ଲକ୍ଷ୍ୟ ସେନ୍ ମର୍ଯ୍ୟାଦାଜନକ ଅଲ୍‌ଇଂଲଣ୍ଡ ଓପନ୍ ପ୍ରତିଯୋଗିତାର କ୍ୱାର୍ଟର-ଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ଗୁରୁବାର ସେ ହଂକଂର ଏନଜି କା ଲଙ୍ଗ୍ ଆଙ୍ଗସ୍‌ଙ୍କୁ ୨୧-୧୯,୨୧-୨୩, ୨୧-୧୦ରେ ପରାସ୍ତ କରି ଏହି ସଫଳତା ହାସଲ କରିଛନ୍ତି।



୨୦୨୧ ବିଶ୍ୱ ଚାମ୍ପିୟନସିପ୍ କାଂସ୍ୟପଦକ ବିଜେତା ଲକ୍ଷ୍ୟ କ୍ୱାର୍ଟରରେ ଚୀନ ଖେଳାଳି ତଥା ୬ଷ୍ଠ ସିଡ୍ ଲି ସି ଫେଙ୍ଗ୍‌ଙ୍କୁ ଭେଟିବେ। ସେନ୍ ନିଜର ପ୍ରଥମ ମ୍ୟାଚ୍‌ରେ ଚୀନ୍‌ର ସି ୟୁକିଙ୍କୁ ୨୩-୨୧, ୧୯-୨୧, ୨୧-୧୭ରେ ପରାସ୍ତ କରିଥିଲେ। ତେବେ ଭାରତର ମିଶ୍ରିତ ଯୁଗଳ ଯୋଡ଼ି ଧ୍ରୁବ କପିଳା ଓ ତନିଷା କ୍ରାଷ୍ଟୋଙ୍କ ମୁକାବିଲା ଅଧାରେ ଅଟକିଯାଇଛି। ଟାଙ୍ଗ୍ ଚୁନ୍ ମାନ ଓ ସି ୟିଙ୍ଗ୍ ସୁଏଟ୍‌ଙ୍କ ବିରୋଧରେ ମୁକାବିଲା ଚାଲିଥିବାବେଳେ ଧ୍ରୁବଙ୍କ ପିଠି ଯନ୍ତ୍ରଣା ଯୋଗୁଁ ଭାରତୀୟ ଯୋଡ଼ି ଅଧାରୁ ଓହରି ଯାଇଥିଲେ। ପ୍ରତିଯୋଗିତାର ଆରମ୍ଭରୁ ଭାରତର ୧ନମ୍ବର ପୁରୁଷ ଯୁଗଳ ଯୋଡି ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡି ଓ ଚିରାଗ ସେଟ୍ଟୀ ବିଦାୟ ନେଇଛନ୍ତି। ବିଶ୍ୱର ଏହି ପୂର୍ବତନ ଏକ ନମ୍ବର ଯୋଡି ୨୩-୨୧, ୨୧-୧୨ରେ ମାଲେସିଆର ଆଗ୍ରାଓଁ ତାଇ ଓ ଖାଙ୍ଗ୍ ଖାଇ ଜିଙ୍କଠୁ ହାରିଯାଇଥିଲେ। ଏଥିସହ ୨୦୨୪ ବିଶ୍ୱ କନିଷ୍ଠ ପ୍ରତିଯୋଗିତା ଜିତିଥିବା ୧୯ ବର୍ଷୀୟ ତାଇ ଓ ଜି' ବରିଷ୍ଠ ବର୍ଗରେ ବଡ ସଫଳତା ପାଇଛନ୍ତି।

ଅଭିଜ୍ଞ ସାତ୍ତ୍ୱିକ-ଚିରାଗ ପ୍ରଥମ ଗେମ୍‌ରେ ଏକଦା ୧୧-୬ରେ ଆଗୁଆ ଥିଲେ। ହେଲେ ତାଇ ଓ ଜି' ଚମତ୍କାର ପ୍ରଦର୍ଶନ କରି ଲଗାତାର ୧୨ ପଏଣ୍ଟ କରାୟତ କରି ସ୍ଥିତି ୧୮-୧୬କୁ ଆଣିଥିଲେ। ଏହାପରେ ସ୍ଥିତି ୨୧-୨୧ ଟାଇ ରହିବା ପରେ ମାଲେସିଆ ଖେଳାଳି ୨ ପଏଣ୍ଟ ନେଇ ପ୍ରଥମ ଗେମ୍ ଜିତି ନେଇଥିଲେ। ଦ୍ୱିତୀୟ ଗେମ୍‌ରେ ସାତ୍ତ୍ୱିକ-ଚିରଗା ବହୁ ପଛରେ ପଡି ହାରି ମ୍ୟାଚ୍ ହାତଛଡା କରିଥିଲେ। ସେହିପରି ମହିଳା ଯୁଗଳ ଯୋଡି ତ୍ରୀଶା ଜଲି ଓ ଗାୟତ୍ରୀ ଗୋପୀଚାନ୍ଦ କଡା ସଂଘର୍ଷ କରି ୧୫-୨୧, ୨୧-୧୫, ୧୮-୨୧ରେ ଜାପାନର ସାୟାକା ହିରୋତା ଓ ଆୟାକୋ ସାକୁରାମୋତୋଙ୍କଠୁ ହାରି ବିଦାୟ ନେଇଛନ୍ତି।

# ଚତୁର୍ଥ ଥର ପାଇଁ ଆଇସିସି ଟୁର୍ଣ୍ଣାମେଣ୍ଟର ଫାଇନାଲ ଖେଳିବେ ଭାରତ-ନ୍ୟୁଜିଲାଣ୍ଡ

ନୂଆଦିଲ୍ଲୀ,୬।୩: ୨୦୨୬ ଟି-୨୦ ବିଶ୍ୱକପ ଶେଷ ହେବାକୁ ଯାଉଛି। ଗୋଟିଏ ମ୍ୟାଚ୍ ପରେ ବିଜୟୀ ଦଳ ନିର୍ଣ୍ଣୟ କରାଯିବ। ରବିବାର, ୮ ମାର୍ଚ୍ଚରେ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ଭାରତ ନ୍ୟୁଜିଲ୍ୟାଣ୍ଡ ସହିତ ମୁକାବିଲା କରିବ। ଏହି ମ୍ୟାଚ୍ ଅହମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଖେଳାଯିବ।

ଏହା ଚତୁର୍ଥ ଥର ଯେତେବେଳେ ଭାରତ ଏବଂ ନ୍ୟୁଜିଲ୍ୟାଣ୍ଡ କୌଣସି ଆଇସିସି ଇଭେଣ୍ଟର ଫାଇନାଲରେ ଭେଟିବେ। ପୂର୍ବ ତିନୋଟି ମୁକାବିଲାରେ ନ୍ୟୁଜିଲ୍ୟାଣ୍ଡ ଦୁଇଥର ବିଜୟୀ ହୋଇଛି। ଅହମଦାବାଦରେ ଫାଇନାଲ ମ୍ୟାଚ୍ ଖେଳାଯାଉଛି, ତେଣୁ ପ୍ରଶଂସକମାନେ ଏବେ ବି ସେମାନଙ୍କର ପୁରୁଣା ଭୟକୁ ନେଇ ଚିନ୍ତିତ ଅଛନ୍ତି।

୨୦୦୦ ଚାମ୍ପିଅନ୍ସ ଟ୍ରଫି ଫାଇନାଲରେ ନ୍ୟୁଜିଲ୍ୟାଣ୍ଡ ଭାରତକୁ ଚାରି ୱିକେଟରେ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରି ଭାରତ ସୌରଭ ଗାଙ୍ଗୁଲି (୧୧୭)ଙ୍କ ଶତକ ଏବଂ ସଚିନ ତେନ୍ଦୁଲକର (୬୯)ଙ୍କ ଅର୍ଦ୍ଧଶତକ ବଳରେ ୫୦ ଓଭରରେ ୬ ୱିକେଟରେ ୨୬୪ ରନ କରିଥିଲା। କିୱିମାନେ ଦୁଇ ବଲ ବାକି ଥାଇ ୨୬୫ ରନର ଲକ୍ଷ୍ୟକୁ ପିଛା କରିଥିଲେ। କ୍ରିସ କେନର୍ସ ଅପରାଜିତ ୧୦୨ ରନ ଖେଳିଥିଲେ।

ବିଶ୍ୱ ଟେଷ୍ଟ ଚାମ୍ପିଅନଶିପର ପ୍ରଥମ ଫାଇନାଲରେ ଭାରତୀୟ ଦଳ ଇଂଲଣ୍ଡର ମୁକାବିଲା କରିଥିଲା। ସାଉଥାମ୍ପଟନର ଦି ରୋଜ ବୋଲରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟିମ ଇଣ୍ଡିଆ ୮ ୱିକେଟରେ ପରାସ୍ତ ହୋଇଥିଲା। ଭାରତ ପ୍ରଥମ ଇନିଂସରେ ୨୧୭ ରନ ଏବଂ ଦ୍ୱିତୀୟ ଇନିଂସରେ ୧୭୦ ରନ କରିଥିଲା। ଜବାବରେ, କିୱିମାନେ ପ୍ରଥମ ଇନିଂସରେ ୨୪୯ ରନ ଏବଂ ଦ୍ୱିତୀୟ ଇନିଂସରେ ୧୪୦ ରନ କରି ମ୍ୟାଚ୍ ଜିତିଥିଲେ। ୨୦୨୫ ଚାମ୍ପିଅନ୍ସ ଟ୍ରଫିର ଫାଇନାଲରେ ଭାରତ ଏବଂ ନ୍ୟୁଜିଲାଣ୍ଡ ପୁଣିଥରେ ମୁହାଁମୁହିଁ ହୋଇଥିଲେ। ତଥାପି, ଏଥର ଭାରତୀୟ ଦଳ ବିଜୟୀ ହୋଇଥିଲା, ନିର୍ଣ୍ଣାୟକ ମ୍ୟାଚ୍‌କୁ ୪ ୱିକେଟରେ ଜିତିଥିଲା। ନ୍ୟୁଜିଲାଣ୍ଡ ପ୍ରଥମେ ବ୍ୟାଟିଂ କରି ୫୦ ଓଭରରେ ୭ ୱିକେଟ ହରାଇ ୨୫୧ ରନ କରିଥିଲା। ଜବାବରେ, ଟିମ ଇଣ୍ଡିଆ ରୋହିତ ଶର୍ମା (୭୬)ଙ୍କ ଅର୍ଦ୍ଧଶତକ ଯୋଗୁ ୪୯ ଓଭରରେ ଏହି ଟାର୍ଗେଟକୁ ପିଛା କରିଥିଲା।




ବର୍ତ୍ତମାନ ପ୍ରଶ୍ନ ଉଠୁଛି: ନରେନ୍ଦ୍ର ମୋଦି ଷ୍ଟାଡିୟମକୁ ପ୍ରଶଂସକମାନେ କାହିଁକି ଭୟ କରନ୍ତି ୨୦୨୬ ଟି-୨୦ ବିଶ୍ୱକପରେ ଭାରତୀୟ ଦଳ ଏପର୍ଯ୍ୟନ୍ତ କେବଳ ଗୋଟିଏ ମ୍ୟାଚ୍ ହାରିଛି। ପ୍ରଥମ ସୁପର ୮ ମ୍ୟାଚ୍‌ରେ, ଟିମ ଇଣ୍ଡିଆ ଦକ୍ଷିଣ ଆଫ୍ରିକା ହାତରୁ ୭୬ ରନରେ ପରାଜୟ ବରଣ କରିଥିଲା। ଏହି ମ୍ୟାଚ୍ ଅହମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ହୋଇଥିଲା। ପୂର୍ବରୁ, ୨୦୨୩ ଦିନିକିଆ ବିଶ୍ୱକପ ଫାଇନାଲରେ, ଅଷ୍ଟ୍ରେଲିଆ ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଦଳକୁ ପରାସ୍ତ କରି ଟ୍ରଫି ଜିତିବାର ସେମାନଙ୍କର ଆଶା ଧୂଳିସାତ୍ କରିଥିଲା। ଫଳସ୍ୱରୂପ, ଅନେକ ପ୍ରଶଂସକ ଏହି ଗ୍ରାଉଣ୍ଡକୁ ଦୁର୍ଭାଗ୍ୟଜନକ ବୋଲି ଭାବନ୍ତି।

# ଫାଇନାଲ ଚୂଡ଼ାନ୍ତ ଏକାଦଶରୁ ବିଦା ହୋଇପାରନ୍ତି ଅଭିଷେକ

ନୂଆଦିଲ୍ଲୀ,୬।୩: ଭାରତ ଆଇସିସି ପୁରୁଷ ଟି୨୦ ବିଶ୍ୱକପ ୨୦୨୬ର ଫାଇନାଲରେ ନ୍ୟୁଜିଲାଣ୍ଡ ସହିତ ମୁକାବିଲା କରିବ। ଏହି ରୋମାଞ୍ଚକର ମହାମୁକାବିଲା ରବିବାର (୮ ମାର୍ଚ୍ଚ) ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ହେବାକୁ ଯାଉଛି। ବିଶ୍ୱର ସର୍ବବୃହତ କ୍ରିକେଟ ଷ୍ଟାଡିୟମରେ ବିଜେତା-ଟେକ-ଅଲ ପ୍ରତିଯୋଗିତା ପାଇଁ, ଭାରତୀୟ ଦଳ ପରିଚାଳନା ସେମାନଙ୍କର ପ୍ଲେଇଂ ଏକାଦଶରେ ଗୋଟିଏ ପରିବର୍ତ୍ତନ କରିବାକୁ ବିଚାର କରିପାରେ।



ବିଶ୍ୱର ନମ୍ବର ୧ ଟି୨୦ ବ୍ୟାଟ୍ସମ୍ୟାନ ଅଭିଷେକ ଶର୍ମା, ଯିଏ ୨୦୨୬ ଟି୨୦ ବିଶ୍ୱକପର ସାତଟି ମ୍ୟାଚ୍‌ରେ କେବଳ ୮୯ ରନ କରିପାରିଛନ୍ତି, ତାଙ୍କୁ ଫାଇନାଲରେ ବାଦ୍ ଦିଆଯାଇପାରେ ବୋଲି ଚର୍ଚ୍ଚା ହେଉଛି, ତାଙ୍କ ସ୍ଥାନରେ ରିଙ୍କୁ ସିଂ, କୁଲଦୀପ ଯାଦବ କିମ୍ବା ୱାଶିଂଟନ ସୁନ୍ଦରଙ୍କୁ ସୁଯୋଗ ମିଳିବାର ସମ୍ଭାବନା ରହିଛି। ଅଭିଷେକ ଚଳିତ ଟୁର୍ନାମେଣ୍ଟରେ ଭଲ ପ୍ରଦର୍ଶନ କରିବାକୁ ସଂଘର୍ଷ କରିଛନ୍ତି, ଏବଂ ଭାରତ ଟୁର୍ନାମେଣ୍ଟର ସବୁଠାରୁ ବଡ଼ ମ୍ୟାଚ୍‌ରେ ଅଭିଷେକଙ୍କ ଉପରେ ଭରଷା ରଖିପାରୁନାହିଁ। ଯଦି ଇଂଲଣ୍ଡ ବିପକ୍ଷ ସେମିଫାଇନାଲ ମ୍ୟାଚ୍‌ରେ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱାଧୀନ ଦଳ ପାଇଁ ୭ ବଲରେ କେବଳ ୯ ରନ କରିପାରିଥିବା ଅଭିଷେକଙ୍କୁ ପ୍ଲେଇଂ ଏକାଦଶରୁ ବାଦ୍ ଦିଆଯାଏ, ତେବେ ଇଶାନ କିଶାନ ଇନିଂସ ଓପନ କରିବେ।ଅପରପକ୍ଷେ ବୋଲିଂ ବିଭାଗରେ ବରୁଣ ଚକ୍ରବର୍ତ୍ତୀ ମଧ୍ୟ ସଂଘର୍ଷ କରୁଥିବା ନଜର ଆସିଛନ୍ତି। ଯଦିଓ ସେ ୮ଟି ମ୍ୟାଚ୍‌ରୁ ୧୩ ଉଇକେଟ ନେଇଛନ୍ତି, କିନ୍ତୁ ତାଙ୍କର ଇକୋନୋମି ରେଟ (୮.୮୫) ବହୁତ ମହଙ୍ଗା ସାବ୍ୟସ୍ତ ହୋଇଛି। ସେମିଫାଇନାଲରେ ସେ ୪ ଓଭରରେ ୬୪ ରନ ବ୍ୟୟ କରିଛନ୍ତି, ଯାହା ତାଙ୍କ କ୍ୟାରିୟରର ସବୁଠାରୁ ଖରାପ ପ୍ରଦର୍ଶନ।

ସମ୍ଭାବ୍ୟ ଭାରତୀୟ ଦଳ: ସଞ୍ଜୁ ସାମସନ, ଇଶାନ କିଶନ, ସୂର୍ଯ୍ୟକୁମାର ଯାଦବ, ଶିବମ ଦୁବେ, ହାର୍ଦ୍ଦିକ ପାଣ୍ଡ୍ୟା, ତିଲକ ଭର୍ମା, ଅକ୍ଷର ପଟେଲ, ଅର୍ଶଦୀପ ସିଂ, କୁଲଦୀପ ଯାଦବ, ଜସପ୍ରୀତ ବୁମ୍ରା।

## ଭାଙ୍ଗିଲା ଧୋନିଙ୍କ ରେକର୍ଡ

ମୁମ୍ବାଇ,୬।୩: ଟି୨୦ ବିଶ୍ୱକପ୍‌ର ଗୋଟିଏ ସଂସ୍କରଣରେ ସର୍ବାଧିକ ଥର ରନଆଉଟ୍ ହେବାରେ ସେ ଭାରତର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କ ସହ ସମକକ୍ଷ ହୋଇଛନ୍ତି। ଧୋନୀ ୨୦୦୭ ଟି୨୦ ବିଶ୍ୱକପ୍‌ରେ ୩ ଥର ରନଆଉଟ୍ ହୋଇଥିଲେ। ଅନ୍ୟପକ୍ଷେ ଧୋନିଙ୍କ ୧୯ ବର୍ଷର ପୁରୁଣା ରେକର୍ଡ ଦୋହରାଇଛନ୍ତି ଶିବମ୍ ଦୁବେ।

# କ'ଣ ରହିବ ଫାଇନାଲ ମ୍ୟାଚ୍‌ରେ ପାଣିପାଗ ରିପୋର୍ଟ

ନୂଆଦିଲ୍ଲୀ,୬।୩: ଓଡଉ ଟି୨୦ ବିଶ୍ୱକପ ୨୦୨୬ ଏବେ ଏହାର ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଭାରତ ଏବଂ ନ୍ୟୁଜିଲାଣ୍ଡ ଫାଇନାଲରେ ପରସ୍ପରର ମୁହାଁମୁହିଁ ହେବେ। ଏହି ମହାମୁକାବିଲା ମ୍ୟାଚ୍ ୮ ମାର୍ଚ୍ଚରେ ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଖେଳାଯିବ। ମ୍ୟାଚ୍ ସନ୍ଧ୍ୟା ୭ଟାରେ ଆରମ୍ଭ ହେବ। ପ୍ରଶଂସକଙ୍କ ମନରେ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି ମ୍ୟାଚ୍ ଦିନ ପାଗ କିପରି ରହିବ ଏବଂ ବର୍ଷା ଖେଳକୁ ନଷ୍ଟ କରିବ ଦେବନି ତ

ସଦ୍ୟତମ ପାଣିପାଗ ରିପୋର୍ଟ ପ୍ରଶଂସକମାନଙ୍କୁ ଆଶ୍ୱସ୍ତି ପ୍ରଦାନ କରିଛି। ଫାଇନାଲ ଦିନ ଅହମ୍ମଦାବାଦରେ ବର୍ଷା ହେବାର ପ୍ରାୟ କୌଣସି ସମ୍ଭାବନା ନାହିଁ। ପାଣିପାଗ ବିଭାଗ ଅନୁଯାୟୀ, ଆକାଶ ସ୍ୱଚ୍ଛ ରହିବ ଏବଂ ମ୍ୟାଚ୍ ବିନା ବାଧାରେ ଖେଳାଯିବାର ଆଶା କରାଯାଉଛି।ବର୍ଷାର କୌଣସି ଆଶଙ୍କା ନଥିଲେ ମଧ୍ୟ, ଗରମ ଖେଳାଳିମାନଙ୍କ ପାଇଁ ଏକ ଚ୍ୟାଲେଞ୍ଜ ସୃଷ୍ଟି କରିପାରେ। ଦିନବେଳା ଅହମ୍ମଦାବାଦରେ ସର୍ବାଧିକ ତାପମାତ୍ରା ପ୍ରାୟ ୪୦ ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ପହଞ୍ଚିପାରେ। ରାତିରେ ତାପମାତ୍ରା ପ୍ରାୟ ୨୩ ଡିଗ୍ରୀ ସେଲସିୟସକୁ ଟିକିଏ ହ୍ରାସ ପାଇବାର ଆଶା କରାଯାଉଛି। ମ୍ୟାଚ୍ ସନ୍ଧ୍ୟା ୭ ଟାରେ ଆରମ୍ଭ ହେବ, ତେଣୁ ଦିନବେଳା ତୀବ୍ର ଗରମ କିଛିଟା ହ୍ରାସ ପାଇପାରେ।ଯଦିଓ ପାଗ ସ୍ୱଚ୍ଛ ରହିବ ବୋଲି ଆଶା କରାଯାଉଛି, ଯେକୌଣସି ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ବ୍ୟବସ୍ଥା କରିସାରିଛି। ମ୍ୟାଚ୍ ବାଧାପ୍ରାପ୍ତ ହେବା ପାଇଁ ଯେକୌଣସି କାରଣରୁ ଏକ ରିଜର୍ଭ ଡେ ମଧ୍ୟ ରଖାଯାଇଛି।ଯଦି ମ୍ୟାଚ୍ ୮ ତାରିଖରେ ସମାପ୍ତ ହୋଇପାରିବ ନାହିଁ, ତେବେ ୯ ମାର୍ଚ୍ଚକୁ ରିଜର୍ଭ ଡେ ଭାବରେ ନାମିତ କରାଯାଇଛି। ଏହା ବ୍ୟତୀତ, ଉଭୟ ଦଳକୁ ମ୍ୟାଚ୍ ସମାପ୍ତ କରିବା ପାଇଁ ଅତିରିକ୍ତ ୧୨୦ ମିନିଟ ଦିଆଯାଇଛି, ଯାହା ଦ୍ୱାରା ପ୍ରତ୍ୟେକ ଦଳ ଅତି କମରେ ୧୦ ଓଭର ଖେଳିପାରିବେ।

# ବୁମରାଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ଉତ୍ସର୍ଗ କଲେ ସଞ୍ଜୁ

ମୁମ୍ବାଇ,୬।୩: ସଞ୍ଜୁ ସାମସନଙ୍କ ବିସ୍ଫୋରକ ବ୍ୟାଟିଂ ଏବଂ ବୋଲରଙ୍କ ଉପଯୋଗୀ ଅବଦାନ ବଳରେ ଭାରତ ଗୁରୁବାର ଅନୁଷ୍ଠିତ ଟି୨୦ ବିଶ୍ୱକପର ଦ୍ୱିତୀୟ ସେମିଫାଇନାଲରେ ଇଂଲଣ୍ଡକୁ ୭ ରନରେ ହରାଇ ଫାଇନାଲରେ ପ୍ରବେଶ କରିଛି। ଅନ୍ୟପକ୍ଷେ ମ୍ୟାଚ୍‌ରେ ଠିକଣା ସମୟରେ ଘାତକ ବୋଲିଂ କରି ପ୍ରତିପକ୍ଷ ବ୍ୟାଟରଙ୍କୁ ବଡ଼ ଶଟ୍ ଖେଳିବାରୁ ରୋକିଥିବା ଯଶପ୍ରୀତ ବୁମରାଙ୍କ ଲାଗି ସଞ୍ଜୁ ସାମସନ ତାଙ୍କ ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ଉତ୍ସର୍ଗ କରିଛନ୍ତି।ସମସ୍ତ ଶ୍ରେୟର ଅଧିକାରୀ। ମୋ ମତରେ ସେ ଜଣେ ବିଶ୍ୱସ୍ତରୀୟ ବୋଲର ଓ ଏକ ପିଢ଼ିରେ ଥରେ ସୃଷ୍ଟି ହେଉଥିବା ଜଣେ ଅସଲ ଖେଳାଳି। ସେ ମ୍ୟାଚ୍‌ରେ ଯେଉଁଭଳି ବୋଲିଂ କରିଥିଲେ, ସେଥିଲାଗି ସେ ଏହି ପୁରସ୍କାରର ହକ୍‌ଦାର। ଯଦି ଡେଥ୍ ଓଭରରେ ସେ ଉଚିତ ଲାଇନରେ ବୋଲିଂ କରି ନ ଥାନ୍ତେ, ମୁଁ ଏଠାରେ ନ ଥାନ୍ତି। ଏଣୁ ସମସ୍ତ ଶ୍ରେୟ ବୋଲରଙ୍କୁ ଦିଆଯିବା ଦରକାର' ବୋଲି ସାମସନ କହିଛନ୍ତି।



ଏହାବାଦ ସେ ତାଙ୍କ ବ୍ୟାଟିଂ ସମ୍ପର୍କରେ କହିଛନ୍ତି, ଅବିଶ୍ୱସନୀୟ ଅନୁଭବ ହେଉଛି। ଆମେ ଏଠାରେ ଜିତିବାକୁ ଚାହୁଁଥିଲୁ। ଗତ ମ୍ୟାଚ୍‌ରେ ମୁଁ ମୋ ଫର୍ମ ଫେରିପାଇଥିଲି। ନିଜ ଫର୍ମର ଅଧିକରୁ ଅଧିକ ଫାଇଦା ଉଠାଇବାକୁ ଚାହୁଁଥିଲି। ଏଥିଯୋଗୁ ନିଜକୁ ଅତିରିକ୍ତ ସମୟ ଦେଇଥିଲି। ମୁଁ କାଲକ୍ୟୁଲେଟ ଇନିଂସ ଗଢ଼ିଥିଲି। ଇନିଂସ ଆରମ୍ଭରୁ ମୋତେ ଭାଗ୍ୟ ସାଥ ଦେଇଥିଲା। ଆମକୁ ଜଣାଥିଲା ଯେ, ଏଠାରେ କୌଣସି ସ୍କୋର ସୁରକ୍ଷିତ ନୁହେଁ। ଏଣୁ ଆମେ ଯଥା ସମ୍ଭବ ଅଧିକରୁ ଅଧିକ ସ୍କୋର କରିବାକୁ ଚାହୁଁଥିଲୁ। ଏପରିକି ଏଠାରେ ୨୫୦ ଟାର୍ଗେଟ ମଧ୍ୟ ହାସଲ କରି ହେବ। ଇଂଲଣ୍ଡ ଖୁବ ଭଲ ଖେଳିଲା।

# ଇଂଲଣ୍ଡର ବିଦାୟ ପାଇଁ ଦଳକୁ ସମାଲୋଚନା କଲେ ବ୍ରୁକ

ନୂଆଦିଲ୍ଲୀ,୬।୩: ଗୁରୁବାର ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ଟି୨୦ ବିଶ୍ୱକପ ୨୦୨୬ର ସେମିଫାଇନାଲ ମ୍ୟାଚ୍ ଏକ ବ୍ଲକବଷ୍ଟର ସିନେମା ପରି ଥିଲା। ଭାରତ ଏକ ରୋମାଞ୍ଚକର ମ୍ୟାଚ୍‌ରେ ଇଂଲଣ୍ଡକୁ ୭ରନରେ ପରାସ୍ତ କରି ଫାଇନାଲରେ ସ୍ଥାନ ପକ୍କା କରିଥିଲା।



ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚ୍‌ରେ, ଭାରତ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୭ ୱିକେଟ ହରାଇ ୨୫୩ ରନ କରିଥିଲା। ଜବାବରେ, ଇଂଲଣ୍ଡ ୨୦ ଓଭରରେ ୭ ୱିକେଟ ହରାଇ କେବଳ ୨୪୬ ରନ କରିପାରିଥିଲା। ଏହି ସୁପରହିଟ ମ୍ୟାଚ୍ ପରେ, ଇଂଲଣ୍ଡ ଅଧିନାୟକ ହ୍ୟାରି ବ୍ରୁକ ତାଙ୍କ ଭୁଲ ସ୍ୱୀକାର କରିଥିଲେ, ଯାହା ତାଙ୍କ ଦଳକୁ ଫାଇନାଲରେ ସ୍ଥାନ ହରାଇବାକୁ ପଡିଥିଲା।

ବ୍ରୁକ ମ୍ୟାଚ୍ ପରେ କହିଥିଲେ ଯେ ଇଂଲଣ୍ଡ ପ୍ରାରମ୍ଭିକ ପରିସ୍ଥିତିକୁ ବୁଝିବାରେ ଭୁଲ କରିଥିଲା ଏବଂ ପଢ଼ିଆରେ ସେମାନଙ୍କର ଯୋଜନା କାର୍ଯ୍ୟକାରୀ କରିବାରେ ବିଫଳ ହୋଇଥିଲା। ଇଂଲିଶ ଅଧିନାୟକ କହିଛନ୍ତି, 'ଆମେ ଭାବିଥିଲୁ ଯେ ବଲ ପିଚ୍‌ରେ ବନ୍ଦ ହୋଇଯିବ। ବିଶେଷକରି ପ୍ରଥମ ଇନିଂସରେ, ବଲ ଘୂରିବ। କିନ୍ତୁ ବଲ ଭଲ ଭାବରେ ବ୍ୟାଟ ଉପରେ ଖସିଗଲା, ଏବଂ ଭାରତ ଚମତ୍କାର ବ୍ୟାଟିଂ କଲା।

ବ୍ରୁକ ଆହୁରି କହିଛନ୍ତି, 'ମୁଁ ସଞ୍ଜୁ ସାମସନଙ୍କ କ୍ୟାଚ୍ ଛାଡ଼ିବା ମୋର ସବୁଠାରୁ ବଡ଼ ଭୁଲ ବୋଲି ଭାବୁଛି। ଆମେ ଫିଲ୍ଡିଂରେ ଭଲ ପ୍ରଦର୍ଶନ କରିନଥିଲୁ। ଆମେ ଭୁଲ କରିଥିଲୁ, ଏବଂ ଭାରତ ବିପକ୍ଷ ମ୍ୟାଚ୍‌ରେ ଏହା ଗ୍ରହଣୀୟ ନୁହେଁ।'ତଥାପି, ପରାଜୟ ସତ୍ତ୍ୱେ, ବ୍ରୁକ ତାଙ୍କର ପ୍ରଥମ ଟି-୨୦ ଅନ୍ତର୍ଜାତୀୟ ଶତକ ହାସଲ କରିଥିବା ଯୁବ ବ୍ୟାଟ୍ସମ୍ୟାନ ଜାକବ ବେଥେଲଙ୍କୁ ପ୍ରଶଂସା କରିଥିଲେ। ବ୍ରୁକ କହିଛନ୍ତି ଯେ ବେଥେଲ ନିର୍ଭିକ ଭାବରେ ଖେଳିଥିଲେ ଏବଂ ପ୍ରଥମ ବଲରୁ ବୋଲରମାନଙ୍କ ଉପରେ ପ୍ରାଧାନ୍ୟ ବିସ୍ତାର କରିଥିଲେ।ଇଂଲିଶ ଅଧିନାୟକ କହିଛନ୍ତି, 'ବେଥେଲ ଏକ ଅବିଶ୍ୱସନୀୟ ଇନିଂସ ଖେଳିଥିଲେ। ସେ ପ୍ରଥମ ବଲରୁ ଆକ୍ରମଣ ଆରମ୍ଭ କରିଥିଲେ ଏବଂ ବିଶ୍ୱକୁ ଦେଖାଇଥିଲେ ଯେ ସେ କ'ଣ କରିପାରିବେ। ଆମର ଏକ ଭଲ ଟୁର୍ଣ୍ଣାମେଣ୍ଟ ଥିଲା। ଆମେ ଯେମିତି ଖେଳିଲୁ ସେଥିରେ ମୁଁ ଗର୍ବିତ।' ଆମେ ସାରା ମ୍ୟାଚ୍ ରେ ଆମର ସ୍ଥିତି ବଜାୟ ରଖିଥିଲୁ, କିନ୍ତୁ ଦୁର୍ଭାଗ୍ୟବଶତଃ, ଆମେ ଜିତିପାରିଲୁ ନାହିଁ।' ଇଂଲଣ୍ଡ ଟସ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ସଞ୍ଜୁ ସାମସନ (୮୯୬)ଙ୍କ ଏକ ଚମତ୍କାର ଇନିଂସ ବଳରେ ଭାରତ ୨୦ ଓଭରରେ ୭ ୱିକେଟ ହରାଇ ୨୫୩ ରନ କରିଥିଲା। ଜବାବରେ ଇଂଲଣ୍ଡ ଏକ ଦୃଢ଼ ପ୍ରତିରୋଧ କରିଥିଲା କିନ୍ତୁ ବିଜୟ ସୁନିଶ୍ଚିତ କରିପାରିନଥିଲା। ଜ୍ୟାକବ ବେଥେଲ (୧୦୫)ଙ୍କ ଶତକ ସାହାଯ୍ୟ କରିନଥିଲା। ସେ ୪୮ ବଲରେ ୧୦୫ରନ କରିଥିଲେ, ଯେଉଁଥିରେ ଆଠଟି ଚୌକା ଏବଂ ସାତଟି ଛକା ଥିଲା।

# ହୃଦୟ ଜିତିଲେ ଜୟ ଶାହା

**ଯୁଦ୍ଧ ଯୋଗୁ ଭାରତରେ ଫସି ରହିଥିବା ବିଦେଶୀ ଦଳକୁଁ**

ନୂଆଦିଲ୍ଲୀ,୬।୩: ୨୦୨୬ ଟି-୨୦ ବିଶ୍ୱକପ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। କେବଳ ଫାଇନାଲ ମ୍ୟାଚ୍ ବାକି ଅଛି, ନ୍ୟୁଜିଲାଣ୍ଡ ଏବଂ ଭାରତ ମାର୍ଚ୍ଚ ୮ ତାରିଖରେ ଖେଳିବାକୁ ଯାଉଛି। ସୁପର ୮ ରାଉଣ୍ଡରେ ଭାରତଠାରୁ ହାରିବା ପରେ ଟୁର୍ନାମେଣ୍ଟରୁ ବାଦ ପଡ଼ିଥିବା ୱେଷ୍ଟଇଣ୍ଡିଜ ଖେଳାଳିମାନେ ଏବେ ବି ଭାରତରେ ଫସି ରହିଛନ୍ତି। ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ଯୋଗୁ ଆକାଶପଥ ବନ୍ଦ ହୋଇଯାଇଛି, ଯାହା ଦଳଗୁଡ଼ିକ ଘରକୁ ଫେରିବା କଷ୍ଟକର କରିଦେଇଛି। ଏହି ସମୟରେ, ଆଇସିସି ଅଧକ୍ଷ ଜୟ ଶାହା ପୁଣି ଥରେ ଏପରି କିଛି କରିଛନ୍ତି ଯାହା ତାଙ୍କୁ ବ୍ୟାପକ ପ୍ରଶଂସା କରିଛି। ସୂଚନା ଅନୁଯାୟୀ, ୱେଷ୍ଟଇଣ୍ଡିଜ ଦଳର ଘରକୁ ଫେରିବା ପାଇଁ ଓଡଉ ସ୍ୱତନ୍ତ୍ର ବ୍ୟବସ୍ଥା କରିଛି। ଦଳ ଶୁକ୍ରବାର ଚାର୍ଟର୍ଡ ଫ୍ଲାଇଟ ମାଧ୍ୟମରେ ପ୍ରସ୍ଥାନ କରିବ। ଏହି ବିଷୟରେ ଏକ ସୂତ୍ର କହିଛି ଯେ ୱେଷ୍ଟଇଣ୍ଡିଜ ଶୁକ୍ରବାର ଚାର୍ଟର୍ଡ ଫ୍ଲାଇଟ ମାଧ୍ୟମରେ ପ୍ରସ୍ଥାନ କରିବ। ଅନ୍ୟ ଏକ ସୂତ୍ର କହିଛି ଯେ ଓଡଉ ଅଧକ୍ଷ ଜୟ ଶାହା ଏବଂ ସିଇଓ ସଂଯୋଗ ଗୁପ୍ତା ୱେଷ୍ଟଇଣ୍ଡିଜ ଦଳର ସୁରକ୍ଷିତ ଘରକୁ ଫେରିବା ସୁନିଶ୍ଚିତ କରିବା ପାଇଁ ସେମାନଙ୍କ ସହିତ ନିରନ୍ତର ଯୋଗାଯୋଗରେ ଅଛନ୍ତି।

# ଟି-୨୦ ବିଶ୍ୱକପରେ ୮ ଶ୍ରେଷ୍ଠ ଖେଳାଳି

ନୂଆଦିଲ୍ଲୀ,୬।୩: ଓଡଉ ଟି୨୦ ବିଶ୍ୱକପ ୨୦୨୬ ଏବେ ଏହାର ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଭାରତ ଏବଂ ନ୍ୟୁଜିଲାଣ୍ଡ ଟୁର୍ନାମେଣ୍ଟର ଶେଷ ମ୍ୟାଚ୍‌ରେ ପରସ୍ପରକୁ ଭେଟିବେ। ଏହି ମହାମୁକାବିଲା ମ୍ୟାଚ୍ ରବିବାର, ୮ ମାର୍ଚ୍ଚରେ ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଖେଳାଯିବ। ତଥାପି, ଫାଇନାଲ ମ୍ୟାଚ୍ ପୂର୍ବରୁ, ସମଗ୍ର ଟୁର୍ନାମେଣ୍ଟରେ ଅସାଧାରଣ ଭଲ ପ୍ରଦର୍ଶନ କରିଥିବା ଆଠ ଜଣ ଖେଳାଳିଙ୍କୁ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଁ ସଂକ୍ଷିପ୍ତ ତାଲିକାଭୁକ୍ତ କରାଯାଇଛି। ଏହି ତାଲିକାରେ ଟିମ ଇଣ୍ଡିଆର ଷ୍ଟାର ଉଇକେଟ୍ କିପର-ବ୍ୟାଟ୍ସମ୍ୟାନ ସଞ୍ଜୁ ସାମସନ ମଧ୍ୟ ସାମିଲ ଅଛନ୍ତି, ଯିଏ ତାଙ୍କର ଶେଷ ଦୁଇଟି ମ୍ୟାଚ୍‌ରେ ବିସ୍ଫୋରକ ଇନିଂସ ଖେଳିଥିଲେ। ପାକିସ୍ତାନ ଓପନର୍ ସାହିବଜାଦା ଫରହାନଙ୍କୁ ମଧ୍ୟ ସଂକ୍ଷିପ୍ତ ତାଲିକାଭୁକ୍ତ କରାଯାଇଛି। ଆସନ୍ତୁ ଜାଣିବା ପ୍ଲେୟାର ଅଫ ଦ ଟୁର୍ନାମେଣ୍ଟ ପୁରସ୍କାର ପାଇଁ ସଂକ୍ଷିପ୍ତ ତାଲିକାଭୁକ୍ତ ହୋଇଥିବା ଆଠ ଜଣ ଖେଳାଳିଙ୍କ ବିଷୟରେ

**୧. ୱିଲ ଜ୍ୟାକ୍ସ – ଇଂଲଣ୍ଡ**

ଇଂଲଣ୍ଡ ଅଲରାଉଣ୍ଡର୍ ୱିଲ ଜ୍ୟାକ୍ସ ଟି୨୦ ବିଶ୍ୱକପରେ ଆଠଟି ମ୍ୟାଚ୍ ମଧ୍ୟରୁ ଛଅଟିରେ ତାଙ୍କ ଦଳର ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ, ଚାରୋଟି ପ୍ଲେୟାର ଅଫ ଦି ମ୍ୟାଚ୍ ସମ୍ମାନ ଅର୍ଜନ କରିଥିଲେ। ସେ ୮ଟି ମ୍ୟାଚ୍‌ରେ ୧୭୬.୫୬ ଷ୍ଟ୍ରାଇକ ରେଟ ସହିତ ମୋଟ ୨୨୬ ରନ କରିଥିଲେ। ଜଣେ ଅଫ-ସ୍ପିନ ବୋଲର ଭାବରେ, ଜ୍ୟାକ୍ସ ମଧ୍ୟ ଇଂଲଣ୍ଡ ଦଳ ପାଇଁ ୯ ଉଇକେଟ୍ ନେଇଥିଲେ।

୨. ସାହିବଜାଦା ଫରହାନ – ପାକିସ୍ତାନ

୨୦୨୬ ଆଇସିସି ଟି୨୦ ବିଶ୍ୱକପରେ ପାକିସ୍ତାନର ପ୍ରଦର୍ଶନ ନିରାଶାଜନକ ଥିଲା, କିନ୍ତୁ ସମଗ୍ର ଟୁର୍ନାମେଣ୍ଟରେ ଚମକୁଥିବା ଏକମାତ୍ର ପାକିସ୍ତାନୀ ଖେଳାଳି ଫରହାନ ୬ ଇନିଂସରେ ୭୬.୬୦ ହାରରେ ୩୮୩ ରନ କରିଥିଲେ, ଯାହା ଗୋଟିଏ ଟି୨୦ ବିଶ୍ୱକପରେ ସର୍ବାଧିକ ରନ କରିବାର ରେକର୍ଡ ସ୍ଥାପନ କରିଥିଲା। ଫରହାନ ଗୋଟିଏ ଟି୨୦ବିଶ୍ୱକପରେ ଦୁଇଟି ଶତକ ମାରିଥିବା ପ୍ରଥମ ଖେଳାଳି ମଧ୍ୟ ହୋଇଥିଲେ। ସେ ଶ୍ରୀଲଙ୍କା ଏବଂ ନାମ୍ବିଆ ବିରୁଦ୍ଧରେ ଶତକ କରିଥିଲେ।

୩. ଲୁଙ୍ଗି ଏନଗିଡି – ଦକ୍ଷିଣ ଆଫ୍ରିକା

୨୦୨୬ ଆଇସିସି ଟି୨୦ ବିଶ୍ୱକପରେ ଦକ୍ଷିଣ ଆଫ୍ରିକା ପାଇଁ ଲୁଙ୍ଗି ଏନଗିଡି ସବୁଠାରୁ ସଫଳ ବୋଲର ଥିଲେ। ସେ ୭ ମ୍ୟାଚ୍‌ରେ ୧୨ ଉଇକେଟ୍ ନେଇଥିଲେ। ଏନଗିଡି କାନାଡା ବିରୁଦ୍ଧରେ ଚାରି ଉଇକେଟ ସହିତ ଟୁର୍ନାମେଣ୍ଟ ଆରମ୍ଭ କରିଥିଲେ, ତା'ପରେ ଆଫଗାନିସ୍ତାନ ବିରୁଦ୍ଧରେ ତିନୋଟି ଉଇକେଟ ନେଇଥିଲେ।

୪. ଏଡେନ ମାର୍କ୍ରମ – ଦକ୍ଷିଣ ଆଫ୍ରିକା

ଦକ୍ଷିଣ ଆଫ୍ରିକା ଅଧିନାୟକ ଏଡେନ ମାର୍କରାମ ତାଙ୍କ ଚମତ୍କାର ବ୍ୟାଟିଂ ବଳରେ ୨୦୨୬ ଟି୨୦ ବିଶ୍ୱକପର ସେମିଫାଇନାଲରେ ପ୍ରୋଫାଇଲ୍ସ ଦଳକୁ ନେତୃତ୍ୱ ଦେଇଥିଲେ। ସେ ଆଠଟି ମ୍ୟାଚ୍‌ରେ ତିନୋଟି ଅର୍ଦ୍ଧଶତକ ସହିତ ୨୮୬ ରନ କରିଥିଲେ। କିନ୍ତୁ, ସେମିଫାଇନାଲରେ ନ୍ୟୁଜିଲାଣ୍ଡଠାରୁ ୯ ଉଇକେଟ୍ ହାରିବା ପରେ ମାର୍କ୍ରମଙ୍କ ନେତୃତ୍ୱରେ ଦକ୍ଷିଣ ଆଫ୍ରିକା ଟୁର୍ନାମେଣ୍ଟରୁ ବାଦ୍ ପଡ଼ିଥିଲା।

୫. ରାଚିନ ରବିନ୍ଦ୍ର – ନ୍ୟୁଜିଲ୍ୟାଣ୍ଡ

ନ୍ୟୁଜିଲାଣ୍ଡ ଅଲରାଉଣ୍ଡର୍ ରାଚିନ ରବିନ୍ଦ୍ର ଏହି ଟି୨୦ ବିଶ୍ୱକପରେ ବ୍ୟାଟ ଏବଂ ବଲ ଉଭୟରେ କିୱି ଦଳକୁ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇଛନ୍ତି। ପାକିସ୍ତାନ ବିପକ୍ଷ ପ୍ରଥମ ସୁପର ୮ ମ୍ୟାଚ୍ ବର୍ଷା ଯୋଗୁ ପରିତ୍ୟକ୍ତ ହେବା ପରେ, ରାଚିନ ଶ୍ରୀଲଙ୍କା ବିପକ୍ଷ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡକୁ ନେତୃତ୍ୱ ଦେଇଥିଲେ। ସେ ୩୩୨ ରନ କରିଥିଲେ ଏବଂ ୪/୨୭ ନେଇଥିଲେ ଯାହା ଶ୍ରୀଲଙ୍କାକୁ ୧୦୭/୮ ରେ ସୀମିତ କରିଥିଲା। ସେ ଇଂଲଣ୍ଡ ବିପକ୍ଷ ପରବର୍ତ୍ତୀ ମ୍ୟାଚ୍‌ରେ ୩/୧୯ ନେଇଥିଲେ, କିନ୍ତୁ ତାଙ୍କ ଦଳ ହାରିଯାଇଥିଲା।

**୬. ଶାଡଲି ଭାନ ଶାଲକ୍ୱିକ – ଆମେରିକା**

ଯଦିଓ ଆମେରିକା ୨୦୨୬ ଟି୨୦ ବିଶ୍ୱକପ ଗ୍ରୁପ ପର୍ଯ୍ୟାୟରୁ ବାଦ ପଡ଼ିଥିଲା, ତଥାପି ଶାଡଲି ଭାନ ଶାଲକ୍ୱିକ ଟୁର୍ନାମେଣ୍ଟରେ ଅସାଧାରଣ ଭାବରେ ଭଲ ପ୍ରଦର୍ଶନ କରିଥିଲେ। ଆମେରିକୀୟ ଦ୍ରୁତ ବୋଲର ମାତ୍ର ଚାରିଟି ମ୍ୟାଚ୍‌ରେ ମୋଟ ୧୩ ଉଇକେଟ୍ ନେଇଥିଲେ। ଭାନ ଶାଲକ୍ୱିକ ଫେବୃଆରୀ ୭ ତାରିଖରେ ଭାରତ ବିପକ୍ଷରେ ଚାରି ଉଇକେଟ୍ ନେଇ ଟି୨୦ ବିଶ୍ୱକପ ୨୦୨୬ ଆରମ୍ଭ କରିଥିଲେ ଏବଂ ପରବର୍ତ୍ତୀ ମ୍ୟାଚ୍‌ରେ ପାକିସ୍ତାନ ବିପକ୍ଷରେ ଚାରି ଉଇକେଟ୍ ମଧ୍ୟ ନେଇଥିଲେ।

୭. ଟିମ ସେଫର୍ଟ – ନ୍ୟୁଜିଲାଣ୍ଡ

ନ୍ୟୁଜିଲାଣ୍ଡର ବିସ୍ଫୋରକ ପ୍ରାରମ୍ଭିକ ବ୍ୟାଟ୍ସମ୍ୟାନ ଟିମ ସେଫର୍ଟ କିୱିମାନଙ୍କୁ ୨୦୨୬ ଟି୨୦ ବିଶ୍ୱକପ ଫାଇନାଲ ପହଞ୍ଚିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେ ଆଠଟି ମ୍ୟାଚ୍‌ରେ ମୋଟ ୨୭୪ ରନ କରିଛନ୍ତି। ସେଫର୍ଟ ଆଫଗାନିସ୍ତାନ ଏବଂ ୟୁଏଇ ବିପକ୍ଷରେ ଅର୍ଦ୍ଧଶତକ ସହିତ ଟୁର୍ଣ୍ଣାମେଣ୍ଟ ଆରମ୍ଭ କରିଥିଲେ, କିନ୍ତୁ ଦକ୍ଷିଣ ଆଫ୍ରିକା ବିପକ୍ଷ ସେମିଫାଇନାଲ୍‌ରେ ତାଙ୍କର ୫୮ ରନ୍ର ଇନିଂସ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଥିଲା। ଓପନର ସିଫର୍ଟ ଫିନ ଆଲେନଙ୍କ ସହ ୧୧୭ ରନର ଭାଗୀଦାରି କରିଥିଲେ, ଯାହା ଫଳରେ ନ୍ୟୁଜିଲାଣ୍ଡ ୧୩ ଓଭର ମଧ୍ୟରେ ୧୭୦ ରନର ଲକ୍ଷ୍ୟ ହାସଲ କରିବାରେ ସାହାଯ୍ୟ କରିଥିଲା।

**୮. ସଞ୍ଜୁ ସାମସନ – ଭାରତ**

ଟିମ ଇଣ୍ଡିଆର ଷ୍ଟାର ଉଇକେଟ୍‌କିପର-ବ୍ୟାଟ୍ସମ୍ୟାନ ସଞ୍ଜୁ ସାମସନ ୨୦୨୬ ଆଇସିସି ଟି୨୦ ବିଶ୍ୱକପରେ ଉତ୍କୃଷ୍ଟ ଫର୍ମରେ ଅଛନ୍ତି। ସାମସନ ଭାରତର ଶେଷ ଦୁଇଟି ମ୍ୟାଚ୍‌ରେ ସ୍ଥିର ପ୍ରଦର୍ଶନ କରିଥିଲେ, ଯାହା ତାଙ୍କୁ ଉଭୟରେ ପ୍ଲେୟାର ଅଫ ଦ ମ୍ୟାଚ୍ ପୁରସ୍କାର ଦେଇଥିଲା। ସାମସନ ୱେଷ୍ଟଇଣ୍ଡିଜ ବିପକ୍ଷରେ ଏକ ଗୁରୁତ୍ୱପୂର୍ଣ୍ଣ ସୁପର ୮ ମ୍ୟାଚ୍‌ରେ ମାତ୍ର ୫୦ ବଲରେ ଅପରାଜିତ ୯୭ ରନ କରିଥିଲେ ଏବଂ ତା'ପରେ ଇଂଲଣ୍ଡ ବିପକ୍ଷରେ ସେମିଫାଇନାଲରେ ୪୨ ବଲରେ ଦ୍ରୁତ ୮୯ ରନ କରି ଟିମ ଇଣ୍ଡିଆକୁ ବିଜୟୀ କରାଇଥିଲେ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ